# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩୦/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 30/2025 Page 14 ₹ 7.00 | BERHAMPUR

୫୧ଶ ଭାଗ ୨୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 275 ମୂଲ୍ୟ₹୭/-




## ଅନିମେଶ ଶ୍ରେଷ୍ଠ କ୍ରୀଡ଼ାବିତ୍


ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଓଡ଼ିଶା ଏଚ୍‌ପିସି ସ୍ପ୍ରିଣ୍ଟର ଅନିମେଶ କୁଜୁରଙ୍କୁ ଶୁକ୍ରବାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି।

୧୨

୦୨

## ଉଦ୍ୟୋଗପତି ଭୂମିକାରେ ତମନ୍ନା

ଅଭିନେତ୍ରୀ ତମନ୍ନା ଭାଟିଆଙ୍କ ଆଗାମୀ ୱେବ୍ ସିରିଜ୍ 'ଡୁ ୟୁ ୱାନା ପାର୍ଟନର'ର ଟ୍ରେଲର ଶୁକ୍ରବାର ରିଲିଜ୍ ହୋଇଛି। ଏଥିରେ ସେ ଉଦ୍ୟୋଗପତି ଭୂମିକାରେ ନଜରକୁ ଆସିଛନ୍ତି।





ଭୁବନେଶ୍ୱର ଲୋକସେବା ଭବନ ସମ୍ମେଳନ କକ୍ଷରେ ଶୁକ୍ରବାର ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କରମର୍ଦ୍ଦନ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। **(ଫଟୋ–ବିକାଶ ନାୟକ)** (ରିପୋର୍ଟ, ଫଟୋ: ପୃଷ୍ଠା–୩)

# ୧ ଡଲାର=୮୮.୨୦ ଟଙ୍କା

## ଟ୍ରମ୍ପ୍ ଟାରିଫ୍‌ରୁ ଭାରତୀୟ ମୁଦ୍ରା ସର୍ବନିମ୍ନ ସ୍ତରରେ



**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ବସାଇଥିବା ଟାରିଫ୍‌ର ସବୁଠୁ ବଡ଼ ଧକ୍କା ଟଙ୍କାକୁ ପହଞ୍ଚିଛି। ଏଥିଯୋଗୁ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ଦର ବଢ଼ିଯାଇଛି। ପରିଣତି ସ୍ୱରୂପ, ସେଠାକାର ବ୍ୟବସାୟିକ ସଂସ୍ଥା କମ୍ ଟାରିଫ୍ ରହିଥିବା ରାଷ୍ଟ୍ରରୁ ସାମଗ୍ରୀ ଆବଦାନୀ କରିବାକୁ ପସନ୍ଦ କରିଛନ୍ତି। କମ୍ ଟାରିଫ୍ ଲାଗିଲେ ସାମଗ୍ରୀ ଦର ଭାରତ ତୁଳନାରେ ଅପେକ୍ଷାକୃତ୍ କମ୍ ରହୁଛି। ଫଳରେ ଭାରତୀୟ ରପ୍ତାନି ବାଧାପ୍ରାପ୍ତ ହୋଇଛି। ଏହାର ପ୍ରଭାବ ସିଧାସଳଖ ଭାରତୀୟ ମୁଦ୍ରା ଉପରେ ପଡ଼ିବାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ସର୍ବନିମ୍ନ ସ୍ତରକୁ ଆସିଯାଇଛି, ଯାହା ଭାରତୀୟ ଅର୍ଥନୀତିକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି ବୋଲି ଅର୍ଥନୀତିଜ୍ଞ ଓ ବଜାର ବିଶେଷଜ୍ଞମାନେ ମତ ଦେଲେଣି।**

ମୁମ୍ବାଇ/ନୂଆଦିଲ୍ଲୀ, ୨୯।୮

ଭାରତୀୟ ଟଙ୍କା ଶୁକ୍ରବାର ସର୍ବକାଳୀନ ନିମ୍ନସ୍ତରକୁ ଖସି ଡଲାର ତୁଳନାରେ ୦.୬୦ ପଏଣ୍ଟ (୦.୭୦%) ଦୁର୍ବଳ ହୋଇଯାଇଛି। ଡଲାର ସହ ଟଙ୍କାର ବିନିମୟ ମୂଲ୍ୟ ପ୍ରାୟ ୮୮.୨୦ ଟଙ୍କାରେ ପହଞ୍ଚିଛି। ଏହା ହେଉଛି ଗତ ୩ ମାସ ମଧ୍ୟରେ ଦିନକ ଭିତରେ ଟଙ୍କାର ସର୍ବାଧିକ ଅବକ୍ଷୟ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ୫୦% ଟାରିଫ୍ ଯୋଗୁ ଭାରତୀୟ ଟଙ୍କାର ଏଭଳି ଐତିହାସିକ ଦୁରବସ୍ଥା ଉପୁଜିଥିବା କୁହାଯାଉଛି। ଆମେରିକାକୁ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଟ୍ରମ୍ପ୍‌ଙ୍କ ୨୫% ☞ପୃଷ୍ଠା–୪

## ୧ମ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭.୮%

ନୂଆଦିଲ୍ଲୀ, ୨୯।୮

ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକ ଅର୍ଥାତ୍ ଏପ୍ରିଲ–ଜୁନ୍‌ରେ ଭାରତୀୟ ଅର୍ଥନୀତି ୭.୮% ରହିଥିଲା, ଯାହାକି ଗତ ୫ କ୍ୱାର୍ଟର୍ସରେ ସର୍ବାଧିକ ବୋଲି କେନ୍ଦ୍ର ସରକାରଙ୍କ ତଥ୍ୟରୁ ଜଣାପଡ଼ିଛି। ଆମେରିକା ପକ୍ଷରୁ ୫୦% ଟାରିଫ୍ କଷାଯିବା ପୂର୍ବରୁ ଅଭିବୃଦ୍ଧିରେ ଏପରି ଉନ୍ନତି ପରିଲକ୍ଷିତ ହୋଇଛି। କୃଷି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନକୁ ଜିଡିପି ଅଭିବୃଦ୍ଧି ପାଇଁ ଦାୟୀ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ପରୀକ୍ଷାର ସମୟ




## ସଂକ୍ଷେପରେ

### ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା, ୮ ମୃତ

ଡେରାଡୁନ୍, ୨୯।୮

ଉତ୍ତରାଖଣ୍ଡର ଏକାଧିକ ସ୍ଥାନରେ ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ବାଦଲଫଟା ବର୍ଷା ଏବଂ ଭୂସ୍ଖଳନ ଘଟି ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏକ ଡଜନରୁ ଅଧିକ ଲୋକ ନିଖୋଜ ରହିଛନ୍ତି। ମୃତକମାନେ ଚାମୋଲି, ବାଘେଶ୍ୱର ଏବଂ ରୁଦ୍ରପ୍ରୟାଗ ଜିଲାର ହୋଇଥିବା ଜଣାପଡ଼ିଛି। ନିରନ୍ତର ମୌସୁମୀ ବର୍ଷା ପ୍ରଭାବରେ ହେଉଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ରାଜ୍ୟର ଚାମୋଲି, ରୁଦ୍ରପ୍ରୟାଗ, ତେହରି, ବାଘେଶ୍ୱର ଆଦି ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବାଦଲଫଟା ବର୍ଷା ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟାରେ ବାଘେଶ୍ୱର ଜିଲାସ୍ଥିତ ଶିମୋତି ଗ୍ରାମର ୩ ଘର ଭାସିଯାଇଥିବା ବେଳେ ଅନେକ ସ୍ଥାନୀୟ ବାସିନ୍ଦା ନିଖୋଜ ରହିଛନ୍ତି।

### ୧ରେ ବିହାର ଏସ୍ଆଇଆର୍ ସମ୍ପର୍କିତ ଆବେଦନର ଶୁଣାଣି

ନୂଆଦିଲ୍ଲୀ, ୨୯।୮

ବିହାର ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ନେଇ ବିଭିନ୍ନ ଦାବି ଏବଂ ଆପତ୍ତି ଦାଖଲ କରିବାର ସମୟସୀମାକୁ ବୃଦ୍ଧି କରିବା ପାଇଁ ରାଷ୍ଟ୍ରୀୟ ଜନତା ଦଳ (ଆର୍ଜେଡି) ଏବଂ ଏଆଇଏମ୍ଆଇଏମ୍ ପକ୍ଷରୁ ଦାଖଲ ହୋଇଥିବା ପିଟିଶନର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ଶୁକ୍ରବାର ଆର୍ଜେଡି ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଏହି ମାମଲାକୁ ଜରୁରୀ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗ୍ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠକୁ ଅନୁରୋଧ କରିଥିଲେ। ସୋମବାର ଶୁଣାଣି ପାଇଁ ମାମଲାକୁ ତାଲିକାଭୁକ୍ତ କରିବାକୁ ଖଣ୍ଡପୀଠ ରାଜି ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ବିହାର ଏସ୍ଆଇଆର୍କୁ ନେଇ ୧ ଲକ୍ଷ ୭୫ ହଜାର ଆପତ୍ତି ଏବଂ ଦାବି ଦାଖଲ ହୋଇଥିବା ନେଇ ପ୍ରଶାନ୍ତ ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇଛନ୍ତି।

### ପାକ୍ ବନ୍ୟାରେ ୨୨ ମୃତ

ଲାହୋର, ୨୯।୮

ପାକିସ୍ତାନର ପୂର୍ବବର୍ତ୍ତୀ ନଦୀ ସତ୍ଲେଜ, ରାବି, ଚେନାବରେ ବନ୍ୟା ସ୍ଥିତି ସୃଷ୍ଟି ହୋଇ ଗମ୍ଭୀର ରୂପ ଧାରଣ କରିବାରେ ଲାଗିଛି। ବନ୍ୟାରେ ଶୁକ୍ରବାର ସୁଦ୍ଧା ୨୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ପଞ୍ଜାବ ପ୍ରଦେଶରେ ୧୭୦୦ ଗ୍ରାମ ଜଳମଗ୍ନ ହୋଇଯାଇଛି। ଶୁକ୍ରବାର ବନ୍ୟାଜଳ ଲାହୋର ସହରରେ ପ୍ରବେଶ କରିବା ସହ ସହରର ୯ଟି ଆବାସିକ ଅଞ୍ଚଳକୁ ଜଳମଗ୍ନ କରିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଉଦ୍ଧାରକାରୀ ଦଳ ଏବଂ ପାକିସ୍ତାନୀ ସେନା ପକ୍ଷରୁ ବର୍ତ୍ତମାନ ସୁଦ୍ଧା ବନ୍ୟା ପ୍ରଭାବିତ ଅଞ୍ଚଳରୁ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ନେଇ ପଞ୍ଜାବ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ବିକାଶ ମାର୍ଗଠାରେ ଶୁକ୍ରବାର ଟ୍ରାଫିକ୍ ଜାମ୍ ହୋଇଛି। (ଫଟୋ-ଚମନ ଗୌତମ)

## ଉର୍ଜିତ ପଟେଲ ଆଇଏମ୍ଏଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**୨ ବର୍ଷ ଆର୍ବିଆଇ ଗଭର୍ନର ଥିଲେ**

ନୂଆଦିଲ୍ଲୀ, ୨୯।୮

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ)ର ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ୩ ବର୍ଷ ପାଇଁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ୨୦୧୬ ସେପ୍ଟେମ୍ବରରେ ରଘୁରାମ ରାଜନଙ୍କ ପରେ ଆର୍ବିଆଇର ୨୪ତମ ଗଭର୍ନର ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ।



ତାଙ୍କ କାର୍ଯ୍ୟକାଳ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିମୁଦ୍ରୀକରଣ ଭଳି ବଡ଼ ନିଷ୍ପତ୍ତି ନିଆଯାଇଥିଲା। ୨୦୧୮ରେ ବ୍ୟକ୍ତିଗତ କାରଣ ଦର୍ଶାଇ ଉର୍ଜିତ ଇସ୍ତଫା ଦେଇଥିଲେ। ୯୦ ଦଶକରେ ୫ ବର୍ଷ ପାଇଁ ସେ ଆଇଏମ୍ଏଫ୍ରେ କାର୍ଯ୍ୟ କରିଥିଲେ। ୧୯୯୮ରୁ ୨୦୦୧ ପର୍ଯ୍ୟନ୍ତ ଉର୍ଜିତ ଅର୍ଥ ମନ୍ତ୍ରଣାଳୟର ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ସେ ପ୍ରତିଷ୍ଠିତ ୟେଲ୍ ୟୁନିଭର୍ସିଟିରୁ ଅର୍ଥନୀତିରେ ପିଏଚ୍ଡି କରିଛନ୍ତି।

# ଶାହାଙ୍କ ମୁଣ୍ଡ କାଟ: ମହୁଆ

କୋଲକାତା/ନୂଆଦିଲ୍ଲୀ, ୨୯।୮(ପି.ଟି./ଏଜେନ୍ସି)


ମହୁଆ ମୋଇତ୍ର


ଅମିତ୍ ଶାହା

**ବାଂଲାଦେଶରୁ ଅନୁପ୍ରବେଶ ରୋକିବାରେ ସ୍ୱରାଷ୍ଟ୍ରମନ୍ତ୍ରୀ ବିଫଳ**

**ଟିଏମ୍ସି ଏମ୍ପିଙ୍କ ମନ୍ତବ୍ୟକୁ ନିନ୍ଦାକଲା ଭାଜପା**

ତୃଣମୂଳ କଂଗ୍ରେସ (ଟିଏମ୍ସି) ଏମ୍ପି ମହୁଆ ମୋଇତ୍ର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଅନୁପ୍ରବେଶ ରୋକିବାରେ ଶାହା ବିଫଳ ହୋଇଥିବାରୁ ତାଙ୍କ ମୁଣ୍ଡ କାଟି ଟେବୁଲ ଉପରେ ରଖିବାକୁ ମହୁଆ କହିଛନ୍ତି, ଯାହାକୁ ନେଇ ବଡ଼ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଭାଜପା ଏହାକୁ 'ଅରୁଚିକର' ଓ 'ଘୃଣା ମନ୍ତବ୍ୟ' କହି ସମାଲୋଚନା କରିଛି। ଭାଜପା ପକ୍ଷରୁ ଏନେଇ ମହୁଆଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି।

ପଶ୍ଚିମବଙ୍ଗର କ୍ରିଷ୍ଣାନଗର ଲୋକ ସଭା ଆସନରୁ ପ୍ରତିନିଧିତ୍ୱ କରୁଥିବା ଶାସକ ଟିଏମ୍ସିର ମହୁଆ ମୋଇତ୍ର ଗୁରୁବାର ଭାରତୀୟ ଭୂଖଣ୍ଡକୁ ବାଂଲାଦେଶୀଙ୍କ ବେଆଇନ ଅନୁପ୍ରବେଶ ସମ୍ପର୍କରେ ଖବରଦାତାଙ୍କ ସମ୍ମୁଖରେ ମତ ରଖିଥିଲେ। ନଦିଆ ଜିଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମହୁଆ କହିଥିଲେ, ସୀମା ସୁରକ୍ଷାରେ କେନ୍ଦ୍ର ସରକାର ନିଜ ଉତ୍ତରଦାୟିତ୍ୱକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ସେମାନେ ଲଗାତର ଅନୁପ୍ରବେଶ କଥା କହୁଛନ୍ତି। ଭାରତର ସୀମାକୁ ୫ଟି ବଳ ଦ୍ୱାରା ସୁରକ୍ଷା ଦିଆଯାଉଛି ଏବଂ ଏହା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଦାୟିତ୍ୱ। ସୀମା ସୁରକ୍ଷାରେ ବିଫଳତା ପାଇଁ ଶାହାଙ୍କ ମୁଣ୍ଡ କଟାଯିବା ଜରୁରୀ। ତାଙ୍କ କଟାମୁଣ୍ଡକୁ ଟେବୁଲ ଉପରେ ପ୍ରଦର୍ଶନ ପାଇଁ ରଖାଯିବା ଉଚିତ। ଯଦି ଭାରତର ସୀମାକୁ ସୁରକ୍ଷା ଦିଆଯାଇପାରୁନାହିଁ ଏବଂ ଅନେକ ଶହ ଅନୁପ୍ରବେଶକାରୀ ଭାରତକୁ ପ୍ରବେଶକରି ଆମ ମହିଳାମାନଙ୍କୁ ଅସମ୍ମାନ କରୁଛନ୍ତି ଓ ଆମ ଭୂମି ଛଡ଼ାଇନେଉଛନ୍ତି, ତେବେ ଶାହାଙ୍କ ମୁଣ୍ଡ କାଟି ତାକୁ ଟେବୁଲ ଉପରେ ରଖିବା ହେଉଛି ଆମର କର୍ତ୍ତବ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱାଧୀନତା ଦିବସ ଅଭିଭାଷଣର ଅବତାରଣା କରି ମହୁଆ କହିଛନ୍ତି, ଲାଲ୍କିଲ୍ଲାରେ ପ୍ରଧାନମନ୍ତ୍ରୀ କହିଥିଲେ, ଅନୁପ୍ରବେଶକାରୀମାନେ ଜନସଂଖ୍ୟାଗତ ଭୂଗୋଳରେ ପରିବର୍ତ୍ତନ ପାଇଁ ଦାୟୀ। ମୋଦି ଏପରି କହୁଥିବାବେଳେ ଶାହା ତାଙ୍କ ସମ୍ମୁଖରେ ଛିଡ଼ାହୋଇ ହସିବା ସହ ତାଳି ମାରୁଥିଲେ। ସୀମାନ୍ତରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଉପସ୍ଥିତି ସତ୍ତ୍ୱେ ଅନୁପ୍ରବେଶ କାହିଁକି ଜାରି ରହିଛି ବୋଲି ମହୁଆ ପ୍ରଶ୍ନ କରିଛନ୍ତି। ଯେତେବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ତାଙ୍କ ମନ୍ତ୍ରଣାଳୟ ଦେଶର ସୀମାକୁ ସୁରକ୍ଷା ଦେଇପାରୁ ନାହାନ୍ତି ଏବଂ ପ୍ରଧାନମନ୍ତ୍ରୀ ମୋଦି ଏହା ଉପରେ ଚିନ୍ତାବ୍ୟକ୍ତ କରୁଛନ୍ତି ତେବେ ଦୋଷ କାହାର? ଏହା ଆମ ଦୋଷ ନା ତୁମର ବୋଲି ସେ ପ୍ରଶ୍ନ କରିଛନ୍ତି। ମହୁଆଙ୍କ ମନ୍ତବ୍ୟ ପଶ୍ଚିମବଙ୍ଗ ଭଳି ସୀମାନ୍ତ ରାଜ୍ୟଗୁଡ଼ିକରେ ବେଆଇନ ଅନୁପ୍ରବେଶ ସମ୍ପର୍କିତ ଉଦ୍ବେଗ ପାଇଁ କେନ୍ଦ୍ରୀୟ ନେତୃତ୍ୱର ବିଫଳତାକୁ ପ୍ରତ୍ୟକ୍ଷ ଭାବେ ଦାୟୀ କରିଛି।

ଭାଜପା ଏହି ମନ୍ତବ୍ୟକୁ ନିନ୍ଦା କରିବା ସହ ଏହା ଟିଏମ୍ସିର ଆନୁଷ୍ଠାନିକ ଆଭିମୁଖ୍ୟ କି ବୋଲି ପ୍ରଶ୍ନ କରିଛି। ଭାଜପା ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି, ଏଭଳି ବିଷାକ୍ତ ଓ ଘୃଣ୍ୟ ମନ୍ତବ୍ୟ ରାଜନୀତିରୁ ଊର୍ଦ୍ଧ୍ୱରେ। ଏହା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିଏମ୍ସି ଦ୍ୱାରା ପ୍ରେରିତ। ସ୍ଥାନୀୟ ବାସିନ୍ଦା ସନ୍ଦୀପ ମଜୁମଦାର ମହୁଆଙ୍କ ବିରୋଧରେ କ୍ରିଷ୍ଣାନଗରସ୍ଥିତ କୋତୱାଲି ଥାନାରେ ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି, ରାଲିରେ ମହୁଆ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଲଜ୍ଜା ଥିଲେ ସେମାନେ କ୍ଷମା ମାଗିବା ଉଚିତ। ମହୁଆଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି, ଯେତେବେଳେ ମୋଦି ସରକାର ଭାରତରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ଶରଣାର୍ଥୀଙ୍କୁ ବିଦା କରିବାରେ ଲାଗିଛି। ୨୦୨୪ରେ ୧,୦୪୯ ବାଂଲାଦେଶୀ ଭାରତକୁ ଅନୁପ୍ରବେଶ କରିଥିବାବେଳେ ଚଳିତବର୍ଷ ସେମାନଙ୍କ ସଂଖ୍ୟାରେ ପ୍ରାୟ ତିନିଗୁଣା ବୃଦ୍ଧି ଘଟି ୩,୫୩୭ରେ ପହଞ୍ଚିଛି। ହରିୟାଣା, ଦିଲ୍ଲୀ, ରାଜସ୍ଥାନ ଓ ଆସାମ ପୋଲିସ ବେଆଇନ ବସ୍ତିଗୁଡ଼ିକ ଉପରେ ଚଢ଼ାଉ କରି ବହୁ ବେଆଇନ ପ୍ରବାସୀଙ୍କୁ ଅଟକ ରଖିଛି। ଚଳିତବର୍ଷ ଜୁଲାଇ ସୁଦ୍ଧା ୧,୩୭୨ ଅନୁପ୍ରବେଶକାରୀଙ୍କୁ ବିଏସ୍ଏଫ୍ ଧରିଥିବା ସରକାରୀ ସୂତ୍ରରୁ ପ୍ରକାଶ।

## ପ୍ରଧାନମନ୍ତ୍ରୀ ପଦ ହରାଇଲେ ଶିନାୱାତ୍ରା

ବ୍ୟାଙ୍କକ୍, ୨୯।୮


ପେଟୋଙ୍ଗଟାର୍ନ ଶିନାୱାତ୍ରା

ଥାଇଲାଣ୍ଡର ଏକ ସାମ୍ବିଧାନିକ କୋର୍ଟ ଶୁକ୍ରବାର ଦେଶର ପ୍ରଧାନମନ୍ତ୍ରୀ ପେଟୋଙ୍ଗଟାର୍ନ ଶିନାୱାତ୍ରାଙ୍କୁ ପଦରୁ ବହିଷ୍କାର କରିଛନ୍ତି। ପ୍ରାୟ ବର୍ଷେ ଧରି ଶାସନରେ ରହିବା ପରେ ଶିନାୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଛି। ପଡ଼ୋଶୀ ଦେଶ କାମ୍ବୋଡିଆ ସହ ଥାଇଲାଣ୍ଡର ସୀମାବିବାଦ ଚରମରେ ଥିବାବେଳେ ଶିନାୱାତ୍ରା ଓ କାମ୍ବୋଡିଆର ପୂର୍ବତନ ନେତା ହୁନ୍ ସେନ୍ଙ୍କ ମଧ୍ୟରେ ଏକ ଫୋନ୍ ବାର୍ତ୍ତାଳାପ ଲିକ୍ ହୋଇଥିଲା। ଏହି ବାର୍ତ୍ତାଳାପରେ ଶିନାୱାତ୍ରା ଥାଇ ସେନାର ଜଣେ ବରିଷ୍ଠ ଅଧିକାରୀଙ୍କର ଆଲୋଚନା କରିଥିଲେ। ଫଳରେ ଜାତୀୟ ସ୍ୱାର୍ଥକୁ ଅଣଦେଖା କରିଥିବା ନେଇ ଶିନାୱାତ୍ରାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସେ ନିଜ ବ୍ୟକ୍ତିଗତ ସମ୍ପର୍କକୁ ପ୍ରାଥମିକତା ଦେଇ ଜାତୀୟ ସ୍ୱାର୍ଥ ଏବଂ ଥାଇଲାଣ୍ଡର ଛବିକୁ ଗୁରୁତର ଭାବେ କ୍ଷତି ପହଞ୍ଚାଇଥିବା ନେଇ କୋର୍ଟ ରାୟ ଦେଇଥିଲେ ଏବଂ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଶିନାୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବହିଷ୍କୃତ କରିବା ନେଇ କୋର୍ଟଙ୍କ ନିଷ୍ପତ୍ତି ପରେ ଥାଇଲାଣ୍ଡ ସଂସଦକୁ ଜଣେ ନୂତନ ପ୍ରଧାନମନ୍ତ୍ରୀଙ୍କୁ ନିର୍ବାଚିତ କରିବାକୁ ପଡ଼ିବ। ତେବେ ଏହି ପ୍ରସଙ୍ଗ ପରେ ଶିନାୱାତ୍ରାଙ୍କ ଫେଉ ଥାଇ ପାର୍ଟିରେ ବିଶ୍ୱସନୀୟତା ସଙ୍କଟ ସୃଷ୍ଟି ହୋଇଛି। ତେଣୁ ନୂତନ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରକ୍ରିୟା ଲମ୍ବା ଚାଲିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରକାଶ ଯେ, ଶିନାୱାତ୍ରା ଥାଇଲାଣ୍ଡର ସବୁଠାରୁ ଯୁବ ପ୍ରଧାନମନ୍ତ୍ରୀ ଥିଲେ।


ଟୋକିଓରେ ଶୁକ୍ରବାର ଏକ ମିଳିତ ଖବରଦାତା ସମ୍ମିଳନୀରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ହାତ ମିଳାଉଛନ୍ତି ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦି।

## ଫୁରସତ୍



### ଉଦ୍ୟୋଗପତି ଭୂମିକାରେ ତମନ୍ନା

ମୁମ୍ବାଇ

ଅଭିନେତ୍ରୀ ତମନ୍ନା ଭାଟିଆ ଓ ଡାୟନା ପେଣ୍ଟିଙ୍କ ଆଗାମୀ ୱେବ୍ ସିରିଜ୍ 'ଡୁ ୟୁ ୱାନା ପାର୍ଟନର'ର ଟ୍ରେଲର ଶୁକ୍ରବାର ରିଲିଜ୍ ହୋଇଛି। ୨ ମିନିଟ୍ ୫୭ ସେକେଣ୍ଡର ଏହି ଟ୍ରେଲରରେ ଉଭୟ ତମନ୍ନା ଓ ଡାୟନାଙ୍କୁ ଉଦ୍ୟୋଗପତି ଭାବେ ଦେଖିବାକୁ ମିଳିଛି। ଉଭୟେ ପରସ୍ପରର ଉତ୍ତମ ବନ୍ଧୁ ହୋଇଥିବା ବେଳେ କିପରି ଏବଂ କେଉଁ ପରିସ୍ଥିତିରେ ଦୁହେଁ ଏକ ନୂତନ ଆଲ୍କୋହଲ ଷ୍ଟାର୍ଟଅପ୍ ଆରମ୍ଭ କରୁଛନ୍ତି ଏବଂ ଉକ୍ତ ପୁରୁଷ-ପ୍ରଧାନ ଶିଳ୍ପରେ ନିଜ ବ୍ୟବସାୟକୁ ବଜାୟ ରଖିବା ପାଇଁ ସେମାନେ କେଉଁ କେଉଁ ସମସ୍ୟାରେ ପଡୁଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ। ଏହି ଟ୍ରେଲରରେ ଅନେକ କମେଡି ସିନ୍ ମଧ୍ୟ ଦେଖିବାକୁ ମିଳିଛି। ଯୁବପିଢ଼ିଙ୍କୁ ନେଇ କେନ୍ଦ୍ରିତ ଥିବା ଏହି ୱେବ୍ସିରିଜ୍ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ନିର୍ମାତାଙ୍କ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। କୋଲିନ୍ ଡି' କୁନ୍ହା ଓ ଅର୍ଚ୍ଚିତ କୁମାରଙ୍କ ନିର୍ଦ୍ଦେଶିତ 'ଡୁ ୟୁ ୱାନା ପାର୍ଟନର' ସିରିଜ୍ ଆସନ୍ତା ୧୨ ତାରିଖରୁ ଓଟିଟି ପ୍ଲାଟ୍ଫର୍ମ ଆମାଜନ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମିଂ ହେବ। ମିଥୁନ୍ ଗଙ୍ଗୋପାଧ୍ୟାୟ ଏବଂ ନିଶାନ୍ତ ନାୟକଙ୍କ ଦ୍ୱାରା ନିର୍ମିତ ଏହି ସିରିଜ୍ରେ ତମନ୍ନା ଓ ଡାୟନାଙ୍କ ବ୍ୟତୀତ ଅଭିନେତା ଜାଭେଦ ଜାଫରୀ, ନକୁଲ ମେହେଟ୍ଟା ଓ ଅଭିନେତ୍ରୀ ଶ୍ୱେତା ତିୱାରୀ ପ୍ରମୁଖଙ୍କୁ ମଧ୍ୟ ଦେଖିବାକୁ ମିଳିବ।

### ୨୭ ବର୍ଷ ବୟସରେ ୪ ପିଲାଙ୍କ ଜେଜେବାପା

ଟୋକିଓ

ଜାପାନର ୨୭ ବର୍ଷୀୟ ଟ୍ରକ୍ ଡ୍ରାଇଭର ମସାଶି ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି। ସେ ନିଜ ସ୍ତ୍ରୀ ରିକା, ୨ ପୁଅ, ୨ ଝିଅ, ୪ ନାତୁଣୀନାତି ଓ ଜଣେ ଭାବି ବୋହୂଙ୍କ ସହ ମିଶି ଗୋଟିଏ ଛାତ ତଳେ ରହୁଥିବା ନେଇ ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଛି। ମାତ୍ର ୨୭ ବର୍ଷ ବୟସରେ ମସାଶି ନିଜ ୧୧ ଜଣିଆ ପରିବାରକୁ ଚଳାଉଛନ୍ତି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ମସାଶିଙ୍କଠାରୁ ତାଙ୍କ ସ୍ତ୍ରୀ ରିକା ବୟସରେ ୧୨ ବର୍ଷ ବଡ଼। ରିକାଙ୍କର ବୟସ ଏବେ ୩୯ ରହିଛି। ମସାଶି ୧୬ ବର୍ଷ ବୟସର ହୋଇଥିବା ବେଳେ ଏକ ପେଟ୍ରୋଲ ପମ୍ପରେ କାମ କରୁଥିଲେ। ସେତେବେଳେ ସେ ୨୮ ବର୍ଷୀୟା ରିକାଙ୍କୁ ପ୍ରଥମଥର ପାଇଁ ଭେଟିଥିଲେ। ରିକା ସେତେବେଳେ ନିଜର ୨ ଝିଅ ଓ ଗୋଟେ ପୁଅ ସହ ଏକାକୀ ରହୁଥିଲେ। ରିକାଙ୍କର ଦୃଢ଼ ବ୍ୟକ୍ତିତ୍ୱରେ ମସାଶି ପ୍ରଭାବିତ ହୋଇଥିଲେ। ସେ ରିକାଙ୍କୁ ପ୍ରପୋଜ୍ କରିଥିଲେ, ଯାହାକୁ ରିକା ଗ୍ରହଣ କରିଥିଲେ। କିଛିଦିନ ରିଲେଶନ୍ସିପ୍ରେ ରହିବା ପରେ, ଉଭୟେ ବିବାହ କରିଥିଲେ। ବିବାହ ପରେ ଉଭୟେ ଏକ ପୁଅକୁ ଜନ୍ମ ଦେଇଥିଲେ, ଯାହାର ବୟସ ବର୍ତ୍ତମାନ ୮ ବର୍ଷ ରହିଛି। ରିକାଙ୍କ ବଡ଼ଝିଅ ୟୁରିନା ଏବେ ୨୧ ବର୍ଷର ହୋଇଥିବା ବେଳେ ତାଙ୍କ ସାନଝିଅକୁ ଏବେ ୧୨ ବର୍ଷ। ସେହିପରି ତାଙ୍କ ବଡ଼ପୁଅ କାଟୋଙ୍କର ବୟସ ଏବେ ୧୭ ରହିଛି। ସମ୍ପ୍ରତି ୟୁରିନା ୨ଟି ପିଲାର ମା' ଭାବେ ନିଜ ଦାୟିତ୍ୱ ନିର୍ବାହ କରୁଛନ୍ତି। ମାତ୍ର ୧୬ ବର୍ଷ ବୟସରେ ସେ ନିଜ ପ୍ରଥମ ସନ୍ତାନକୁ ଜନ୍ମ ଦେଇଥିଲେ। ତେବେ ବିବାହ କରି ନ ଥିବାରୁ ୟୁରିନା ପ୍ରାରମ୍ଭରେ ଗର୍ଭପାତ କରିବାକୁ ଚିନ୍ତା କରୁଥିଲେ। ତେବେ ଏପରି ନ କରିବାକୁ ମା' ରିକା ତାଙ୍କୁ ପରାମର୍ଶ ଦେଇଥିଲେ। ୟୁରିନା ପ୍ରଥମେ ଏକ ପୁତ୍ର ସନ୍ତାନ ଏବଂ ପରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ସମ୍ପ୍ରତି ୟୁରିନା ଅବିବାହିତା ଥିବା ବେଳେ ତାଙ୍କ ବୟଫ୍ରେଣ୍ଡଙ୍କ ସମ୍ପର୍କରେ ରିପୋର୍ଟରେ କୌଣସି ସୂଚନା ଦିଆଯାଇ ନାହିଁ। ସେହିପରି ରିକାଙ୍କ ବଡ଼ପୁଅ କାଟୋ ଓ ତାଙ୍କ ଗର୍ଲଫ୍ରେଣ୍ଡ୍ ନିକଟରେ ୨ ନବଜାତକଙ୍କୁ ଜନ୍ମ ଦେଇଛନ୍ତି। କାଟୋଙ୍କ ଗର୍ଲଫ୍ରେଣ୍ଡ୍ ସମ୍ପ୍ରତି ମସାଶିଙ୍କ ଘରେ ରହୁଛନ୍ତି ଏବଂ ଖୁବ୍ଶୀଘ୍ର କାଟୋଙ୍କ ସହ ତାଙ୍କର ବିବାହ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଏହିପରି ଭାବେ ମସାଶି ନିଜ ସ୍ତ୍ରୀ, ପୁଅ, ୨ ସାବତ ଝିଅ, ଜଣେ ସାବତ ପୁଅ, ୪ ନାତୁଣୀନାତି ଓ ଜଣେ ଭାବି ବୋହୂଙ୍କ ସହ ମିଶି ଏକାଠି ରହୁଛନ୍ତି। ମସାଶିଙ୍କ ଏହି ପାରିବାରିକ କାହାଣୀ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।


ମସାଶି ଓ ତାଙ୍କ ପରିବାର।




# ଓକିଲାତି ଲାଇସେନ୍ସ ଥାଇ ଅନ୍ୟ ପେସାରେ ରହିଲେ କାର୍ଯ୍ୟାନୁଷ୍ଠାନ

## ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସମସ୍ତ ବାର୍ ଆସୋସିଏଶନକୁ ନିର୍ଦ୍ଦେଶ

କଟକ, ୨୯।୮ (କାର୍ତ୍ତିକ ସାହୁ)

ରାଜ୍ୟ ଆଇନଜୀବୀ ପରିଷଦରୁ ଆଇନ ପେସାରେ ଯୋଗଦେବା ଲାଗି ଓକିଲାତି ଲାଇସେନ୍ସ ନେଉଥିବା ଅନେକ ଆଇନଜୀବୀ ବିଭିନ୍ନ କମ୍ପାନୀ, ବ୍ୟବସାୟ, ଠିକାକାମ, ସରକାରୀ ଚାକିରି ଓ ଅନ୍ୟାନ୍ୟ ପେସାରେ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ଏଭଳି ଅଭିଯୋଗ ବହୁମାତ୍ରାରେ ରାଜ୍ୟ ଆଇନଜୀବୀ ପରିଷଦ ନିକଟରେ ପହଞ୍ଚିଛି। ଏହାକୁ ରୋକିବା ଲାଗି ରାଜ୍ୟ ଆଇନଜୀବୀ ପରିଷଦ ସମସ୍ତ ବାର ଆସୋସିଏଶନକୁ ନିର୍ଦ୍ଦେଶ ଦେଇଛି। ଆଡଭୋକେଟ ଆଇନ ୧୯୬୧ର ନିୟମ ଅନୁଯାୟୀ, ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେସାରେ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରିବା ଏପରିକି କେତେକ ସ୍ଥଳରେ ସରକାରୀ ଦପ୍ତରରେ ଚୁକ୍ତିଭିତ୍ତିକ ପୂର୍ଣ୍ଣ ସମୟ ଲାଗି କନସଲଟାଣ୍ଟ ଓ ରିସର୍ଚ୍ଚର ଭାବେ କାର୍ଯ୍ୟ କରିବା ପେସାଗତ ନୈତିକତାର ବିରୁଦ୍ଧାଚରଣ କରୁଛି। ଏହି ଆଇନଜୀବୀମାନେ ସେମାନଙ୍କ ଲାଇସେନ୍ସ ରାଜ୍ୟ ଆଇନଜୀବୀ ପରିଷଦରେ ସରେଣ୍ଡର କିମ୍ବା ସସ୍‌ପେଣ୍ଡ କରିବାର ନିୟମ ରହିଛି। ମାତ୍ର ଏହି ଆଇନଜୀବୀମାନେ ତାହା ନ କରି ନିୟମ ଉଲ୍ଲଂଘନ କରୁଛନ୍ତି। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ଗତ ଏପ୍ରିଲ ୧୨ରେ ପରିଷଦର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ବାବଦରେ ବାର ଆସୋସିଏଶନଗୁଡ଼ିକୁ ପରିଷଦ ପକ୍ଷରୁ ଚିଠି ଲେଖି ଏଭଳି ଆଇନଜୀବୀମାନଙ୍କୁ ସେମାନଙ୍କ ଲାଇସେନ୍ସ ତୁରନ୍ତ ସରେଣ୍ଡର୍ କିମ୍ବା ସସ୍‌ପେଣ୍ଡ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହ ଯେଉଁ ଆଇନଜୀବୀମାନେ ଏହି ନିୟମକୁ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ଫୌଜଦାରି ମକଦ୍ଦମା କରାଯିବା ସହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ପରିଷଦର ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର ଆସୋସିଏଶନକୁ ଏନେଇ ଜଣାଇଛନ୍ତି। ଆଇନ ପେସାରେ ପୂର୍ଣ୍ଣ ସମୟ ଦେଇ କାର୍ଯ୍ୟ କରୁଥିବା ଆଇନଜୀବୀମାନେ ଏଭଳି ଆଇନ ଉଲ୍ଲଂଘନ କରୁଥିବା ଆଇନଜୀବୀଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ବାର ଆସୋସିଏଶନ କିମ୍ବା ପରିଷଦରେ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦ ଶୁକ୍ରବାର ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

# ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ିଗଲେ ଛାତ୍ର

କୋରେଇ/ପାଣିକୋଇଲି, ୨୯।୮ (ଚନ୍ଦ୍ରକାନ୍ତ ପତି/ବିକାଶ ମଲ୍ଲିକ)

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ରଙ୍ଗରଙ୍ଗା ଗ୍ରାମରେ ଶୁକ୍ରବାର ଗଣେଶଙ୍କ ମୂର୍ତ୍ତି ବିସର୍ଜନ ବେଳେ ଏକ ଅଘଟଣ ଘଟିଛି। ପୋଖରୀରେ ବୁଡ଼ି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ଗ୍ରାମର ବସନ୍ତ ସାହୁଙ୍କ ପୁତ୍ର ସତ୍ୟପ୍ରକାଶ ସାହୁ(୧୩)।

ଗ୍ରାମର ପ୍ରହ୍ଲାଦ ଉଚ୍ଚ ବିଦ୍ୟାପୀଠରେ ପୂର୍ବାହ୍ନ ୧୧ଟାରେ ଗଣେଶ ମୂର୍ତ୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଗଣେଶଙ୍କ ମୂର୍ତ୍ତି ଧରି ବିଦ୍ୟାଳୟର ପ୍ରାୟ ୧୦ଜଣ ପିଲା ସ୍ଥାନୀୟ ପୋଖରୀକୁ ବିସର୍ଜନ ପାଇଁ ଯାଇଥିଲେ। ବିସର୍ଜନ ସାରି ଗାଧୋଇବା ବେଳକୁ ଜଣକ ପରେ ଜଣେ ପୋଖରୀର ଗଭୀର ଜଳରେ ବୁଡ଼ିଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ପହଞ୍ଚି ପୋଖରୀରୁ ୯ ଛାତ୍ରଙ୍କୁ


ସତ୍ୟପ୍ରକାଶ ସାହୁ

ଉଦ୍ଧାର କରିଥିଲେ। ହେଲେ ସତ୍ୟପ୍ରକାଶଙ୍କୁ ଖୋଜି ପାଇ ନ ଥିଲେ। ବହୁ ବିଳମ୍ବରେ ଗ୍ରାମବାସୀ ସତ୍ୟପ୍ରକାଶଙ୍କୁ ପୋଖରୀରୁ ଉଦ୍ଧାରକରି ବୈତରଣୀରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏନେଇ ସତ୍ୟପ୍ରକାଶଙ୍କ ପରିବାର ଲୋକେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସତ୍ୟପ୍ରକାଶଙ୍କ ଅକାଳ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତେବେ ବିଦ୍ୟାଳୟ ଶିକ୍ଷକ ଉପସ୍ଥିତ ନ ଥାଇ କିପରି ଛାତ୍ରମାନେ ଠାକୁର ବିସର୍ଜନ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ବିଦ୍ୟାଳୟର ଠାକୁର ପହଞ୍ଚିବା ବେଳକୁ ଗ୍ରାମର ଏକ ଗଣେଶ ମୂର୍ତ୍ତି ମଧ୍ୟ ସେହି ପୋଖରୀରେ ବିସର୍ଜନ କରାଯାଉଥିଲା। ଗହଳି ମଧ୍ୟରେ ଛାତ୍ରମାନେ ପୋଖରୀରେ ବୁଡୁଥିଲେ। ତେଣୁ ଏଭଳି ଘଟଣା ଘଟିଲା ବୋଲି ମତପ୍ରକାଶ ପାଇଛି। ଏନେଇ ପୋଲିସ ନଂ.୨୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସମତାଭିତ୍ତିକ ସମାଜ ମୂଳ ଲକ୍ଷ୍ୟ: ଓମ୍ ବିର୍ଲା


ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀରେ ମଞ୍ଚାସୀନ (ବାମରୁ) ଲୋକ ସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ, ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ।

ଭୁବନେଶ୍ୱର, ୨୯।୮ (ରବିନାରାୟଣ ଜେନା)

ଦେଶକୁ ଆଗକୁ ନେବାକୁ ହେଲେ ସବୁ ବର୍ଗଙ୍କ ବିକାଶ ଆବଶ୍ୟକ। କେଉଁ ଯୋଜନା ଦ୍ୱାରା ଆଦିବାସୀ ବର୍ଗ ବିଶେଷ ଭାବେ ଉପକୃତ ହୋଇପାରିବେ ତାହାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଯାହାଫଳରେ ଦେଶରେ ଏକ ସମତାଭିତ୍ତିକ ସମାଜ ଗଠନ ହେବା ସହିତ ବିକଶିତ ଭାରତ ଗଠନ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନ୍‌ଭେନ୍‌ସନ ହଲ୍‌ରେ ଶୁକ୍ରବାର ଆୟୋଜିତ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟ ଗଣଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓମ୍ ବିର୍ଲା କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଗଣ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ଏହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଦେଶରେ ଏହି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ବାବା ସାହେବ ଆମ୍ବେଡକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିର୍ଲା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୫ ବର୍ଷ


ସମ୍ମିଳନୀରେ ଯୋଗ ଦେଇଥିବା ସଂସଦ ଏବଂ ବିଭିନ୍ନ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟଗଣ।

## ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

### ଏସ୍‌ସି, ଏସ୍‌ଟି ବର୍ଗଙ୍କ ପାଇଁ 'ସମୃଦ୍ଧ ଭବିଷ୍ୟତର ରାସ୍ତା' ନିର୍ମାଣ କରିବ: ମୁଖ୍ୟମନ୍ତ୍ରୀ

ପରେ ଏହି ଜାତୀୟ ସମ୍ମିଳନୀ ପ୍ରଥମଥର ପାଇଁ ଦିଲ୍ଲୀ ବାହାରେ ତଥା ଓଡ଼ିଶାରେ ଅନୁଷ୍ଠିତ ହେଉଥିବାରୁ ଲୋକ ସଭା ବାଚସ୍ପତିଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି, ଆଗରୁ ମଧ୍ୟ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶାରେ ଆୟୋଜିତ ହୋଇଛି, ଏଥିରୁ ଜାତୀୟ ସ୍ତରରେ ଓଡ଼ିଶାର ଗୁରୁତ୍ୱ ବୃଦ୍ଧିପାଉଛି। ଅନୁସୂଚିତ ଜାତି, ଜନଜାତିମାନଙ୍କର ବର୍ତ୍ତମାନର ସ୍ଥିତି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ ଓ ନିଶ୍ଚୟ ଭଲ ହେବ। ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସେମାନେ ଯେପରି ସମ୍ପୂର୍ଣ୍ଣ ଭାବେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଏବଂ ବିକଶିତ ଭାରତ ଗଠନରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବେ, ସେ ଦିଗରେ ଉଦ୍ୟମ ତ୍ୱରାନ୍ୱିତ ହୋଇଛି। ପିଏମ୍ ଜନମନ୍, ଧରତୀ ଆବା ଗ୍ରାମ ଉତ୍କର୍ଷ ଅଭିଯାନ ପରି ଯୋଜନାଗୁଡ଼ିକ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିକାଶ ସହିତ ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶା ସରକାର ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ନିର୍ମାଣ କରୁଛନ୍ତି। ଜନଜାତି ଭାଷାରେ ପାଠପଢ଼ାଇବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ସମ୍ମିଳନୀ ସବୁ ଦୃଷ୍ଟିରୁ ଏକ ଐତିହାସିକ ସମ୍ମିଳନୀ ହେବ। ଏହି ସମ୍ମିଳନୀର ମତାମତକୁ ନେଇ ନୂଆ ନୂଆ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ପିଏମ୍ ଜନମନ ଏବଂ ଧରତୀ ଆବା ଗ୍ରାମ ଉତ୍କର୍ଷ ଯୋଜନାରେ ବିଭିନ୍ନ ଆଦିବାସୀ ଗୋଷ୍ଠୀଗୁଡ଼ିକୁ ଫୋକସ କରାଯାଇଛି। ଏହି ଦୁଇଟି କାର୍ଯ୍ୟକ୍ରମରେ ୫ କୋଟି ଆଦିବାସୀ ଲୋକ ସିଧାସଳଖ ଲାଭ ପାଇବେ। ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଏବଂ ବିଭିନ୍ନ ଆଶ୍ରମ ସ୍କୁଲ ଦ୍ୱାରା ଆଦିବାସୀ ପିଲାଙ୍କ ପାଇଁ ଏକ ଶୈକ୍ଷିକ ପରିବେଶରେ ପିଲାଙ୍କୁ ଶିକ୍ଷିତ କରାଯାଇ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ଲୋକ ସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ ପ୍ରମୁଖ ଯୋଗଦେଇ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ବିକାଶକୁ ସରକାର କିଭଳି ଗୁରୁତ୍ୱ ଦେଉଛନ୍ତି ତା' ଉପରେ ମତ ରଖିଛନ୍ତି। ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର। ବିଧାନସଭାର ପ୍ରତ୍ୟେକ ବିଧାୟକଙ୍କ କାର୍ଯ୍ୟ ହେଉଛି ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ଏବଂ ସେହି ନୀତିକୁ ଦୁର୍ଗମ ଅଞ୍ଚଳର ଶେଷ ଲୋକଙ୍କ ନିକଟକୁ ପହଞ୍ଚାଇବା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱ। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସେପ୍ଟେମ୍ବର ୩ ଯାଏ ହାଲୁକା ବର୍ଷା

ଭୁବନେଶ୍ୱର, ୨୯।୮ (ଅନୁରାଧା ମହାରଣା)

ରାଜ୍ୟରେ ଆସନ୍ତା ୫ଦିନ ଅର୍ଥାତ୍ ସେପ୍ଟେମ୍ବର ୩ ତାରିଖ ଯାଏ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଶନିବାର ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବା ସହ ୨୦ ଜିଲାକୁ ବଜ୍ରପାତ ନେଇ ସତର୍କ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଏଥିପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାପରଠାରୁ ରାଜ୍ୟରେ ବର୍ଷା ପରିମାଣ ଓ ବିସ୍ତୃତି ବଢ଼ିବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ପାଇଁ ୪ ଜିଲାକୁ ଓ ବଜ୍ରପାତ ଲାଗି ସାରା ରାଜ୍ୟକୁ ୟେଲୋ ୱାର୍ନିଂ ଦିଆଯାଇଛି।

# ୨୦୨୪ ଅତିରିକ୍ତ ଯାତ୍ରା କରିବ ପୂଜା ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୨୯।୮ (ଅନୁରାଧା ମହାରଣା)

ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ ରେଳ ଯାତ୍ରୀଙ୍କ ସଂଖ୍ୟାରେ ବୃଦ୍ଧି ପାଇବାରେ ଲାଗିଛି। ଏହି ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳପଥ ଯାତ୍ରୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଟ୍ରେନ ସେବା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛି। ବିହାର ଯାଉଥିବା ଯାତ୍ରୀଙ୍କ ସୁବିଧା ପାଇଁ ୧୨୦୦୦ରୁ ଅଧିକ ଟ୍ରେନ ଚଳାଇବାକୁ ଯୋଜନା କରାଯାଇଛି। ୨୧ ସେପ୍ଟେମ୍ବରରୁ ୩୦ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ମୋଟ ୧୫୦ ପୂଜା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ଓ ଏହାମାଧ୍ୟମରେ ମୋଟ ୨୦୨୪ ଅତିରିକ୍ତ ଯାତ୍ରା ସୁନିଶ୍ଚିତ କରାଯିବ। ପୂଜା ସ୍ୱତନ୍ତ୍ର ଟ୍ରେନ ସିରିଜ ଅଧୀନରେ ଦକ୍ଷିଣ କେନ୍ଦ୍ରୀୟ ରେଳପଥ ସର୍ବାଧିକ ୪୮ଟି ଟ୍ରେନ ଚଳାଚଳ କରିବ, ଯାହା ୬୮୪ ଥର ଯାତ୍ରା କରିବ। ପୂର୍ବ କେନ୍ଦ୍ରୀୟ ରେଳପଥର ୧୪ଟି ଟ୍ରେନ ଯାହା ୫୮୮ ଥର ଯାତ୍ରା କରିବ। ପୂର୍ବ ରେଳପଥ କୋଲକାତା, ସିଆଲଦା, ହାଓଡ଼ା ଭଳି ଜନଗହଳିପୂର୍ଣ୍ଣ ଷ୍ଟେଶନରୁ ୨୪ ସ୍ୱତନ୍ତ୍ର ଟ୍ରେନ ୧୯୮ ଥର ଯାତ୍ରା କରିବ। ଅନ୍ୟପକ୍ଷରେ ପଶ୍ଚିମ ରେଳପଥ ୨୪ଟି ସ୍ୱତନ୍ତ୍ର ଟ୍ରେନ ଚଳାଇବ, ଯାହା ୨୦୪ ଥର ଯାତ୍ରା କରିବ। ଦକ୍ଷିଣ ରେଳପଥ ୧୦ଟି ଟ୍ରେନ ୬୬ ଥର ଯାତ୍ରା କରିବ। ଏହା ବ୍ୟତୀତ ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର, ପୁରୀ ଏବଂ ସମ୍ବଲପୁର, ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ରାଞ୍ଚି, ଟାଟାନଗର, ଉତ୍ତର କେନ୍ଦ୍ରୀୟ ରେଳପଥ ପକ୍ଷରୁ ପ୍ରୟାଗରାଜ, କାନପୁର, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ପକ୍ଷରୁ ବିଲାସପୁର, ରାୟପୁର ଏବଂ ପଶ୍ଚିମ କେନ୍ଦ୍ରୀୟ ରେଳପଥ ପକ୍ଷରୁ ଭୋପାଳ, କୋଟା ଭଳି ଷ୍ଟେଶନଗୁଡ଼ିକୁ ସଂଯୋଗ କରୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ଚଳାଚଳ କରିବ। ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ତାଲିକା, ସମୟସାରଣୀ, ରୁଟ ଏବଂ ରହଣି ବିବରଣୀ ରେଳପଥର ସରକାରୀ ୱେବ୍‌ସାଇଟ, ଆଇଆରସିଟିସି ଏବଂ ନିକଟସ୍ଥ ରେଳ ଷ୍ଟେଶନରେ ଉପଲବ୍ଧ ହୋଇଥିବା ସୂଚନା ଦିଆଯାଇଛି।

# ରାଜ୍ୟରେ ସ୍କୁଲ ଡ୍ରପ୍ ଆଉଟ୍ ହାର ବଢ଼ିଲା

ଭୁବନେଶ୍ୱର, ୨୯।୮ (ସୁଚିସ୍ମିତା ସାହୁ)

## ୟୁ-ଡାଇସ୍ ରିପୋର୍ଟ ୨୦୨୪-୨୫ ପ୍ରକାଶିତ

- ନାମଲେଖା ହାର ବଢ଼ିଥିଲେ ମଧ୍ୟ ଉପସ୍ଥାନ କମିଛି
- ଛାତ୍ର-ଶିକ୍ଷକ ଅନୁପାତରେ ଓଡ଼ିଶା ଜାତୀୟ ହାରଠାରୁ ଆଗରେ

ରାଜ୍ୟରେ ସ୍କୁଲ ଡ୍ରପ୍ ଆଉଟ୍‌କୁ ନେଇ ପୁଣି ଚିନ୍ତା ବଢ଼ିଛି। ପିଲାଙ୍କ ମନରେ ସ୍କୁଲ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଶ୍ରେଣୀଗୃହରେ ଉପସ୍ଥାନ ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବହୁ ଯୋଜନା, ବ୍ୟବସ୍ଥା ଓ ସହାୟତା ଦିଆଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଫଳସ୍ୱରୂପ ୨୦୨୪-୨୫ ଶିକ୍ଷା ବର୍ଷରେ ତୃତୀୟରୁ ଦ୍ୱାଦଶ ଶ୍ରେଣୀରେ ପିଲାମାନେ ପାଠପଢ଼ା ଛାଡୁଥିବା ବା ଡ୍ରପ୍ ଆଉଟ୍ ହାର ବୃଦ୍ଧି ପାଇଥିବା ଗୁରୁବାର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନ୍‌ଫର୍ମେଶନ ଫର୍ ଏଡୁକେଶନ ପ୍ଲସ୍ (ୟୁ-ଡାଇସ୍) ୨୦୨୪-୨୫ ରିପୋର୍ଟରୁ ଜଣାପଡ଼ିଛି।

ଉକ୍ତ ରିପୋର୍ଟ ଅନୁସାରେ, ୨୦୨୩-୨୪ ଶିକ୍ଷା ବର୍ଷରେ ମାଧ୍ୟମିକସ୍ତର(ନବମରୁ ଦ୍ୱାଦଶ ଶ୍ରେଣୀ)ରେ ଡ୍ରପ୍‌ଆଉଟ୍



ହାର ୯.୧ପ୍ରତିଶତ ଥିବା ବେଳେ ମାଧ୍ୟମସ୍ତର(ଷଷ୍ଠରୁ ଅଷ୍ଟମଶ୍ରେଣୀ)ରେ ୨ପ୍ରତିଶତ ଏବଂ ପ୍ରସ୍ତୁତିସ୍ତର(ତୃତୀୟରୁ ପଞ୍ଚମ ଶ୍ରେଣୀ)ରେ ୦.୫ ପ୍ରତିଶତ ରହିଥିଲା। ହେଲେ ୨୦୨୪-୨୫ ଶିକ୍ଷାବର୍ଷରେ ଏହି ହାର ମାଧ୍ୟମିକସ୍ତରରେ ୯.୮ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ମଧ୍ୟମସ୍ତରରେ ୩.୨ ପ୍ରତିଶତ ଏବଂ ପ୍ରସ୍ତୁତିସ୍ତରରେ ୧.୪ ପ୍ରତିଶତକୁ ବୃଦ୍ଧି ପାଇଛି।

ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ରାଜ୍ୟ ସରକାରଙ୍କ ପଦକ୍ଷେପ ଦ୍ୱାରା ସ୍କୁଲରେ ନାମଲେଖା ହାର ବଢ଼ିଥିଲେ ମଧ୍ୟ ଉପସ୍ଥାନ ଓ ଡ୍ରପ୍‌ଆଉଟ୍ ବୃଦ୍ଧି ପାଇଛି। ନାମଲେଖା ହାର ମଧ୍ୟମସ୍ତରରେ ୮୭.୮ ପ୍ରତିଶତରୁ ୯୨.୪ ପ୍ରତିଶତ ଏବଂ ମାଧ୍ୟମିକ ସ୍ତରରେ ୪୮.୩ ପ୍ରତିଶତକୁ ୫୩.୧ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ପ୍ରସ୍ତୁତିସ୍ତରରେ ଉଭୟ ଶିକ୍ଷା ଅଧିବେଶନରେ ନାମଲେଖା ହାର ୧୦୦ ପ୍ରତିଶତ ରହିଛି। ହେଲେ ପିଲାମାନେ ସ୍କୁଲ କାହିଁକି ଯାଉନାହାନ୍ତି ଓ ଅଧାରୁ କାହିଁକି ପାଠ ଛାଡୁଛନ୍ତି ତାହାକୁ ନେଇ ଶିକ୍ଷାବିତ୍‌ମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ଜାତୀୟ ହାର ତୁଳନାରେ ଓଡ଼ିଶାରେ ଛାତ୍ର-ଶିକ୍ଷକ ଅନୁପାତ ଆଗରେ ରହିଛି। ରାଜ୍ୟରେ ମୋଟ୍ ୭୬ଲକ୍ଷ ୪୪ହଜାର ୫୨ଜଣ ପିଲା ପାଠ ପଢୁଥିବାବେଳେ ୩ଲକ୍ଷ ୪୪ହଜାର ୧୧୬ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଅର୍ଥାତ୍ ପ୍ରତି ୨୨ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଜାତୀୟସ୍ତରରେ ୨୪ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ଅପେକ୍ଷା ଓଡ଼ିଶା ଏହି କ୍ଷେତ୍ରରେ ଆଗରେ ରହିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନ୍ୟାଶନାଲ କଲ୍‌ଚର ମିଶନ ପକ୍ଷରୁ ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ ଓ ନବୀନ କଳାକାର, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା(ନବୀନ କଳାକାର) ଓ ସନ୍ଧ୍ୟା ୬ଟା (ଜୟଦେବ ସମାରୋହ)।
- ପଲିଟିକାଲ୍ ଥିଙ୍କର୍ସ ଫୋରମ୍ ପକ୍ଷରୁ 'ସାମାଜିକ-ଆର୍ଥିକ ବିକାଶରେ ଓଡ଼ିଶା, ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା ଗରିବୀରେ ୧ ନଂ. କାହିଁକି ' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ୩୧ତମ ଗୁରୁ କେଳୁ ଚରଣ ମହାପାତ୍ର ଆୱାର୍ଡ ୨୦୨୫ ପାଇଁ ଖବରଦାତା ସମ୍ମିଳନୀ, ରୟାଲ ମିଡ୍ ଟାଉନ୍ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ନେହ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସମ୍ପ୍ରିତି, ଭିଆଇପି ଏରିଆ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- 'ଯାଆଁଳା ତୋଟା' ପୁସ୍ତକର ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୫ଟା।

## କଟକ

- ଚୌଦ୍ୱାର ପୌରପାଳିକା ପକ୍ଷରୁ ମେଗା ସ୍ୱାସ୍ଥ୍ୟ, ଚକ୍ଷୁ ଚିକିତ୍ସା ଓ ରକ୍ତଦାନ ଶିବିର, ସ୍ଥାନ: ଗାନ୍ଧିଛକସ୍ଥିତ ପୌର ଟାଉନହଲ, ଚୌଦ୍ୱାର, ସମୟ: ସକାଳ ୯ଟା।

## ପୁରୀ

- ଶ୍ରୀରାଧା ଜନ୍ମୋତ୍ସବ ଉପଲକ୍ଷେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, ସୂର୍ଯ୍ୟପୂଜା, ଗୋ ପୂଜା, ଆହୁତି, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସକାଳ ୯ଟା।
- ନାମ ସଂକୀର୍ତ୍ତନ ସମାବେଶ, ବକ୍ତୃତା ପ୍ରତିଯୋଗିତା, ବାଳଗୋପାଳ ସେବା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ଅପରାହ୍ନ ୧ଟା।
- ଶ୍ରୀରାଧା ଜନ୍ମୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଏଫ୍ଏମ୍‌ୟୁରେ ଜାତୀୟ କ୍ରୀଡ଼ା ଦିବସର ଦ୍ୱିତୀୟ ଦିନ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିଦିବସୀୟ ଜାତୀୟ ଆଲୋଚନା ଚକ୍ରର ଉଦ୍‌ଘାଟନୀ ପର୍ବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କର୍ମଶାଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଧାମନଗର ବ୍ଲକ୍‌ରେ ବନ୍ୟାର ସ୍ଥାୟୀ ପ୍ରତିକାର ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ ଗୃହ, ଧାମନଗର, ସମୟ: ଅପରାହ୍ନ ୩ ଟା।

## କେନ୍ଦୁଝର

- ଜାତୀୟ କ୍ରୀଡା ଦିବସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଆଞ୍ଚଳିକ ମହାବିଦ୍ୟାଳୟ, ସ୍ୱାମ ପାଟଣା, ପାଟଣା ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୬ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ନିକ୍ଷୟ ପୋଷଣ କିଟ୍ ବଣ୍ଟନ, ସ୍ଥାନ: ବିଇଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୦ଟା।
- ପୁରସ୍କାର ବିତରଣ, ସ୍ଥାନ: ବିଇଏମସି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ବିନାୟକ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗଜପତି ନଗର ୫ମ ଲାଇନ ପାଠାଗାର, ସମୟ: ଅପରାହ୍ନ ୫ଟା ୩୦।

## କନ୍ଧମାଳ

- ଆଦିବାସୀ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର,ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଖୋଖୋ ପ୍ରତିଯୋଗିତା, ସ୍ଥାନ: ସତ୍ୟସାଇ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ, ସମୟ: ଅପରାହ୍ନ ୨ ଟା।
- ଗ୍ରାମ୍ୟ କମିଟି ତରଫରୁ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: କନ୍ଧସାହି ନୂଆସାହି,ବାଲିଗୁଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ଢେଙ୍କାନାଳ

- ବିକାଶ ୟୁଥ୍ କ୍ଲବ ପକ୍ଷରୁ ଷ୍ଟାର ନାଇଟ୍, ସ୍ଥାନ: ଖମାରସାହି,ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ସଚେତନତା ରାଲି, ସ୍ଥାନ:ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ନୁମାଲିଗଡ ରିଫାଇନେରୀ ଲିମିଟେଡ୍ (ଏନଆର୍‌ଏଲ) କମ୍ପାନୀ ପ୍ରକଳ୍ପ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ଏନଆର୍‌ଏଲ ଅଞ୍ଚଳ, ଷଣ୍ଢପୁର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀରାଧାଷ୍ଟମୀ ଉତ୍ସବ, ସ୍ଥାନ: ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ମଠ, ଫୋରଡ, କେନ୍ଦ୍ରାପଡ଼ା, ଗୋପାଳଜୀଉ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ଗରାପୁର ସମୟ: ସକାଳ ୬ଟା।
- ତେରଗାଁ ସରପଞ୍ଚଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ତେରଗାଁ, ମହାକାଳପଡ଼ା, ସମୟ: ସକାଳ ୮ଟା।

## ଯାଜପୁର

- ଧର୍ମଶାଳା ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ:ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦, ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଅଷ୍ଟମ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା୩୦।
- ନୟାଗଡ଼ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ପୂଜା ଅବସରରେ ସଂକୀର୍ତ୍ତନ ପରିବେଷଣ, ସ୍ଥାନ: ନୟାଗଡ଼ ବଜାର ଓଡଗାଁ ରୋଡ, ସମୟ: ମଧ୍ୟାହ୍ନ ୧୨ଟା।
- ବାଦିପାଲା- ପ୍ରଥମ ଥାକ, ସ୍ଥାନ: ନୟାଗଡ଼ ବଜାର ଓଡଗାଁ ରୋଡ, ସମୟ: ଅପରାହ୍ନ ୩ଟା୩୦, ବାଦି ପାଲାର ୨ୟ ଥାକ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଗୁଣପୁର ପୌର ପରିଷଦ ପକ୍ଷରୁ ପଥୋତ୍ସବ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ଛକରୁ ବାଇପାସ୍ ଛକ, ଗୁଣପୁର ସମୟ: ସକାଳ ୭ଟା।
- ଜୋନାଲସ୍ତରୀୟ ଦୁଇଦିନିଆ ୱେଲନେସ୍ ଆଣ୍ଡ ହେଲଥ୍ ଇକ୍ୱିଟି କାର୍ଯ୍ୟକ୍ରମ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଭାରତୀ କଳା ନିକେତନ ପକ୍ଷରୁ ନାଟକ 'ପାନ୍ଥଶାଳାର ପଥିକ', ସ୍ଥାନ: ଉମରକୋଟ, କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ସ୍ୱାୟତ୍ତ ଶାସନ ଦିବସରେ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ଦଶହରା ପଡ଼ିଆ, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଜିଲା ଅଧିକାରୀ(ଏଡିଓ)ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନନ୍ଦପୁର କୃଷି ଜିଲା କାର୍ଯ୍ୟାଳୟ,ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜନରେ ପଥ ଉତ୍ସବ, ସ୍ଥାନ: ସମଲେଇ ମନ୍ଦିର ନିକଟସ୍ଥ ରିଭର ଭ୍ୟୁ, ସମୟ: ସକାଳ ୭ଟା।
- ଜିଲା ବାରିକ ସମାଜ ଆୟୋଜନରେ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥାନ ଆୟୋଜିତ ଶାନ୍ତି କାର୍ଯ୍ୟକ୍ରମ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଯୁବ ସମାବେଶ ଓ ଯୁବ ରାଲି ଆୟୋଜନ, ସ୍ଥାନ: ଗୁଣ୍ଡିଚା ମନ୍ଦିରରୁ ଆମ୍ବାଗାନ ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା ଶିବିର, ସ୍ଥାନ: କୁଷ୍ଠ କଲୋନି, ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସମ୍ମିଳନୀର ଯୁବ ଶୋଭାଯାତ୍ରା, ସ୍ଥାନ: ସେକ୍ଟର-୫ ଗୁଣ୍ଡିଚା ମନ୍ଦିର ଆମ୍ବାଗାନ, ସମୟ: ମଧ୍ୟାହ୍ନ ୧୨ଟା।
- ଗଣେଶ ପୂଜାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସେକ୍ଟର-୨ ଓଆର୍‌ଟିସି କଲୋନି, ସମୟ: ଅପରାହ୍ନ ୪ଟା।
- ଗଜାନନ ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାରରେ ମାସିକ ସାହିତ୍ୟ ଆସର, ସ୍ଥାନ: ପାଠାଗାର ପରିସର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଆକାଶବାଣୀ ଶ୍ରୋତାସଂଘର ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଶାରଦା କମ୍ପ୍ଲେକ୍ସ, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦।

## କଳାହାଣ୍ଡି

- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡ଼ା, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ଏନଏସିସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଷଷ୍ଠ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ : ଅପରାହ୍ନ ୩ଟା

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକସ୍ଥିତ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର

- ବିନିକାରେ ଏକଦ୍ୱିବସୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ନୂଆପାଲି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ବାରିକ ପରିବାରନର ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଲକ୍ଷ୍ମୀପୁର ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଗଣେଶ ପୂଜା କମିଟି ତରବୋଡ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ଼ ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଲଖନପୁରସ୍ଥିତ ମହିମା କଲେଜ ସଭାଗୃହରେ ଶିକ୍ଷା ବିଭାଗ ପକ୍ଷରୁ ଦିନିକିଆ ଓରିଏଣ୍ଟେଶନ କାର୍ଯ୍ୟକ୍ରମ, ସ୍ଥାନ: ମହିମା କଲେଜ ସଭାଗୃହ,ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପଦାଧିକାରୀଙ୍କ ପୃଷ୍ଠପୋଷକତାରୁ ଆଜି ଦୃଢ଼ ମନୋବଳ ନେଇ କାର୍ଯ୍ୟହାସଲ କରିବେ। ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ। ବନ୍ଧୁଙ୍କ ମିଥ୍ୟାଭିଯୋଗରୁ କ୍ରୋଧାନ୍ୱିତ ହୋଇପାରନ୍ତି। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ।

**ବୃଷ** ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ସ୍ଥଗିତ ରହିଯାଇଥିବା କାମ ସମ୍ପନ୍ନ କରିବେ। ନିର୍ମାଣ, କର୍ମାରମ୍ଭ, ଯୋଗାଯୋଗ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ରହିବ ନାହିଁ। ଆଲୋଚନା ପରିସରରେ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେବା ସହ ପ୍ରଶଂସା ମଧ କରିବେ। ସରକାରୀ କ୍ଷେତ୍ରରୁ ଋଣ ଆଣିବା ସକାଶେ ମନସ୍ଥ କରିପାରନ୍ତି।

**ମିଥୁନ** ଶୁକ୍ରଙ୍କ ସୁପ୍ରଭାବରେ ସୁଖ ଲାଭ କରିବା ସହ ମାନସିକ ସ୍ତରରେ ଅସ୍ଥିରତା ଦୂର ହେବ। ପରୀକ୍ଷା, ଇଣ୍ଟରଭ୍ୟୁ, ସରକାରୀ ସ୍ତରରେ କାମ ହାସଲରେ ଅକୃତକାର୍ଯ୍ୟ ହେବା ଯୋଗୁ ବ୍ୟସ୍ତ ରହିବେ। ଋଣ ପରିଶୋଧ ପାଇଁ ଚାପର ବଶବର୍ତ୍ତୀ ହେବେ। ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ଅକ୍ଷୁଣ୍ଣ ରହିବ।

**କର୍କଟ** ଅନ୍ୟମନସ୍କଜନିତ ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାର କାରଣ ହୋଇପାରନ୍ତି। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ମତପାର୍ଥକ୍ୟଜନିତ ବାକ୍‌ବିତଣ୍ଡା ସୃଷ୍ଟି ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପରେ ବହୁମୂଲ୍ୟ ଦେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାର କୃତି ଓ କୃତିତ୍ୱର ଅଧିକାରୀ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ। ଗୁରୁତ୍ୱପୂର୍ଣ୍ଣ କାମ ନିର୍ଦ୍ଧିଷ୍ଟ ସମୟରେ ନ ହେବାରୁ ଅନ୍ୟ ଉପରେ ବିରକ୍ତ ହେବେ। ଯାତ୍ରା ସମୟରେ ବନ୍ଧୁଙ୍କୁ ପ୍ରତୀକ୍ଷା କରି ଅସନ୍ତୁଷ୍ଟ ହୋଇପାରନ୍ତି।

**କନ୍ୟା** ଆଜିର ଗ୍ରହଯୋଗ ପ୍ରଭାବରୁ କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି, ବନ୍ଧୁ ସମ୍ପର୍କ ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରାଇବ। କୌଣସି ପାରିବାରିକ କଥା ମନକୁ ଆଲୋଡିତ କରିପାରେ। ଅପ୍ରିୟ ସତ କଥା କହି ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାଜନିତ ମନ ଉଦ୍‌ବେଗଯୁକ୍ତ ରହିବ।

**ତୁଳା** ପାରିବାରିକ ଜୀବନ ସୁଖଶାନ୍ତିରେ କଟିବା ସହ ନୂଆ କାମଟିଏ ଆରମ୍ଭ କରିବେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ଦୁଶ୍ଚିନ୍ତାର କାରଣ ହୋଇପାରେ। ଅନ୍ୟମାନଙ୍କର ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟ ଏବଂ ସହଯୋଗ ଫଳରେ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ।

**ବିଛା** କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାର ଲକ୍ଷ୍ୟ କରି ଆଶ୍ୱସ୍ତି ଲାଭ କରିବେ। ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଉପରିସ୍ଥଙ୍କ ଆଦେଶାନୁସାରେ କିମ୍ବା ଘରୋଇ କାମରେ ହେଉ ଆପଣଙ୍କୁ ଦୂରଯାତ୍ରା ପାଇଁ ପ୍ରସ୍ତୁତ କରିପାରନ୍ତି।

**ଧନୁ** ମତାନୈକ୍ୟ କାରଣରୁ କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ। ପରୋକ୍ଷ ଶତ୍ରୁତାରୁ ଅପମାନଜନକ ସ୍ଥିତି ଉପୁଜିପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। କୌଣସି କ୍ଷେତ୍ରରେ ସାହାଯ୍ୟ ଓ ଅର୍ଥ ପାଇଁ ବନ୍ଧୁଙ୍କ ହାତକୁ ଚାହିଁ ବସିପାରନ୍ତି।

**ମକର** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାରଙ୍କ ସହ ବ୍ୟବସାୟରେ ମତାନ୍ତର ଦେଖାଦେଇପାରେ। ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବା କାରଣରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହେବାର ସୂଚନା ରହିଛି। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**କୁମ୍ଭ** ସ୍ଥଗିତ ରହିଯାଇଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ବାଧ୍ୟ ହେବେ। ପ୍ରିୟଜନଙ୍କ ସାହାଯ୍ୟ ମାଧ୍ୟମରେ ଜମିଜମା ସମ୍ପର୍କୀୟ ବିବାଦର ଆଶୁ ସମାଧାନ ହୋଇଯିବ। ଯାନବାହନ, ନିର୍ମାଣ, ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ। କଳା, ସାହିତ୍ୟ, କ୍ରୀଡ଼ା,ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଅବିମୃଶ୍ୟକାରିତାରୁ ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର ନ କରି କାମ କଲେ ଅପଦସ୍ଥ ହେବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ସମସ୍ୟାକୁ ବଢ଼ାଇଦେବ। ଆଜି ଶିଳ୍ପ, ବାଣିଜ୍ୟ ଓ ପରିବହନ ମାନ୍ଦା ହେବ ନାହିଁ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସରକାରୀ କାମ ଏବଂ ସାଂଗଠନିକ କାର୍ଯ୍ୟ ନେଇ କାମର ଚାପ ବୃଦ୍ଧି ପାଇବ।

ଆଜି ଅଗଷ୍ଟ ୩୦ ତାରିଖ, ଲଘୁ ଉଦ୍ୟୋଗ ଦିବସ, ଭାଦ୍ରବ ଶୁକ୍ଳପକ୍ଷର ଲଳିତାସପ୍ତମୀ, ଶନିବାର, ଶ୍ରୀମନ୍ଦିରରେ କେକେଶୀବଧ ଲୀଳା, ରାଶିନକ୍ଷତ୍ର-ଦିବା ଘ.୦୨।୩୭ ମି. ପର୍ଯ୍ୟନ୍ତ ବିଶାଖା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୩ମି. ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହୋଇ ନାହିଁ କି ହେବ ନାହିଁ,**
**ଗାଁ ଦେଢ଼ଶୁର, ଗାଁ ଭାଇବୋହୂ**
**ମୁଣ୍ଡରେ ପଣତ ଦେଇନାହିଁ କି ଦେବନାହିଁ ।**

ଝିଅଟି ଏକା ଗାଁର, ସେଇ ଗାଁରେ ବି ବାହାଘର। ଯେଉଁ ଲୋକକୁ ଝିଅଟି ପିଲାଦିନୁ ଦେଖିଛି ସେ ଏବେ ମାନ୍ୟତାରେ ଦେଢ଼ଶୁର। ଚଳଣି ଅନୁସାରେ ଦେଢ଼ଶୁରକୁ ଭାଇବୋହୂ କଥା କହି ନ ଥାଏ, ମୁହଁରେ ଓଢ଼ଣା ଦେଇଥାଏ। ଏପରିସ୍ଥଳେ ଆଗରୁ ଚିହ୍ନାପରିଚୟ ତଥା କଥାବାର୍ତ୍ତା ଥିବାରୁ ଆଉ ସେ ଝିଅ ପ୍ରଥାନୁସାରେ ଓଢ଼ଣା ଦେବାକୁ ସଙ୍କୋଚ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାଣ୍ଡିରେ ଖାଏ,**
**ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ ।**

ନିଜର ସଚ୍ଚୋଟତା ପରିପ୍ରକାଶ ନିମନ୍ତେ ଅନେକେ ମିଛ ଅଭିନୟ କରିଥାନ୍ତି। ନିଷ୍କାର ଛଳନା। ଅନ୍ୟାୟ ଏବଂ ଅସଙ୍ଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ଏକ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟସ୍ତବିବ୍ରତ ହୋଇପଡୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଦାୟିତ୍ୱ ପାଇଥିବା ଯୁବ ଓ ଛାତ୍ରନେତାଙ୍କୁ ଭେଟିଲେ ନବୀନ

ଭୁବନେଶ୍ୱର, ୨୯।୮ (ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ନିକଟରେ ଚିନ୍ମୟ ସାହୁଙ୍କୁ ଯୁବ ଓ ଇପ୍ସିତା ସାହୁଙ୍କୁ ଛାତ୍ର ସଭାପତି ଭାବେ ନିଯୁକ୍ତି ମିଳିଛି। ଏହାସହ ଦଳ ଯୁବ ଓ ଛାତ୍ର ବ୍ୟାପାର କମିଟି ଘୋଷଣା କରିଥିଲା। ନୂଆକରି ଦାୟିତ୍ୱ ପାଇଥିବା ନେତାମାନଙ୍କୁ ଶୁକ୍ରବାର ନବୀନ ନିବାସ ଡାକି ଦଳର ସଭାପତି ନବୀନ ପଟ୍ଟନାୟକ ଆଲୋଚନା କରିଥିବା ଜଣାପଡ଼ିଛି। ନବୀନ ନିବାସରେ ପ୍ରଥମେ ଛାତ୍ର କମିଟି ସହିତ ୧୫ ମିନିଟ୍ ନବୀନ ଆଲୋଚନା କରିଥିଲେ। ଏଥିରେ ଛାତ୍ର ସଭାପତି ଇପ୍ସିତା ସାହୁ ଏବଂ ଛାତ୍ର ବ୍ୟାପାର କମିଟିର ବରିଷ୍ଠ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଦେବୀରଞ୍ଜନ ତ୍ରିପାଠୀ, ସୁଭାଶିଷ ଖୁଣ୍ଟିଆ ଏବଂ ସୌଭିକ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ଟିମ୍ ପରେ ନବୀନ ଯୁବ ଟିମ୍ ସହ ଆଲୋଚନା କରିଥିଲେ। ଯୁବ ସଭାପତି ଚିନ୍ମୟ ସାହୁ ଏବଂ ଯୁବବ୍ୟାପାର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ଅମରେଶ ପତ୍ରୀ ଏବଂ ସଞ୍ଜିତ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଏହି ଟିମ୍ ସହ ନବୀନ ୧୫ ମିନିଟ୍ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏହାପରେ ଉଭୟ ଟିମ୍‌କୁ ଡାକି ନବୀନ ୧୦ ମିନିଟ୍ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେଠାରେ ଉପସ୍ଥିତ ଜଣେ ନେତା କହିଛନ୍ତି, ନବୀନ ଆଲୋଚନା ବେଳେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ବର୍ତ୍ତମାନର ସରକାରୀ ଦଳ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ଯେଉଁସବୁ ମିଛ ନ୍ୟାରେଟିଭ ସୃଷ୍ଟି କରାଯାଇଥିଲା ତାହା ସମସ୍ତେ ଜାଣିଛନ୍ତି। ଏବେ ଲୋକମାନଙ୍କ ପାଖକୁ ଯାଇ ସେ ବିଷୟରେ ଜଣାଅ। ବିଜେଡି ସରକାର ସମୟରେ ଲୋକମାନଙ୍କୁ କ'ଣ ଲାଭ ମିଳୁଥିଲା ଏବଂ କ'ଣ ଲାଭ ଭାଜପା ସରକାର ଦେଉଛି ସେକଥା ବୁଝ। ଯେଉଁସବୁ ପ୍ରସଙ୍ଗରେ ବିରୋଧ, ପ୍ରତିବାଦ କରୁଛ ସେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଅ ନାହିଁ। ସମସ୍ତଙ୍କୁ ସାଙ୍ଗରେ ନେଇକରି ଚାଲିବା ଦରକାର। ଲମ୍ବା ସମୟ ପର୍ଯ୍ୟନ୍ତ ରାଜନୀତି କରିବାକୁ ହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନଦେବା ଦରକାର। ଅନ୍ୟପଟେ ଯୁବ ଓ ଛାତ୍ର ନେତାମାନେ କ'ଣ କହୁଛନ୍ତି ସେମାନଙ୍କ ମତାମତ ଲୋଡ଼ିଥିଲେ। ନୂଆ ଓ ପ୍ରଥମ ଥରର ଭୋଟରଙ୍କ ପାଖରେ ଦଳ କିପରି ପହଞ୍ଚିବ ସମସ୍ତେ ପ୍ରସ୍ତାବ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ୧ ଡଲାର...

ପ୍ରଥମ ପୃଷ୍ଠାରୁ...

ପାଲଟା ଶୁଳ୍କ ଅଗଷ୍ଟ ୭ରୁ ଲାଗୁ ହୋଇଥିବାବେଳେ ରୁଷୀୟ ତୈଳ କ୍ରୟ ବାବଦକୁ ଜରିମାନା ଆକାରରେ ସେ ଆଉ ୨୫% ଆମଦାନୀ ଶୁଳ୍କ କଷିଥିଲେ, ଯାହାକି ୨୭ ତାରିଖରୁ ଲାଗୁ ହୋଇଛି। ଅର୍ଥାତ୍ ଆମେରିକାକୁ ଭାରତ ରପ୍ତାନି କରୁଥିବା ସାମଗ୍ରୀଗୁଡ଼ିକୁ ବର୍ତ୍ତମାନ ୫୦% ଟାରିଫ୍‌ର ବୋଝ ସହିବାକୁ ପଡୁଛି। ଏଥିଯୋଗୁ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ଦର ବଢ଼ିବାରେ ଲାଗିଛି। ଫଳରେ ସେଠାକାର ବ୍ୟବସାୟିକ ସଂସ୍ଥାଗୁଡ଼ିକ କମ୍ ଟାରିଫ୍ ରହିଥିବା ଦେଶଗୁଡ଼ିକରୁ ସାମଗ୍ରୀ ଆମଦାନୀ କରିବାକୁ ପସନ୍ଦ କଲେଣି। କମ୍ ଟାରିଫ୍ ଲାଗିଲେ ସାମଗ୍ରୀ ମଧ୍ୟ କମ୍ ଦାମ୍‌ରେ ଉପଲବ୍ଧ ହେବ, ଯାହାକୁ ଉଚିତ ମୂଲ୍ୟରେ ଆମେରିକୀୟ ବଜାରରେ ବିକ୍ରି କରିବା ସହଜ ଓ ସୁବିଧା ହେବ। ଏହାଦ୍ୱାରା ସ୍ଥାନୀୟ ଉପଭୋକ୍ତା ଯୁକ୍ତିଯୁକ୍ତ ମୂଲ୍ୟରେ ସେମାନଙ୍କ ପସନ୍ଦର ସାମଗ୍ରୀ ପାଇପାରିବେ। ଏହି ଦଣ୍ଡାତ୍ମକ ଶୁଳ୍କର ପ୍ରଭାବ ଭାରତୀୟ ପୁଞ୍ଜିବଜାର ଉପରେ ପଡ଼ିବାରେ ଲାଗିଥିବାବେଳେ ଟଙ୍କା ମଧ୍ୟ ଏଥିରୁ ବର୍ତ୍ତିପାରିନାହିଁ। ଶୁକ୍ରବାର ସେସନ୍‌ରେ ଡଲାର ତୁଳନାରେ ଟଙ୍କା ସର୍ବନିମ୍ନ ୮୮.୩୦୭୫ ସ୍ତରକୁ ଖସିଥିଲା। କାରବାର ଶେଷରେ ଏହା ୮୮.୧୯୫୦ ଟଙ୍କାରେ ସ୍ଥିର ରହିଥିଲା।

ଆମେରିକାର ଉଚ୍ଚ ଟାରିଫ୍ ଯୋଗୁ ଭାରତୀୟ ପୁଞ୍ଜିବଜାର ମଧ୍ୟ ପ୍ରଭାବିତ ହୋଇଛି। ବିଏସ୍‌ଇ ସେନ୍‌ସେକ୍ସ ୨୭୦.୯୨ ପଏଣ୍ଟ (୦.୩୪%) ହ୍ରାସ ପାଇ ୭୯,୮୦୯.୬୫କୁ ଖସିଥିବାବେଳେ ନିଫ୍ଟି ଫିଫ୍ଟି ୭୪.୦୫ ପଏଣ୍ଟ (୦.୩୦%) ନିମ୍ନଗାମୀ ହୋଇ ୨୪,୪୨୬.୮୫ରେ ସେଟେଲ୍ ହୋଇଛି। ସେଲିଂ ଚାପ ଯୋଗୁ ଟ୍ରେଡ୍‌ର ଶେଷ ଆଡ଼କୁ ଦୁଇଟି ଯାକ ସୂଚକାଙ୍କ ଦିନର ସର୍ବନିମ୍ନ ସ୍ତରକୁ ଚାଲିଆସିଥିଲା। ଟ୍ରମ୍ପଙ୍କ ଟାରିଫ୍‌ର ସମ୍ପୂର୍ଣ୍ଣ ପ୍ରଭାବକୁ ବଜାର ହଜମ କରିବାକୁ ଉଦ୍ୟମ କରିଥିବାବେଳେ ନିବେଶକଙ୍କ ସେଣ୍ଟିମେଣ୍ଟ ସତର୍କତାପୂର୍ଣ୍ଣ ରହିଛି। ଏହି ସ୍ଥିତି ଜାରି ରହିଲେ ଭବିଷ୍ୟତରେ ଭାରତୀୟ ରପ୍ତାନି ଆହୁରି ପ୍ରଭାବିତ ହେବ। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ମଧ୍ୟ ଭାରତୀୟ ଶେୟାର ମାର୍କେଟରୁ ପୁଞ୍ଜି ପ୍ରତ୍ୟାହାର କରିନେବେ। ଫଳରେ ଟଙ୍କା ଆଗକୁ ଅଧିକ ଦୁର୍ବଳ ହେବା ଆଶଙ୍କା ଦେଖାଦେଇଛି ବୋଲି ଜିଓଜିତ୍ ଇନ୍‌ଭେଷ୍ଟମେଣ୍ଟ ଲିମିଟେଡ୍‌ର ରିସର୍ଚ୍ଚ ହେଡ୍ ବିନୋଦ ନାୟାର କହିଛନ୍ତି। ସେହିପରି ଏଲ୍‌କେପି ସିକ୍ୟୁରିଟିଜ୍‌ର କମୋଡିଟି ଆଣ୍ଡ୍ କରେନ୍ସି ବରିଷ୍ଠ ବିଶ୍ଳେଷକ ଜତିନ୍ ତ୍ରିବେଦୀଙ୍କ ମତରେ ଇତିହାସରେ ପ୍ରଥମ ଥର ପାଇଁ ଟଙ୍କା ସାଇକୋଲୋଜିକାଲ୍ ମାର୍କ ୮୮କୁ ଅତିକ୍ରମ କରିଥିବାରୁ ଭାରତୀୟ ମୁଦ୍ରା ଲାଗି ସଙ୍କଟ ଉପୁଜିଛି। ଆମେରିକା ଭାରତୀୟ ଉତ୍ପାଦଗୁଡ଼ିକ ଉପରେ ୫୦% ଟାରିଫ୍ କଷିଥିବାରୁ ଏହାର ଚାପରେ ବିତ୍ତୀୟ ନିଅଣ୍ଟ ବଢ଼ିଯିବ।

ପୁଞ୍ଜି ବଜାରରେ କେବଳ ଅଗଷ୍ଟ ମାସରେ ଏଫ୍ଆଇଆଇ ରେକର୍ଡ ପରିମାଣ ମୋଟ୍ ୩୮,୫୯୦.୨୬ କୋଟି ଟଙ୍କାର ସେଲିଂ କରିଥିବା କୋଟାକ୍ ସିକ୍ୟୁରିଟିଜ୍ ଇକ୍ୱିଟି ରିସର୍ଚ୍ଚ ହେଡ୍ ଶ୍ରୀକାନ୍ତ ଚୌହାନ୍ ସୂଚନା ଦେଇଛନ୍ତି। ସେହିପରି ଏଏନ୍‌ଜେଡ୍ ବ୍ୟାଙ୍କ ଏଫ୍ଏକ୍ସ ଷ୍ଟ୍ରାଟେଜିଷ୍ଟ ଧୀରଜ ନିମ୍ କହିଛନ୍ତି, ଆମେରିକାର ଟାରିଫ୍ ଭାରତର ବାଲାନ୍ସ ଅଫ୍ ପେମେଣ୍ଟ ଚାପକୁ ଆହୁରି ବଢ଼ାଇଦେବା ସହ ଆର୍ଥିକ ଆଗମନ ସ୍ରୋତକୁ ଦୁର୍ବଳ କରିଦେବ। ଏଭଳି ସ୍ଥିତିରେ ଡଲାର ତୁଳନାରେ ଟଙ୍କା ଆହୁରି ଦୁର୍ବଳ ହୋଇପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ସଦ୍ୟତମ ବୁଲେଟିନ୍‌ରେ କହିଛି, ଆମେରିକାର ବାଣିଜ୍ୟ ନୀତିକୁ ନେଇ ଭାରତୀୟ ବଜାରରେ ଲାଗିରହିଥିବା ଅନିଶ୍ଚିତତା ଘରୋଇ ଚାହିଦା ପାଇଁ ରିସ୍କ ସୃଷ୍ଟି କରିଛି।

ଇତିମଧ୍ୟରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଶୁକ୍ରବାର କହିଛନ୍ତି, ୱାଶିଂଟନ୍ ସହ ଟ୍ରେଡ୍ ଡିଲ୍ ପାଇଁ ନୂଆଦିଲ୍ଲୀ ଦ୍ୱିପାକ୍ଷିକ ଆଲୋଚନା ଜାରି ରଖିଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ଲଗାଇଥିବା ୫୦% ଟାରିଫ୍ ଦେଶର ଅର୍ଥନୀତିକୁ ବିଶେଷ ପ୍ରଭାବିତ କରିବ ନାହିଁ। ଯଦି କେହି ଏକ ଉତ୍ତମ ମୁକ୍ତ ବାଣିଜ୍ୟ ଚୁକ୍ତି ଚାହୁଁଥାନ୍ତି ଆମେ ସଦାବେଳେ ପ୍ରସ୍ତୁତ ରହିବୁ। କିନ୍ତୁ ଯଦି କେହି ଭେଦଭାବ କରନ୍ତି, ତେବେ ଆମେ କେବେ ହେଲେ ମୁଣ୍ଡ ନୁଆଇବୁ ନାହିଁ ବୋଲି ଗୋୟଲ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ଓ ଆମେରିକା ଗତ ମାର୍ଚ୍ଚରୁ ଅଦ୍ୟାବଧି ୫ଟି ପର୍ଯ୍ୟାୟରେ ଡିଲ୍ ପାଇଁ ଆଲୋଚନା କରିଥିବାବେଳେ ଟ୍ରମ୍ପଙ୍କ ଟାରିଫ୍ ଯୋଗୁ ଅଗଷ୍ଟ ୨୫ରେ ହେବାକୁ ଥିବା ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ହୋଇପାରି ନାହିଁ। ଷଷ୍ଠ ପର୍ଯ୍ୟାୟ ଆଲୋଚନା ପାଇଁ ତାରିଖ ଧାର୍ଯ୍ୟ ହୋଇନାହିଁ। ଏଭଳି ସ୍ଥିତିରେ ଅନିଶ୍ଚିତତା ଲମ୍ବିଚାଲିବା ଆଶଙ୍କା ଉପୁଜିଛି।

### ୧ମ ତ୍ରୈମାସିକରେ ...

କରାଯାଉଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ଶୁକ୍ରବାର ଜାରି ଡେଟା ଅନୁସାରେ କୃଷି କ୍ଷେତ୍ରରେ ଏପ୍ରିଲରୁ ଜୁନ୍ ମଧ୍ୟରେ ୩.୭% ଅଭିବୃଦ୍ଧି ଆସିଛି। ୨୦୨୪-୨୫ ଆର୍ଥିକବର୍ଷରେ ଏହା ୧.୫% ରହିଥିଲା। ସେହିପରି ୨୦୨୪ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଜିଡିପି ଅଭିବୃଦ୍ଧି ୮.୪% ରେକର୍ଡ କରାଯାଇଥିଲା। ଚଳିତମାସରେ ଆର୍‌ବିଆଇ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ବାସ୍ତବ ଜିଡିପି ଅଭିବୃଦ୍ଧି ୬.୫% ରହିବା ଆକଳନ କରିଥିଲା। କେନ୍ଦ୍ରୀୟ ବ୍ୟାଙ୍କ କ୍ୟୁ୧ରେ ଏହା ୬.୫%, କ୍ୟୁ୨ରେ ୬.୭%, କ୍ୟୁ୩ରେ ୬.୬% ଓ କ୍ୟୁ୪ରେ ୬.୩% ରହିବା ନେଇ ଅନୁମାନ କରିଥିଲା।

# ପିକ୍‌ଅପ୍ ଭ୍ୟାନ୍-ବାଇକ୍ ଧକ୍କା, ୨ ଯୁବକଙ୍କ ମୃତ୍ୟୁ



ଉତ୍ତ୍ୟକ୍ତ ଲୋକଙ୍କୁ ସାନଖେମୁଣ୍ଡି ବିଧାୟକ ବୁଝାଶୁଝା କରୁଛନ୍ତି।

ବ୍ରହ୍ମପୁର,୨୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଛକରେ ଶୁକ୍ରବାର ମଧ୍ୟାହ୍ନରେ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଧକ୍କା ହେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମର କର୍ଣ୍ଣ ସେଠୀ (୫୫) ଓ ସନାତନ ସୁଆଁସିଆ (୪୦)। ଉଭୟେ ବାଇକ୍‌ରେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିବା ବେଳେ ପିକ୍‌ଅପ୍ ଭ୍ୟାନ ଧକ୍କା ଦେଇଥିଲା। ସେମାନଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୀର୍ଘ ସମୟ ରାସ୍ତା ଉପରେ ମୃତଦେହ ପଡ଼ି ରହିବାରୁ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ମୃତକମାନଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ଓ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ରାସ୍ତାରେ ଡିଭାଇଡର୍ କରିବାକୁ ଦାବି କରିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ତଥାପି ଲୋକେ ବୁଝି ନ ଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ପହଞ୍ଚି ସ୍ଥିତି ଯାଞ୍ଚ କରିବା ସହ ଲୋକମାନଙ୍କ ସହିତ ଆଲୋଚନା କରି ରାସ୍ତାରୋକୋରୁ ଓହରି ଯିବାକୁ ଅନୁରୋଧ କରିଥିଲେ। ରାସ୍ତାରୋକୋ ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲ ପଠାଇଛି। ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଜବତ କରିଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

# ମାଡ଼ିଗଲା ଟ୍ରକ୍: ଯୁବକ ମୃତ



ଟ୍ରକ୍ ମାଡ଼ିଯାଇ କ୍ଷତିଗ୍ରସ୍ତ ହୋଇଥିବା ଘର।

ଧରାକୋଟ,୨୯।୮ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଢ଼ଉଗାଁ ଛକରେ ଶୁକ୍ରବାର ଭୋର୍‌ରେ ବେପରୁଆ ଗାଡ଼ି ଚାଳନା ଯୋଗୁ ଟ୍ରକ୍ ମାଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢଉଗାଁ ଗ୍ରାମର ବସନ୍ତ ପରିଡା (୪୮)। ବସନ୍ତଙ୍କ ଉପରେ ଟ୍ରକ୍ ମାଡ଼ିଯିବା ପରେ କିଛି ଦୂରରେ ଥିବା ଗୋଟିଏ ଦୋକାନ, ଜଣେ ବ୍ୟକ୍ତିଙ୍କ ଘର ଓ ଗୋଟିଏ ବାଇକ୍ ଓ ସାଇକେଲ ଉପରେ ମଧ୍ୟ ଚାଳକ ଗାଡ଼ି ଚଢ଼ାଇ ଦେଇ ଚମ୍ପଟ

## ଘର,ଦୋକାନ ଭାଙ୍ଗିଲା: ଡ୍ରାଇଭର ଗିରଫ

ମାରୁଥିଲେ। ଗାଁ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଗିରଫ ଚାଳକ ହେଲେ ସନ୍ତୋଷ କୁମାର ପରିଡ଼ା। ଅଧିକ ଭାଙ୍ଗ ସେବନରୁ ଏପରି ଅଘଟଣ ଘଟିଲା ବୋଲି ସନ୍ତୋଷ ସ୍ୱୀକାର କରିଛନ୍ତି।

ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ (ନଂ. ଓଡ଼ି ୦୯ ଏଭି ୩୩୬୬)ଟି ଆସିକାପଟୁ ଦିଗପହଣ୍ଡି ଅଭିମୁଖେ ଯାଉଥିଲା। ଭୋର ପ୍ରାୟ ୫ଟାରେ ଢଉଗାଁ ଛକ ନିକଟ ୫୯ ନଂ. ଜାତୀୟ ରାଜପଥରେ ଟ୍ରକ୍‌ଟି ବିଲରୁ ଆସୁଥିବା ବସନ୍ତଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆସିକା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଧରାକୋଟ ଥାନାରେ ନଂ.୨୩୧/୨୫ ପ୍ରକାରେ ମାମଲା ରୁଜୁ କରାଯାଇଛି।

# ଆଇଜଲ୍‌କୁ ପ୍ରଥମ ରେଳ ସଂଯୋଗ

ଭୁବନେଶ୍ୱର,୨୯।୮(ସୁନିତ୍ ମିଶ୍ର)

ମିଜୋରାମର ରାଜଧାନୀ ଆଇଜଲ୍। ଦେଶ ସ୍ୱାଧୀନ ହେବାର ପ୍ରାୟ ୭୮ ବର୍ଷ ପୂରଣ ହୋଇସାରିଥିଲେ ସୁଦ୍ଧା ଏହି ଅଞ୍ଚଳକୁ ଏପର୍ଯ୍ୟନ୍ତ ରେଳଲାଇନ ସଂଯୋଗ କରାଯାଇପାରି ନ ଥିଲା। ଏହି ରେଳ ସ୍ୱପ୍ନ ପ୍ରଥମ ଥର ଲାଗି ସଫଳ ହେବାକୁ ଯାଉଛି। ମିଜୋରାମର ବୈରବୀ ପର୍ଯ୍ୟନ୍ତ ପୂର୍ବରୁ ରେଳ ସଂଯୋଗ ହୋଇଥିଲା। ହେଲେ ଏହା ଆଇଜଲ୍‌କୁ ସଂଯୋଗ କରି ନ ଥିଲା। ମାତ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଏକ କଠିନ କାର୍ଯ୍ୟକୁ ସଫଳତାର ସହ ପୂର୍ଣ୍ଣାଙ୍ଗ ରୂପରେଖ ଦିଆଯାଇଛି। ୧୨ ବର୍ଷର କଠିନ ପରିଶ୍ରମ ଦ୍ୱାରା ରେଳ ମନ୍ତ୍ରଣାଳୟ ବୈରବୀରୁ ସାଇରଙ୍ଗ୍ ପର୍ଯ୍ୟନ୍ତ ୫୧.୩୮ କିଲୋମିଟର ରେଳ ଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି। ଏହାଫଳରେ ଆଇଜଲ୍‌ବାସୀଙ୍କ ପାଇଁ ଖୁସିର ବାତାବରଣ ସୃଷ୍ଟି କରିଛି। ସ୍ଥାନୀୟ ଲୋକମାନଙ୍କୁ ଏଣିକି ରେଳ ଯୋଗେ ପଡ଼ୋଶୀ ରାଜ୍ୟକୁ ଯିବା ଆସିବାଠାରୁ ଆରମ୍ଭକରି ବ୍ୟବସାୟ କରିବା ଭଳି ସବୁ କ୍ଷେତ୍ରରେ ଲାଭ ମିଳିପାରିବ।

ଆଇଜଲ୍ ସହର ପାହାଡ଼ର ଉପରଦେଶରେ ଅବସ୍ଥିତ। ଏହି ଅଞ୍ଚଳବାସୀ ସବୁ ସମୟରେ ଭୂସ୍ଖଳନ ଭୟରେ ରହିଥାଆନ୍ତି। ଅନେକ ସମୟରେ ଭୂସ୍ଖଳନ ଯୋଗୁ ଏମାନଙ୍କ ଯାତାୟାତରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ହେଲେ ଆଇଜଲ୍‌ଠାରୁ ୨୮ କିଲୋମିଟର ଦୂର ସାଇରଙ୍ଗ୍‌ଠାରେ ରେଳ ମନ୍ତ୍ରଣାଳୟ ନୂଆ ରେଳ ଷ୍ଟେଶନ କରିଛି। ଏଠାରୁ ପାହାଡ଼ କାଟି ରେଳଲାଇନ ପ୍ରତିଷ୍ଠା କରାଯାଇଛି। ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ଗତ ୪ ବର୍ଷ ମଧ୍ୟରେ କରାଯାଇଛି। ସାଇରଙ୍ଗ୍‌ଠାରୁ ବୈରବୀ ମଧ୍ୟରେ ୩ଟି ଷ୍ଟେଶନ ରହିଛି। ସେଗୁଡ଼ିକ ହେଉଛି ମୁଆଲଖାଙ୍ଗ, କୌନପଲ ଏବଂ ହରତୋକି ଷ୍ଟେଶନ। ଏହି ରେଳଲାଇନ ଆସାମର ସିଲ୍‌ଚର ପର୍ଯ୍ୟନ୍ତ ଯିବା ଆସିବା କରିବାର ବାଟ ଫିଟାଇଦେଇଛି। ଉକ୍ତ ରେଳ ପ୍ରକଳ୍ପ ପାଇଁ ମୋଟ୍ ୫୦୨୧.୪୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ନୂଆ ରେଳଲାଇନ ମଧ୍ୟରେ ମୋଟ୍ ୪୮ ଟନେଲ, ୫୫ ବଡ଼ ବ୍ରିଜ୍, ୮୭ ଛୋଟ ବ୍ରିଜ୍, ୫ଟି ରୋଡ୍ ଓଭରବ୍ରିଜ୍, ୬ଟି ରୋଡ୍ ଅଣ୍ଡର ବ୍ରିଜ୍ ରହିଛି। ଏହିସବୁ ଭିତରୁ ୧୯୬ ନମ୍ବର ବ୍ରିଜ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ବ୍ରିଜ୍‌ର ଉଚ୍ଚତା ୧୧୪ ମିଟର ହୋଇଥିବା ବେଳେ ଏହାର ଲମ୍ବ ୪୨ ମିଟର ରହିଛି। ୧୯୬ ନମ୍ବର ବ୍ରିଜ୍ ଦେଶର ଦ୍ୱିତୀୟ ସର୍ବବୃହତ୍ ରେଲୱେ ବ୍ରିଜ୍।

୨୦୧୪ ନଭେମ୍ବର ୨୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈରବୀରୁ ସାଇରଙ୍ଗ୍ ପର୍ଯ୍ୟନ୍ତ ନୂଆ ରେଳଲାଇନ ପ୍ରତିଷ୍ଠା କରିବାକୁ ମାଲିଗାଁଓ ସ୍ଥିତ ରେଳ ଷ୍ଟାଡିୟମରେ ଘୋଷଣା କରିଥିଲେ। ୨୦୧୬ ମେ ୨୭ରେ ଭିସି ଜରିଆରେ ବୈରବୀରୁ ସିଲ୍‌ଚର ପର୍ଯ୍ୟନ୍ତ ଏକ ପାସେଞ୍ଜର ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଏବେ ବୈରବୀଠାରୁ ସାଇରଙ୍ଗ୍ ପର୍ଯ୍ୟନ୍ତ ରେଳଲାଇନ ସଂଯୋଗ ଆଇଜଲ୍‌ବାସୀଙ୍କ ପାଇଁ ଏକ ବଡ଼ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ରେଳଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଗତ ମେ ୧ରେ ଟ୍ରାଏଲ ରନ୍ ମଧ୍ୟ ସରିଛି। ଆସନ୍ତା ୧୩ ତାରିଖରେ ପ୍ରଧାନମନ୍ତ୍ରୀ ଏହି ରେଳଲାଇନର ଶୁଭାରମ୍ଭ କରିପାରନ୍ତି ବୋଲି ଜଣାପଡ଼ିଛି। ଏହି ରେଳ ଲାଇନ କାର୍ଯ୍ୟରେ ବିଭିନ୍ନ ରାଜ୍ୟର ଶ୍ରମିକ ଏବଂ ଇଞ୍ଜିନିୟରମାନଙ୍କୁ ସାମିଲ କରାଯାଇଥିଲା। ଓଡ଼ିଶାର ବହୁ ଶ୍ରମିକ ଏବଂ ଇଞ୍ଜିନିୟର ଏଥିରେ ସାମିଲ ମଧ୍ୟ ହୋଇଥିଲେ। ଉକ୍ତ ରେଳ ପ୍ରକଳ୍ପ କାର୍ଯ୍ୟ ସମୟରେ ଏକ ଦୁର୍ଘଟଣା ଘଟିବା ଯୋଗୁ ପ୍ରାୟ ୪୦ରୁ ଅଧିକ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ସରକାରୀ ଭାବେ ଏହି ସଂଖ୍ୟା ୧୪ ବୋଲି କୁହାଯାଇଛି। ଏହି ପ୍ରକଳ୍ପଟି ସମ୍ପୂର୍ଣ୍ଣ ପାହାଡ଼ କାଟି କରାଯାଇଛି। ପ୍ରକଳ୍ପରେ ବ୍ୟବହୃତ ହୋଇଥିବା ମେଶିନ, ମ୍ୟାଟେରିଆଲ ଆଦି ନେବାକୁ କାର୍ଯ୍ୟ କରୁଥିବା ସଂସ୍ଥାକୁ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଛି। ସେଠାରେ ଉପସ୍ଥିତ ଜଣେ ଇଞ୍ଜିନିୟରଙ୍କ କହିବା ମୁତାବକ, ଶ୍ରମିକମାନେ ୫ କି.ମି. ଯାଏ ପାଦରେ ଚାଲି ଚାଲି ଯିବାକୁ ପଡ଼ିଛି। ପାହାଡ଼ କଡ଼ରେ ଯାଇଥିବା ଏହି ରେଳଲାଇନ ପାଇଁ ଭୂସ୍ଖଳନ ସମସ୍ୟା ହୋଇପାରେ ବୋଲି ପାହାଡ଼ ପାଦଦେଶରୁ ବହୁ ଉପର ପର୍ଯ୍ୟନ୍ତ କଂକ୍ରିଟ୍ ମଧ୍ୟ କରାଯାଇଛି।

ଆଇଜଲ୍‌ବାସୀଙ୍କୁ ବାହାର ରାଜ୍ୟକୁ ଯିବା ପାଇଁ ହେଲେ ମୁଖ୍ୟତଃ ବିମାନ କିମ୍ବା ରାସ୍ତା ଯୋଗେ ଯିବାକୁ ପଡୁଥିଲା। ଏହା ସେମାନଙ୍କ ଲାଗି ଅଧିକ ବ୍ୟୟବହୁଳ ହେବା ସଙ୍ଗେ ସଙ୍ଗେ ସମୟ ସାପେକ୍ଷ ମଧ୍ୟ ହେଉଥିଲା। ଏଣିକି ସେମାନେ ସମସ୍ୟା ଭୋଗି ନ ପାରନ୍ତି ବୋଲି କୁହାଯାଉଛି। ମିଜୋରାମ ସୀମାକୁ ଲାଗି ବାଂଲାଦେଶ ଏବଂ ମ୍ୟାନ୍‌ମାର ରହିଛି। ସେହିପରି ଦେଶ ଭିତରର ତ୍ରିପୁରା, ଆସାମ ଏବଂ ମଣିପୁରର ସୀମା ସହ ମିଜୋରାମ ରହିଛି। କେତେଜଣ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବାରୁ ସେମାନେ କହିଛନ୍ତି, ଯାତାୟାତ ପାଇଁ ସେମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମାନେ ନିଜ ଅଞ୍ଚଳର ଜିନିଷ ବାହାର ରାଜ୍ୟକୁ ନେଇ ବିକ୍ରି ମଧ୍ୟ କରିପାରୁ ନ ଥିଲେ। ଏବେ ରେଳ ସଂଯୋଗ ହେବା ପରେ ବ୍ୟବସାୟ କ୍ଷେତ୍ରରେ ସେମାନେ ଲାଭାନ୍ୱିତ ହୋଇପାରିବେ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ଅନେକ ଦର୍ଶନୀୟ ସ୍ଥାନ ରହିଥିବା ସତ୍ତ୍ୱେ ଏହାର କିଛି ଲାଭ ମିଳିପାରୁ ନ ଥିଲା। ଏଣିକି ପର୍ଯ୍ୟଟକମାନେ ମଧ୍ୟ ଆସିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରିବେ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ରାଜ୍ୟରେ ବିଶେଷ କରି ସାଇରଙ୍ଗ ନିକଟବର୍ତ୍ତୀ ଅଞ୍ଚଳରେ ୟୁରାନିୟମ ଓ କୋଇଲା ଖଣି ରହିଛି। ଏଥିସହିତ ଅନେକ ମୂଲ୍ୟବାନ ପଥରର ଖଣି ମଧ୍ୟ ରହିଛି ବୋଲି ସେମାନେ କହିଛନ୍ତି। ଯଦି ତାହା ସତ୍ୟ ହୋଇଥାଏ, ରେଳ ସଂଯୋଗ ଦ୍ୱାରା ଏହି ଅଞ୍ଚଳର ଖଣିଜ ପଦାର୍ଥ ଉତ୍ତୋଳନ କରି ବ୍ୟବସାୟିକ ଲାଭ ଉଠାଯାଇପାରିବ।



ଦେଶର ଦ୍ୱିତୀୟ ସର୍ବବୃହତ ‘୧୯୬ ନଂ. ବ୍ରିଜ୍’

## ନାଏବ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା କଲେ କୋର୍ଟ

ମୋହନା,୨୯।୮(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଲିଲିଗଡ଼ ପଞ୍ଚାୟତ ନାଏବ ସରପଞ୍ଚ ସନ୍ତୋଷ ନାୟକଙ୍କୁ ମୋହନା ଜେଏମ୍‌ଏଫ୍‌ସି ଶୁଭଜିତ ବେହେରା ଅଯୋଗ୍ୟ ଘୋଷଣା କରିଛନ୍ତି। ଅଧିକ ସନ୍ତାନ ଥିବା ଅଭିଯୋଗର ବିଚାର କରି ସନ୍ତୋଷଙ୍କ ନାଏବ ସରପଞ୍ଚ ପଦବୀକୁ ବିଚାରପତି ଅସିଦ୍ଧ ଘୋଷଣା କରିଥିବା ଜଣାପଡିଛି।

ଖବରରୁ ପ୍ରକାଶ, ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ଲିଲିଗଡ଼ ପଞ୍ଚାୟତର ୫ ନମ୍ବର ୱାର୍ଡର ସଦସ୍ୟ ପାଇଁ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ସନ୍ତୋଷ ବିଜୟୀ ହୋଇଥିଲେ। ପରେ ସେ ନାଏବ ସରପଞ୍ଚ ହୋଇଥିଲେ। ତେବେ ସନ୍ତୋଷ ତାଙ୍କ ସତ୍ୟପାଠରେ ତାଙ୍କର ୨ଟି ସନ୍ତାନ ଥିବା ଉଲ୍ଲେଖ କରିଥିଲେ। ଏହାକୁ ଚାଲେଞ୍ଜ କରି ସନ୍ତୋଷଙ୍କର ୪ଟି ସନ୍ତାନ ଥିବା ଅଭିଯୋଗ ଆଣି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଏଫ୍‌ଟି ଦେବେନ୍ଦ୍ର ୨୦୨୨ ମାର୍ଚ୍ଚ ୧୭ରେ ଜେଏମଏଫସି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ବିଚାରପତି ଏବେ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ନାଏବ ସରପଞ୍ଚ ସନ୍ତୋଷଙ୍କ ପାଇଁ ଆଇନଜୀବୀ ସନ୍ତୋଷ ପାଢ଼ୀ ଓ ପ୍ରତିପକ୍ଷ ଏଫ୍‌ଟି ଦେବେନ୍ଦ୍ରଙ୍କ ଲାଗି ଆଇନଜୀବୀ ରବୀନ୍ଦ୍ର ନାୟକ ମାମଲା ପରିଚାଳନା କରୁଥିଲେ। ଏହି ୱାର୍ଡସଭ୍ୟ ପଦବୀ ପାଇଁ ପୁନଃ ନିର୍ବାଚନ କରିବାକୁ ମୋହନା ବିଡିଓ ରାଜୀବ ଦାସ ଓ ଗଜପତି ଜିଲାପାଳଙ୍କୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ହୋଇଥିବା ଆଇନଜୀବୀ ନାୟକ ପ୍ରକାଶ କରିଛନ୍ତି।


# ଦୀର୍ଘମିଆଦୀ ଯୋଜନାର ମହତ୍ତ୍ୱକୁ ବୁଝିବାକୁ ଲାଗିଲେଣି କି ଭାରତୀୟ?

ସର୍ବସାଧାରଣ କ୍ଷେତ୍ର ବାହାରେ ଥିବା ଜନସାଧାରଣଙ୍କ ପାଇଁ ଭାରତରେ ପେନସନ୍ ସୁରକ୍ଷାର ବିକଳ୍ପଗୁଡ଼ିକ ଖୁବ୍ ସୀମିତ ହୋଇଥାଏ। ତଥାପି, ବିଶେଷକରି ଭାରତର ସହରାଞ୍ଚଳରେ ସୁବ୍ୟବସ୍ଥିତ ଅବସରକାଳୀନ ଯୋଜନା ପ୍ରତି ଅଭିମୁଖିତା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ମୁଦ୍ରାସ୍ଫୀତି, ବର୍ଦ୍ଧିତ ଆର୍ଥିକ ସଚେତନତା ଏବଂ ଦୀର୍ଘତର ଜୀବନ ପ୍ରତ୍ୟାଶା ଭଳି ଅନେକ କାରଣରୁ ଅବସରକାଳୀନ ଯୋଜନା ଅପରିହାର୍ଯ୍ୟ ହୋଇଥାଏ।

ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ହୋଇଥିବା ଏକ ଭବିଷ୍ୟତ ପାଇଁ ଲୋକମାନେ ଜୀବନ ବୀମା ପଲିସି, ସରକାରୀ ପେନସନ୍ ପ୍ଲାନ୍ ଆଦିରେ ମଧ୍ୟ ନିବେଶ କରୁଛନ୍ତି। ପାରମ୍ପରିକ ବିକଳ୍ପରୁ ବାହାରେ ବର୍ତ୍ତମାନ ନିରନ୍ତର ଭାବେ ଜନାଦୃତି ଲାଭ କରୁଥିବା ଅନ୍ୟତମ ନିବେଶ ବିକଳ୍ପ ହେଉଛି ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡ।

### ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡ କ’ଣ?

ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡ ଲୋକମାନଙ୍କୁ ସେମାନଙ୍କ କର୍ମଜୀବନରୁ ଅବସର ନେବା ପରବର୍ତ୍ତୀ ବର୍ଷଗୁଡ଼ିକରେ ସେମାନଙ୍କର ଆୟକୁ ଗଢ଼ିବାରେ ସହାୟତା ଯୋଗାଇବା ଉଦ୍ଦିଷ୍ଟ ହୋଇଥିବା ନିବେଶ ବିକଳ୍ପ ଅଟେ। ଏହି ଫଣ୍ଡଗୁଡ଼ିକ ସାଧାରଣତଃ ନିବେଶର ଅଭିବୃଦ୍ଧି ଓ ସୁରକ୍ଷା ଉପରେ ଫୋକସ୍ କରିଥାଏ ଏବଂ ଏଗୁଡ଼ିକ ନିବେଶକମାନଙ୍କୁ ସେମାନଙ୍କୁ ଅବସରୋତ୍ତର ଜୀବନ ନିମନ୍ତେ ଏକ ସୁରକ୍ଷିତ ପାଣ୍ଠି ଜମା କରିବାରେ ସହାୟତା କରିବା ଲାଗି ପରିକଳ୍ପିତ ହୋଇଥାଏ। ଇକ୍ୱିଟିରୁ ଆରମ୍ଭ କରି ଡେଟ୍ ପର୍ଯ୍ୟନ୍ତ, ଏହି ଫଣ୍ଡଗୁଡ଼ିକ ମିଶ୍ରିତ ଇନଭେଷ୍ଟମେଣ୍ଟଗୁଡ଼ିକରେ ନିବେଶ କରିଥାଏ। ଉଦାହରଣସ୍ୱରୂପ, ଇକ୍ୱିଟିରେ ନିବେଶ କରିବା ଦ୍ୱାରା ଧନ ବୃଦ୍ଧି ହେଉଥିବାବେଳେ ମୂଳ ପୁଞ୍ଜିର ସଂରକ୍ଷଣ, ରିସ୍କ ପରିଚାଳନା ତଥା ସ୍ଥିରତା ପାଇଁ ଡେଟ୍ ଇନ୍‌ଭେଷ୍ଟମେଣ୍ଟ ଆବଶ୍ୟକ ହୋଇଥାଏ।

ଇକ୍ୱିଟିରେ ଭାରି ମାତ୍ରାରେ ନିବେଶ ହୁଏତ ଦୀର୍ଘମିଆଦୀ ବଜାର ଲାଭ ପ୍ରାପ୍ତ କରିବାରେ ଯୁବ ନିବେଶକଙ୍କୁ ସହାୟତା କରିପାରେ। ହେଲେ, ଅବସରକାଳ ପାଖେଇ ଆସିବା ସହ ରିସ୍କ ସଂସ୍ପର୍ଶକୁ ହ୍ରାସ କରିବା ପାଇଁ ପୋର୍ଟଫୋଲିଓର ପୁନଃସନ୍ତୁଳନ କରାଯିବା ଜରୁରୀ ହୋଇପଡ଼ିଥାଏ। ବିଚାରକୁ ନେବା ଭଳି ଆଉ ଏକ କଥା ହେଉଛି ଯେ, ଏହି ଫଣ୍ଡଗୁଡ଼ିକ ସର୍ବନିମ୍ନ ପାଞ୍ଚ ବର୍ଷ ଅଥବା ଅବସରଗ୍ରହଣ (ଯାହା ପ୍ରଥମେ ହେଉଥିବ) ପର୍ଯ୍ୟନ୍ତ ଲକ୍-ଇନ୍ ଅବଧି ସହ ଉପଲବ୍ଧ ହୋଇଥାଏ।

ବୃଦ୍ଧିଶୀଳ ଆର୍ଥିକ ସଚେତନତା ବ୍ୟତୀତ, ନିବେଶକ ଅନୁକୂଳ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକର ଅଭ୍ୟୁଦୟ ନିବେଶ କାର୍ଯ୍ୟକୁ ସହଜ କରିଦେଇଛି। ବର୍ଦ୍ଧିତ ପାରଦର୍ଶିତା ଏବଂ ନିବେଶକ ସୁରକ୍ଷା ନିୟମାବଳୀ ମଧ୍ୟ ଏହାର ଅନ୍ୟ କେତୋଟି କାରଣ। ଏହି ଦିଗଗୁଡ଼ିକୁ ଏକତ୍ରିତ କରି ଦେଖିଲେ ଏହା ଜଣାପଡ଼ିଥାଏ ଯେ, ଭାରତୀୟମାନେ ଏବେ ଦୀର୍ଘମିଆଦୀ ଅବସରକାଳୀନ ଯୋଜନା ଉପରେ ପୂର୍ବାପେକ୍ଷା ବିଶେଷ ଧ୍ୟାନ ଦେବାରେ ଲାଗିଛନ୍ତି।

ଆଇସିଆରଏ ଆନାଲିଟିକ୍ସର ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ଭାରତରେ ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ଆସେଟ୍ସ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) ବିଗତ ପାଞ୍ଚ ବର୍ଷରେ ୨୨୬.୨୫% ବୃଦ୍ଧି ପାଇଛି। ଜୁନ୍ ୨୦୨୦ରେ ଏହା ₹୯,୮୦୦ କୋଟି ରହିଥିବାବେଳେ, ଜୁନ୍ ୨୦୨୫ରେ ତାହା ଅହେତୁକ ଭାବେ ବୃଦ୍ଧି ପାଇ ₹୩୧,୯୭୩ କୋଟିରେ ପହଞ୍ଚିଛି। ସମାନ ସମୟରେ, ଫୋଲିଓଗୁଡ଼ିକର ସମୁଦାୟ ସଂଖ୍ୟା ୧୮% ବୃଦ୍ଧି ପାଇ ୩୦.୦୯ ଲକ୍ଷରେ ପହଞ୍ଚିଛି। ଏହି ଊର୍ଦ୍ଧ୍ୱମୁଖୀ ଧାରା ଏହା ସୂଚାଉଛି ଯେ, ବର୍ତ୍ତମାନ ଅଧିକରୁ ଅଧିକ ଭାରତୀୟ ଦୀର୍ଘମିଆଦୀ ଆର୍ଥିକ ଯୋଜନା ଆଡ଼କୁ ମନ ବଳାଉଛନ୍ତି।

ଅବସରକାଳୀନ ନିବେଶରେ ଦେଖାଦେଇଥିବା ଏହି ଲୋକପ୍ରିୟତା ଏହା ସୂଚାଉଛି ଯେ ଲୋକମାନେ ଏବେ ନିର୍ଭରଶୀଳତା ତୁଳନାରେ ଆତ୍ମନିର୍ଭରଶୀଳତାକୁ ଅଧିକ ପ୍ରାଧାନ୍ୟ ଦେବାରେ ଲାଗିଛନ୍ତି।

ଯଦି ଆପଣ ନିବେଶ ପାଇଁ ପ୍ରସ୍ତୁତ, ତେବେ ଉତ୍ତମ ଟ୍ରାକ୍ ରେକର୍ଡ ଥିବା ଏକ ସେବୀ ପଞ୍ଜୀକୃତ ରିଟାୟାରମେଣ୍ଟ-ଫୋକସଯୁକ୍ତ ମ୍ୟୁଚୁଆଲ ଫଣ୍ଡ ବାଛନ୍ତୁ। ତାହକୁ ନିଜର ଲକ୍ଷ୍ୟିତ ଅବସର ବୟସ ସହ ମେଳ ଖୁଆନ୍ତୁ ଏବଂ ଏକ ମାସିକ ଏସ୍‌ଆଇପି ଆରମ୍ଭ କରନ୍ତୁ। ଶୃଙ୍ଖଳିତ ରୁହନ୍ତୁ, ବର୍ଷରେ ଥରେ ସମୀକ୍ଷା କରନ୍ତୁ ଏବଂ ସମୟକ୍ରମେ ଚକ୍ରବୃଦ୍ଧିକୁ ନୀରବରେ ଆପଣଙ୍କ ଧନକୁ ବୃଦ୍ଧି କରିବାକୁ ଦିଅନ୍ତୁ।

ରିଟାୟାରମେଣ୍ଟ ଫଣ୍ଡଗୁଡ଼ିକ ଦୀର୍ଘମିଆଦୀ ଧନ ସୃଜନର ଆକର୍ଷଣୀୟ ବିକଳ୍ପ ହୋଇଥିଲେ ମଧ୍ୟ ସେଗୁଡ଼ିକ କ୍ଷତିଭୟରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ନୁହେଁ। ନିବେଶ କରିବା ପୂର୍ବରୁ ନିଜର ବୟସ, ଆର୍ଥିକ ଆବଶ୍ୟକତା ଏବଂ ନିଜର ରିସ୍କ ନେବାର ସାମର୍ଥ୍ୟକୁ ବିଚାରକୁ ନିଅନ୍ତୁ। ଆବଶ୍ୟକ ହୋଇଥିଲେ, ଅଧିକ ସ୍ମାର୍ଟ ନିଷ୍ପତ୍ତି ନେବା ପାଇଁ ଜଣେ ଆର୍ଥିକ ଉପଦେଷ୍ଟା କିମ୍ବା ଯୋଜନାକାରୀଙ୍କ ସହ ଯୋଗାଯୋଗ କରନ୍ତୁ।



ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

ଦାବିତ୍ୟାଗ:
**ଏସ୍‌ଆଇପି ଲାଭର ଆଶ୍ୱାସନା କିମ୍ବା ପତନମୁଖୀ ବଜାରରେ କ୍ଷତି ବିରୁଦ୍ଧରେ ସୁରକ୍ଷାର ଗ୍ୟାରେଣ୍ଟି ଦେଇ ନ ଥାଏ।
ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ
ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal
ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ।

Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
A Reputed Office Requires Junior Accountant Cum Personal Assistance Forits Bhubaneswar Office. Contact:
9178181581
9090935556

ଆବଶ୍ୟକ
ଦୋକାନ ପାଇଁ ବିକ୍ରୟକର୍ତ୍ତା ଏବଂ କର୍ମଚାରୀ ଆବଶ୍ୟକ। ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ ଅଛି। ଦରମା– 7000 ରୁ 10000/– । ସ୍ଥାନ– ପୁରୀ ।
ଯୋଗାଯୋଗ: 9090244178

WANTED
CUSTOMER CARE OFFICER
(3 Nos.) at (ANGUL). Salary upto 15000/- pm. Qualification: Minimum +2 and PGDC in computer.
SAMSUNG SERVICE CENTER
KALTAX CHHAKA, ANGUL
CONTACT :9938521088 / 8328944142

RECRUITMENT OF VOCATIONAL TRAINERS IN GOVT. SCHOOLS, KALAHANDI, ODISHA
Safeducate Learning Pvt. Ltd.
Invites applications for the post of Vocational Trainers under Samagra Shiksha in Govt. Schools of Kalahandi District, Odisha.
Sectors: Electronics & Retail Total Positions: 68
Eligibility:
Electronics : BE/B.Tech/Diploma in Electricals/Electronics/Telecomm.
Retails : Graduate or Diploma in Retail Management/Marketing
Pre-requisite : 2-3 years of work experience in same sector
Age : 18-45 years (As on 01.01.2025)
Note: Eligible candidates will be called for Interview. Date & Venue will be shared later on e-mail.
Salary: Rs.20,000/- per month (Gross)
How to Apply: Submit application by 05.09.2025 through Google Form: https://forms.gle/W3Ekn11AwWnmAhAe6 OR Email at: safeducate.samagra.shiksha@gmail.com OR by scanning QR Code.
Note: Recruitment process will be transparent. Do not indulge in any unfair practices

URGENT REQUIREMENT
ANM / GNM NURSES
We are hiring ANM / GNM Qualified Staff Nurses for immediate joining
Experience: Freshers & Experienced both can apply
Location: Bhubaneswar, Odisha
CONTACT/WHATSAPP: 8339966999
SEND YOUR UPDATED RESUME ON WHATSAPP

See Career Appointment on every Wednesday & Saturday

RECRUITMENT OF VOCATIONAL TRAINERS IN GOVT. SCHOOLS, ODISHA
ASMACS SKILL DEVELOPMENT LTD
Recruitment of Vocational trainers Under the Samagra shiksha Odisha (SSA-OSEPA) Projects in Kendrapara, Cuttack and Sonepur districts.
Total No. of Positions: 92

| SECTOR | JOB ROLE | EDUCATIONAL QUALIFICATION |
|---|---|---|
| PLUMBING | Assistant Plumber General<br>Plumber General | B.Tech in Civil Engineering Or Diploma in Civil/ Mechanical/ Agricultural engineering. |
| RETAILS | Retail Store Operations Asst.<br>Retail Sales Associate | MBA/ PG Diploma/Graduation in Retail Marketing Or Retail Management With At Least 50% Mark |
| IT/ITES | Domestic Data Entry operator | BCA/B.SC./Diploma(CS/IT) Or Graduate With PGDCA |
| | CRM Domestic Voice | B.E./B.TECH(CS/IT) Or M.Sc (CS/IT), MCA |
| ELECTRONICS | Field Technician-Other Home Appliance<br>Field Technician- Wireman Control Panel | B.E. / B.Tech in Electrical/ Electronics / Telecommunication OR Diploma in Electrical/ Electronics/Electronics/Telecommunication |
| APPAREL | Sewing Machine Operator<br>Assistant Fashion Designer | Post-graduation in Textile and Clothing or Relevant area from a recognized Institute / University. |
| AGRICULTURE | Solanaceous Crop Cultivator<br>Micro Irrigation Technician | Post-graduation in Horticulture from a recognized Institute/University |

Pre-Requisite: ➢The Candidate Should be a Domicile of Odisha. ➢Preference will be given to the Existing VTs. ➢18-45 years (as on 1st Jan 2025). Age relaxation to be provided as per Govt. rules. ➢Minimum 2-3 years of relevant industry experience as per job role +1 year of teaching experience. ➢ Last date for Receipt of CV to : 03.09.2025
All inclusive fixed CTC RS. 20,000/- per month. Send the CV to:proposal@asmacseng.com

# ପରୀକ୍ଷାର ସମୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦିଲ୍ଲୀର ପୋଲିସ ମୁଖ୍ୟଙ୍କୁ ରାତାରାତି ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ୧୯୯୨ ବ୍ୟାଚ୍ ଆଇପିଏସ୍ ଅଧିକାରୀ ସତୀଶ ଗୋଲ୍‌ଛାଙ୍କୁ ୨୧ ଅଗଷ୍ଟରେ ନିଯୁକ୍ତ କରାଯାଇଛି। ଏକ ସରକାରୀ କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଆକ୍ରମଣ କରାଯିବା ପରଦିନ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ସମୟରେ ରାଜଧାନୀର ଆଇନ ଶୃଙ୍ଖଳା ବ୍ୟବସ୍ଥା ସୁଧାରିବା ପାଇଁ ଶୀଘ୍ର ଜଣେ ଦକ୍ଷ ଅଧିକାରୀ ଭାବେ ଗୋଲ୍‌ଛାଙ୍କୁ ଅଣାଯାଇଛି। ଦିଲ୍ଲୀ ପୋଲିସ ବ୍ୟବସ୍ଥାରେ ସେ ୩ ଦଶନ୍ଧି ହେଲା କାର୍ଯ୍ୟ କରିଆସିଛନ୍ତି। ସେ ୨୦୨୦ ଦଙ୍ଗା ସମୟରେ ସ୍ୱତନ୍ତ୍ର ପୋଲିସ କମିଶନର ଥିଲେ ଏବଂ ଗୋଇନ୍ଦା, କ୍ରାଇମ ବ୍ରାଞ୍ଚ ଓ କାରାଗାର ବ୍ୟବସ୍ଥାର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହା ବ୍ୟତୀତ ସେ ଦିଲ୍ଲୀ ବାହାରେ ଅରୁଣାଚଳ ପ୍ରଦେଶ ଓ ତିହାରରେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସଂକ୍ଷେପରେ କହିବାକୁ ଗଲେ, ଦିଲ୍ଲୀ ପୋଲିସର ଯେକୌଣସି ସଙ୍କଟରେ ତାଙ୍କ ଉପସ୍ଥିତି ରହୁଥିଲା। ଦିଲ୍ଲୀ ପୋଲିସ କମିଶନର ଭାବେ କାର୍ଯ୍ୟାଳୟରେ ପ୍ରଥମ ଦିନରୁ ଚର୍ଚ୍ଚା ହୋଇଥିଲା। ଅନ୍ୟମାନଙ୍କୁ ଦାୟିତ୍ୱ ଦେଇ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେବା ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଏହାସହ ସେ ମଧ୍ୟ ଅଧିକାରୀଙ୍କ ମତକୁ ଆଗ୍ରହର ସହ ଶୁଣିଥିଲେ। ବିଭିନ୍ନ ଅଧିକାରୀଙ୍କୁ ଏକାଠିକରି ଆଲୋଚନା କରିବା ଏକ ଉଚିତ ପଦକ୍ଷେପ ଏବଂ ସଙ୍କଟ ସମୟରେ ପୋଲିସ ପାଇଁ ଏହା ଦରକାର। ଗୋଲ୍‌ଛା ଏହି ପଦବୀରେ ୨୦୨୭ ପର୍ଯ୍ୟନ୍ତ ରହିବେ, ଯାହା ଦିଲ୍ଲୀର କ୍ଷମତା ଖେଳରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଏହା ତାଙ୍କ ପାଇଁ ବାସ୍ତବରେ ଏକ ପରୀକ୍ଷାର ବେଳ।

### ଥିଙ୍କ୍‌ଟ୍ୟାଙ୍କ୍ ନା ବାବୁ ଲଢ଼େଇ

ଭାରତର ତଥାକଥିତ ଦକ୍ଷିଣପନ୍ଥୀ ଗୃହଯୁଦ୍ଧର ସବୁଠୁ ବଡ଼ ବିଡ଼ମ୍ବନା ହେଉଛି, ଏହା ତାହାର ବାସ୍ତବ ବିଚାରଧାରକୁ ଆଦୌ ଦୃଷ୍ଟି ଦିଏନାହିଁ। ଏହା ନିଜ ନିଜ ମଧ୍ୟରେ ଏକ ଲଢ଼େଇ ଭଳି ମନେହୁଏ, ଯେଉଁଥିରେ ଅବସରପ୍ରାପ୍ତ ଅଧିକାରୀ, କର୍ପୋରେଟ୍ ଅଂଶୀଦାର ଏବଂ ଥିଙ୍କ୍‌ଟ୍ୟାଙ୍କ୍ ଲଢୁଛନ୍ତି। ଏବକାର ଲଢ଼େଇର ଗୋଟିଏ ପଟେ ଅଛନ୍ତି ରିଲାଏନ୍ସ କମ୍ପାନୀରୁ ଅଧିକ ପୁଞ୍ଜି ଓ ସମ୍ବଳ ପାଇଥିବା ଅବର୍ଜରଭର ରିସର୍ଚ୍ଚ ଫାଉଣ୍ଡେଶନ(ଓଆର୍‌ଏଫ୍), ଯାହାର ଶୀର୍ଷ ନେତୃତ୍ୱରେ ରହିଛନ୍ତି ଜଣେ ଆଇଏଫ୍‌ଏସ୍ ଅଧିକାରୀ। ଲଢ଼େଇର ଅନ୍ୟ ପଟେ ଅଛି ଆଦାନୀ ସମର୍ଥିତ ଚିନ୍ତନ ଫାଉଣ୍ଡେଶନ, ଯାହାକୁ ସଞ୍ଚାଳନ କରୁଛନ୍ତି ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ। ଏହା ଏକ ବୌଦ୍ଧିକ ଯୁଦ୍ଧ ନୁହେଁ, ବରଂ ଏକ ଅମଲାତାନ୍ତ୍ରିକ ଖେଳ ଭଳି ଜଣାପଡୁଛି। ଏ ସମ୍ପର୍କରେ 'ଏକ୍ସ'ରେ ହେଉଥିବା ଆଲୋଚନା ତାମସାକୁ ଆହୁରି ବଢ଼ାଇଦେଇଛି। ଗୋଟିଏ ଦିନ ଏହା ରୁଷିଆର ଅଶୋଧିତ ତେଲ ଓ ରିଲାଏନ୍ସକୁ ନେଇ ହେଉଛି ତ ପରଦିନ ଜୟଶଙ୍କରଙ୍କ ସମର୍ଥକଙ୍କୁ ଏବଂ ତା'ପରଦିନ ଅନ୍‌ଲାଇନ ଗେମିଂ ଆପ୍ ଓ ଆଇପିଏଲ୍ ଅଧିକାର ନେଇ ଚର୍ଚ୍ଚା ଚାଲୁଛି। ଦେଖିବାକୁ ଗଲେ ଭାରତୀୟ ଶିଳ୍ପଗୁଡ଼ିକ ଅମଲାତାନ୍ତ୍ରିକ କ୍ଷେତ୍ର ପାଲଟିଯାଇଛି। ଭାରତର ଥିଙ୍କ୍‌ଟ୍ୟାଙ୍କ୍ ଦୃଶ୍ୟପଟରେ ଓଆର୍‌ଏଫ୍‌ର ପ୍ରାଧାନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆମନ୍ତ୍ରଣ କରିଛି ଏବଂ ଚିନ୍ତନ ଅବସରପ୍ରାପ୍ତ ଅଧିକାରୀ ମଣ୍ଡଳୀ ଓ କର୍ପୋରେଟ ସହଯୋଗରେ ଏକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଅବତୀର୍ଣ୍ଣ ଭୂମିକା ନିଭାଇବାକୁ ବାହାରି ପଡ଼ିଛି। ଏହା ଦକ୍ଷିଣପନ୍ଥୀ ଓ ବାମପନ୍ଥୀଙ୍କ କିମ୍ବା ମୋଦି ଗୋଷ୍ଠୀ ଓ ବିରୋଧୀଙ୍କ ମଧ୍ୟରେ ଲଢ଼େଇ ନୁହେଁ। ଏହା ପୁରୁଣା ଓ ନୂଆ ସଂସ୍ଥା ମଧ୍ୟରେ, ଆଇଏଫ୍‌ଏସ୍ ଓ ଆଇଏଏସ୍ ମଧ୍ୟରେ ଏପରିକି ଅମ୍ବାନୀ ଓ ଆଦାନୀ ମଧ୍ୟରେ ଏକ ଲଢ଼େଇ।

### ଦୁର୍ନୀତିର ଧାରା

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭାରି ବ୍ୟସ୍ତ ରହୁଛି। ପ୍ରତିଦିନ ଚଢ଼ାଉ କରୁଛି। ଏବେ ଏହାର ନଜର ଗୁଆହାଟୀ ଉପରେ ପଡ଼ିଛି, ଯେଉଁଠି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସେୱାଲି ଦେବୀ ଶର୍ମା ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବାରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ଅଭିଯୋଗ ରହିଛି। ୫୯ କେନ୍ଦ୍ରରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ହୋଇଥିଲା, କିନ୍ତୁ ପାଖାପାଖି ୩୫୦ କେନ୍ଦ୍ର କରାଯାଇଥିଲା ଏବଂ ତାଙ୍କ ବନ୍ଧୁ ଓ ପରିବାରକୁ ଏଥିପାଇଁ ଠିକା ଦିଆଯାଇ ଜଣେ ବ୍ୟକ୍ତିଙ୍କ ଦ୍ୱାରା ନିୟନ୍ତ୍ରିତ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା କାରବାର ହୋଇଥିଲା। ବାବୁ ପରିସରରେ ଦୁର୍ନୀତି ଅସାମାନ୍ୟ ନୁହେଁ, ବରଂ ବ୍ୟବସ୍ଥାର ଏକ ବିଶେଷତା। ଜଣେ ଅଧିକାରୀ ଏଭଳି ବିପୁଳ ଟଙ୍କା ଅନିୟନ୍ତ୍ରିତ ଭାବେ ହାସଲକରି ଅକଳ୍ପନୀୟ ମନେହେଲେ ବି ଏହା ପ୍ରାୟତଃ ନିୟମିତ ରୂପେ ଘଟିଚାଲିଛି। ପ୍ରକ୍ରିୟାର ନିରୀକ୍ଷଣ ବ୍ୟବସ୍ଥା ଦୁର୍ବଳ ରହୁଛି। ଟଙ୍କା ଲୁଟ୍ ହେବା ପରେ ହିଁ ସକ୍ରିୟତା ପ୍ରକାଶ ପାଉଛି କିମ୍ବା ଅଭିଯୁକ୍ତଙ୍କୁ ଧରାଯାଉଛି। ପ୍ରକୃତ ଦୁର୍ନୀତି କେବଳ ଜଣେ ବ୍ୟକ୍ତିଙ୍କ ଲୋଭ ଯୋଗୁ ହେଉନାହିଁ ବରଂ ବ୍ୟବସ୍ଥା ଏହା କରିବାକୁ ଅନୁମତି ଦେଉଛି। ଦୁର୍ନୀତିର ଏହି ଧାରା ଦେଶରେ ଶିକ୍ଷା ଯୋଜନା, କଲ୍ୟାଣକାରୀ କାର୍ଯ୍ୟକ୍ରମ କିମ୍ବା ଭିତ୍ତିଭୂମି ପ୍ରକଳ୍ପରେ ବାରମ୍ବାର ଘଟୁଛି। ସଂଖ୍ୟା ବଢ଼ାଯାଉଛି, ଟେଣ୍ଡର ହେଉନାହିଁ, ସମର୍ଥକ ଠିକାଦାରଙ୍କୁ କାମ ଦିଆଯାଉଛି। ସମୟକ୍ରମରେ ଏହା ଉପରେ କେହି ପ୍ରଶ୍ନ ଉଠାଇବାବେଳକୁ ଟଙ୍କା ଚାଲିଯାଉଛି। ଏଭଳି ପ୍ରତ୍ୟେକ ଘଟଣାରେ ସରକାର ଗର୍ବର ସହ କହୁଥିବା 'ଦୃଢ଼ ଢାଞ୍ଚା'ରେ ଥିବା ବିଶ୍ୱାସର ଅବକ୍ଷୟ ହେଉଛି। ଚଢ଼ାଉ ଓ ଗିରଫ କରିବା ଖବରର ଶୀର୍ଷକ ପାଲଟୁଛି, କିନ୍ତୁ ଦୁର୍ନୀତିର ଧାରାରେ କିଛି ବି ପରିବର୍ତ୍ତନ ହେଉନାହିଁ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | 7 | | | | 1 | 9 | |
| 9 | | 8 | | | | 2 | | |
| | | | | | | | | 3 |
| | | | | 4 | | | 2 | 1 |
| | | 9 | | | 2 | 7 | | 6 |
| | | | 5 | | | 9 | 4 | |
| 8 | | | | | 9 | | | 4 |
| | | | 1 | | | | | |
| | | 1 | | 5 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 9 | 4 | 6 | 5 | 1 | 7 |
| 7 | 5 | 6 | 8 | 1 | 3 | 9 | 4 | 2 |
| 9 | 1 | 4 | 7 | 2 | 5 | 6 | 8 | 3 |
| 5 | 7 | 8 | 1 | 6 | 9 | 2 | 3 | 4 |
| 3 | 4 | 9 | 2 | 7 | 8 | 1 | 5 | 6 |
| 2 | 6 | 1 | 5 | 3 | 4 | 7 | 9 | 8 |
| 4 | 3 | 7 | 6 | 5 | 1 | 8 | 2 | 9 |
| 6 | 9 | 5 | 3 | 8 | 2 | 4 | 7 | 1 |
| 1 | 8 | 2 | 4 | 9 | 7 | 3 | 6 | 5 |

ଗତକାଲିର ଉତ୍ତର

# ନିଃସଙ୍ଗତା ମହାମାରୀ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ମଣିଷ ସମ୍ପର୍କ ସୂତ୍ରରେ ବାନ୍ଧିହୋଇ ରହିଥାଏ ଅନ୍ୟମାନଙ୍କ ସହ। ତେବେ ତାକୁ ଏକ ବିକଶିତ ପ୍ରାଣୀର ପରିଚୟ ପ୍ରଦାନ କରିଥିବା ଏଭଳି ଜୀବନରେ କ୍ରମେ ଅବକ୍ଷୟ ଆସିବାରେ ଲାଗିଛି। ପରିଣାମ ସ୍ୱରୂପ, ବୃଦ୍ଧି ପାଇ ଚାଲିଛି ନିଃସଙ୍ଗତା, ଯାହାକି କ୍ରମେ ଏକ ମହାମାରୀର ରୂପ ନେଇ କେବଳ ଯେ ଲକ୍ଷ ଲକ୍ଷ ଜୀବନହାନୀ ଘଟାଉଛି ତାହା ନୁହେଁ, ସମଗ୍ର ମାନବ ସମାଜର ମହାନ୍ ଢାଞ୍ଚାମୂଳରେ କୁଠାରାଘାତ କଲାଣି।

ନିକଟରେ(୩୦ ଜୁନ୍ ୨୦୨୫) ପ୍ରକାଶିତ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର 'କମିଶନ ଅନ୍ ସୋସିଆଲ କନେକ୍ସନ'ର ଏକ ବିବରଣୀ ଅନୁସାରେ ଏବେ ବିଶ୍ୱର ପ୍ରତି ୬ ଜଣରେ ଜଣେ ନିଃସଙ୍ଗତାର ଶିକାର ହେଉଛନ୍ତି ଏବଂ ତାହା ପ୍ରତି ଘଣ୍ଟାରେ ନେଉଛି ପ୍ରାୟ ଏକଶତ ଜୀବନ, ଅର୍ଥାତ୍ ବାର୍ଷିକ ପ୍ରାୟ ୮ ଲକ୍ଷ ୭୧ ହଜାର।

ଆଜିକାଲି ନିଃସଙ୍ଗତା ପ୍ରାୟ ସବୁ ବୟସର ଲୋକଙ୍କୁ ଅଳ୍ପବହୁତେ ପ୍ରଭାବିତ କଲାଣି। ବୟସ୍କ ଲୋକଙ୍କ ମାଧ୍ୟମରେ ଏହା ପ୍ରତି ୩ ଜଣରେ ଜଣେ ହେଲା ବେଳେ ଯୁବଗୋଷ୍ଠୀ ମଧ୍ୟରେ ପ୍ରତି ୪ ଜଣରେ ଜଣେ। ଅର୍ଥାତ୍ ୧୩ରୁ ୨୯ ବର୍ଷ ବୟସ୍କ ଲୋକଙ୍କ ମଧ୍ୟରୁ ୧୮ରୁ ୨୨ ଶତାଂଶ ଏପରି ଅନୁଭବ କଲାବେଳେ ୬୦ରୁ ୮୦ ବର୍ଷ ବୟସ୍କଙ୍କ ମଧ୍ୟରେ ତାହା ୩୦ରୁ ୩୫ ଶତାଂଶ। ଏହା ସଂଘାତ, ବିବିଧ ପ୍ରକାର ହୃଦ୍‌ରୋଗ, ସ୍ମୃତିହୀନତା, ମଧୁମେହ, ଉଚ୍ଚ ରକ୍ତଚାପ ଆଦିର କାରଣ ହେଉଛି। ତେବେ ଏହାର ସବୁଠାରୁ ବ୍ୟାପକ ପ୍ରଭାବ ହେଲା ବୋଧଶକ୍ତିର ଅବନତି। 'ଫ୍ରଣ୍ଟିୟର ଇନ୍ ସାଇକୋଲୋଜି' ପତ୍ରିକାର ଜାନୁଆରୀ ୨୦୨୫ ସଂଖ୍ୟାରେ ଦର୍ଶାଯାଇଛି ଯେ ନିଃସଙ୍ଗତା ସ୍ମୃତିଶକ୍ତି, ଚିନ୍ତାଶକ୍ତି ଏବଂ ସମସ୍ୟା ସମାଧାନ କରିବା ଆଦିର ସାମର୍ଥ୍ୟ ହ୍ରାସକରେ। ବୟସ୍କ ଲୋକଙ୍କଠାରେ ଏହା ବେଶ୍ ଅଧିକ ମାତ୍ରାରେ ଦେଖାଯାଉଛି। ଏ ଅବସ୍ଥା ମାନସିକ ଚାପ ବୃଦ୍ଧିକରେ। ଫଳରେ ଚାପ ହର୍‌ମୋନ 'କୋର୍ଟିସଲ'ର କ୍ଷରଣ ଅଧିକ ହୁଏ ; ଯାହାକି ମସ୍ତିଷ୍କର ଜୀବକୋଷଗୁଡ଼ିକୁ କ୍ଷତି ପହଞ୍ଚାଇପାରେ ଏବଂ ସୃଜନାତ୍ମକ କାର୍ଯ୍ୟକଳାପର ଦକ୍ଷତା ହ୍ରାସକରେ। ଏସବୁ ଯୋଗୁ ଜୀବନଧାରଣର ମାନ ନିମ୍ନଗାମୀ ହୁଏ ଏବଂ ବିଭିନ୍ନ ଅଂଶ ଉପରେ ତାହାର ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହୁଏ। ବିଶେଷକରି ମସ୍ତିଷ୍କ ଓ ହୃତ୍‌ପିଣ୍ଡ ଏହାଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି। ତେଣୁ ଏହାକୁ ଅତ୍ୟଧିକ ଧୂମପାନ ବା ପୃଥୁଳତା ସହ ସମାନ ଘାତକ ରୂପେ ବିବେଚନା କରାଯାଏ। ଏହାଦ୍ୱାରା ସ୍ୱାସ୍ଥ୍ୟସେବା, ଶିକ୍ଷା, କର୍ମନିଯୁକ୍ତ ଏବଂ ମାନବ ସମ୍ବଳ କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟା ବିଶ୍ୱବ୍ୟାପୀ ବିଲିୟନ ବିଲିୟନ ଡଲାର ଅର୍ଥନୈତିକ କ୍ଷତିର କାରଣ ହେଉଛି।



ଅନେକ ସମୟରେ ଦେଖାଯାଉଛି, ନିଃସଙ୍ଗତା ଅନୁଭବ କରୁଥିବା ଯୁବଗୋଷ୍ଠୀ ପରବର୍ତ୍ତୀ ଅବସ୍ଥାରେ କର୍ମତତ୍ପର ହୋଇପଡୁଛନ୍ତି। ପରିବାର ଚଳାଇବାକୁ ସେମାନଙ୍କୁ ବିଭିନ୍ନ ବ୍ୟକ୍ତି ଓ କାର୍ଯ୍ୟକଳାପ ସହ ସମ୍ପୃକ୍ତ ହେବାକୁ ପଡୁଥିବାରୁ ଏହା ହ୍ରାସ ପାଉଛି। ଅନ୍ୟପକ୍ଷରେ ବୃଦ୍ଧମାନଙ୍କ କ୍ଷେତ୍ରରେ ଏହା ବୟସ ସହ ତାଳଦେଇ ବଢ଼ି ବଢ଼ି ଚାଲୁଛି। ମନୋବିଜ୍ଞାନୀମାନଙ୍କ ମତରେ ଏହାର କାରଣଗୁଡ଼ିକ ହେଲା- (୧) ସେମାନଙ୍କ ନିଃସଙ୍ଗତା ସୃଷ୍ଟି ହୋଇଥାଏ ତାଙ୍କ ଆଶା ସହ ବାସ୍ତବ ସମ୍ପର୍କ ମଧ୍ୟରେ ଅସଂଯୁକ୍ତ ଯୋଗୁ। (୨) ପୁନଶ୍ଚ ବୟସ୍କ ଲୋକେ ଚାହାନ୍ତି, ଅନ୍ୟମାନେ(ବିଶେଷକରି ପରିବାରବର୍ଗ) ତାଙ୍କ କଥା ଶୁଣନ୍ତୁ ଏବଂ ତାଙ୍କର ପରିବାର ଓ ସମାଜ ପାଇଁ କିଛି ଅର୍ଥପୂର୍ଣ୍ଣ ଅବଦାନ ରହୁ। ତାଙ୍କର ଏ ଇଚ୍ଛା ପୂରଣ ହୋଇପାରେ ନାହିଁ। (୩) ସେଥିଯୋଗୁ ଖୁବ୍‌କମ୍ ସମୟ ଏକାକୀ କଟାଇଲେ ମଧ୍ୟ ସେମାନେ ନିଃସଙ୍ଗତା ଅନୁଭବ କରନ୍ତି।

ଲଣ୍ଡନସ୍ଥିତ କିଙ୍ଗ୍ କଲେଜର ଗବେଷକ ସୋମିଆ ଅକ୍ତର ଖାଁ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଅନୁଷ୍ଠିତ ମନସ୍ତାତ୍ତ୍ୱିକ ଅଧ୍ୟୟନରୁ ଜଣାପଡ଼ିଛି, ବାର୍ଦ୍ଧକ୍ୟକାଳରେ ନିଃସଙ୍ଗତା ଅନୁଭବ ଆଶା ସହିତ ବାସ୍ତବତା ଖାପଖୁଆଇ ନ ପାରିବାରୁ ପ୍ରଧାନତଃ ସୃଷ୍ଟିହୁଏ। ଡ୍ୟୁକ୍ ବିଶ୍ୱବିଦ୍ୟାଳୟଠାରେ ୨୦୨୨ ନଭେମ୍ବରରେ ଅନୁଷ୍ଠିତ ଏକ ସମ୍ମିଳନୀ ଅବସରରେ ପ୍ରେସ୍ ବିବୃତିରେ ସେ ସୂଚନା ଦେଇଥିଲେ ଯେ, ବର୍ତ୍ତମାନର ଗବେଷଣାରେ ସେମାନେ ଚିହ୍ନଟ କରିଥିବା ସମସ୍ୟାଗୁଡ଼ିକ ଏପରି ଯାହାବି ସେମାନେ ଆଗରୁ କେବେ ଭାବିପାରୁ ନ ଥିଲେ।

ବୟସ୍କ ଲୋକେ ସେମାନଙ୍କ ସମ୍ପର୍କୀୟଙ୍କଠାରୁ କ'ଣ ଆଶା କରନ୍ତି ତାହା ବୁଝିବା ପାଇଁ ପ୍ରଥମେ ସେମାନେ ଏହାର କାରଣ ନିରୂପଣ କରିବାକୁ ଆରମ୍ଭକଲେ। ତେବେ, ତାହା ସ୍ଥାନ-କାଳ-ପାତ୍ର ଅନୁସାରେ ଅଲଗା ଅଲଗା ହେବାର ଜଣାପଡ଼ିଲା ଯେ ତାହା ନିର୍ଦ୍ଦିଷ୍ଟଭାବେ ସ୍ଥିର କରିବା ସମ୍ଭବ ହେଲା ନାହିଁ। ତଥାପି ନିଃସଙ୍ଗତା ଯେ ଏକୁଟିଆ ରହିବାଠାରୁ କିଛି ଅଧିକ ଏକଥା ସେମାନେ ବୁଝିପାରିଲେ।

ତତ୍ପରେ ଅକ୍ତର ଖାଁ ଏବଂ ତାଙ୍କ ସହଯୋଗୀମାନେ ମ୍ୟାନ୍‌ମାରଠାରେ ବର୍ଷଟିଏ ରହି ବାର୍ଦ୍ଧକ୍ୟ ମନସ୍ତତ୍ତ୍ୱ ଉପରେ ଅଧ୍ୟୟନ କରିବାକୁ ଲାଗିଲେ। ସେମାନେ ସଂଗ୍ରହ କରିଥିବା ତଥ୍ୟାବଳୀରୁ ଜଣାପଡ଼ିଲା ଯେ, ଅଧିକାଂଶ ସମୟ ଏକାକୀ ନ କଟାଇଲେ ମଧ୍ୟ ଲୋକେ ତଥାପି ନିଃସଙ୍ଗ ଅନୁଭବ କରନ୍ତି, ଏହାକୁ ନେଇ ସେମାନେ ଏକ ମତବାଦ ତିଆରି କରିଛନ୍ତି। ତଦନୁଯାୟୀ ବୟସ୍କ ଲୋକଙ୍କର ସମ୍ପର୍କୀୟଙ୍କୁ ନେଇ କିଛି ଆଶାଥାଏ ; ଯାହାକି ଅନେକ ସ୍ଥଳେ ଉପେକ୍ଷିତ ହୋଇଥାଏ। ଅଧ୍ୟୟନ ଅନୁସାରେ ସେମାନେ ସାଧାରଣଭାବେ ତାଙ୍କ ସାମାଜିକ ସମ୍ପର୍କରୁ ଦୁଇଟି କଥା ଚାହାନ୍ତି। ତହିଁରୁ ପ୍ରଥମଟି ହେଲା ଅନ୍ୟମାନେ ତାଙ୍କ କଥା ଶୁଣନ୍ତୁ ଏବଂ ଦ୍ୱିତୀୟରେ ସେମାନେ ନିଜେ ସମାଜ ବା ପରିବାର ପାଇଁ କିଛି ଅବଦାନ ଦେବାର ସୁଯୋଗ ତାଙ୍କୁ ମିଳୁ, ଏପରିସ୍ଥଳେ ନିକଟରେ ଲୋକମାନେ ସେମାନଙ୍କ ଅନୁଭୂତିଗୁଡ଼ିକରୁ କିଛି ଶିକ୍ଷା କରିବା ଏବଂ ଜୀବନଧାରାକୁ ପସନ୍ଦ କରିବା ବୟସ୍କ ଲୋକଙ୍କ ମଧ୍ୟରେ ନିଃସଙ୍ଗତାର ଘାତକ ପ୍ରଭାବ ହ୍ରାସ କରିବାରେ ବିଶେଷ ସହାୟକ ହୋଇପାରିବ। ତେବେ ନିଃସଙ୍ଗତା ଅନୁଭବ କେବଳ ବୟସ୍କମାନଙ୍କ ମଧ୍ୟରେ ସୀମାବଦ୍ଧ ନୁହେଁ। ଏହା ହେଉଛି ଏକ ଭାବପ୍ରବଣତାର ଅବସ୍ଥା ଯାହାକି ଯେକୌଣସି ବୟସର ଯେ ଲୋକକୁ ପରିସ୍ଥିତି ଉପରେ ନିର୍ଭରକରି ଅନୁଭୂତ ହୋଇପାରେ। ଉଦାହରଣ ସ୍ୱରୂପ, କୋଭିଡ୍ ମହାମାରୀ ସମୟରେ ବହୁ ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ସେଥିପାଇଁ ଜାପାନ ଏବଂ ଇଂଲଣ୍ଡ ଜଣେ ଜଣେ ମନ୍ତ୍ରୀଙ୍କ ଅଧୀନରେ ଗୋଟିଏ ଗୋଟିଏ ନିଃସଙ୍ଗ ମନ୍ତ୍ରଣାଳୟ ସ୍ଥାପନ କରିଥିଲେ ଏଥିପ୍ରତି ଧ୍ୟାନଦେବାକୁ।

ନିଃସଙ୍ଗତା ଗ୍ରାଫ୍‌ରେ ଜୀବନକାଳ ମଧ୍ୟରେ ଦୁଇଟି ଶୀର୍ଷ ଥିବାର ଦେଖିବାକୁ ମିଳେ। ତହିଁରୁ ଗୋଟିଏ ଯୁବକ ଅବସ୍ଥାରେ ହେଲା ବେଳେ ଅନ୍ୟଟି ବୃଦ୍ଧାବସ୍ଥାକୁ ସୂଚିତ କରେ। ଡ. ଅକ୍ତର ଖାଁଙ୍କ ମତରେ ଏହାର କାରଣଗୁଡ଼ିକୁ ଉତ୍ତମରୂପେ ବୁଝିପାରିଲେ ଆମେ ହୁଏତ ତାହା ସମାଧାନ କରିବାରେ ଅଧିକ ଫଳପ୍ରଦ ପନ୍ଥାଟିଏ ନିରୂପଣ କରିପାରିବା।

ବର୍ତ୍ତମାନ ପୃଥିବୀରେ ବୟସ୍କମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଅନ୍ୟପକ୍ଷରେ, ଯୁବଗୋଷ୍ଠୀ ମଧ୍ୟ ଅଧିକରୁ ଅଧିକ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ଫଳରେ ନିଃସଙ୍ଗତା ମହାମାରୀ ରୂପ ନେଇ କାୟାବିସ୍ତାର କରିଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ମନସ୍ତତ୍ତ୍ୱବିତ୍ ଏବଂ ଚିକିତ୍ସାବିଜ୍ଞାନୀମାନେ ଉଦ୍ୟମ କରିବା ଦରକାର। ସମାଜ ବିଜ୍ଞାନୀମାନଙ୍କର ମଧ୍ୟ ଏ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବା ଉଚିତ। ଶେଷରେ ସରକାରୀସ୍ତରରେ ଇଂଲଣ୍ଡ ଓ ଜାପାନର ପଦାଙ୍କ ଅନୁସରଣକରି ପଦକ୍ଷେପମାନ ଆରମ୍ଭକଲେ ଏ ମହାମାରୀର ତୀବ୍ରତା ହ୍ରାସ ପାଆନ୍ତି।

ଉଷାନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ସଫଳତାକୁ ଦେଖାଯାଉ




ବୃହସ୍ପତି ସାମଲ

କିଛି ରୋଚକ ଖବରର ଶିରୋନାମା ଅନେକ ସମୟରେ ଅଗ୍ରହଣୀୟ ହୋଇଥିଲେ ବି ସେସବୁକୁ ପ୍ରସ୍ତୁତ କରାଯାଉଛି। ବିଶେଷ ଭାବରେ ଭାରତୀୟ ପ୍ରଶାସନିକ ସେବା (ୟୁପିଏସ୍‌ସି) ସହ ବିଭିନ୍ନ ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ପରୀକ୍ଷା ଓ ପ୍ରତିଯୋଗିତାର ଫଳାଫଳ ପ୍ରକାଶ ପାଇଲା ବେଳେ ଏଭଳି ଅନେକ ଖବର ନଜରକୁ ଆସେ। ଉଦାହରଣ ସ୍ୱରୂପ, କେବଳ ତେଲୁଗୁ ଭାଷାରେ ଦକ୍ଷତା ଥିବା ଆନ୍ଧ୍ର ପ୍ରଦେଶର ଜଣେ ଚାଷୀଙ୍କ ପୁଅ ଆର୍. ଗୋପାଳକୃଷ୍ଣ ଯେତେବେଳେ ୨୦୧୭ ୟୁପିଏସ୍‌ସି ପରୀକ୍ଷାରେ ସଫଳତା ପାଇଲେ, ଭାରତର ଏକ ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମର ଖବରରେ ଶିରୋନାମା ରହିଲା, ଇଂରାଜୀ ନ ଜାଣି ଉପହାସର ପାତ୍ର ହୋଇଥିବା ଚାଷୀର ପୁଅ ସିଭିଲ ସର୍ଭିସ୍ ପରୀକ୍ଷାରେ ତୃତୀୟ। ୨୦୧୯ରେ ଯେତେବେଳେ କେରଳ ୱାୟନାଡ୍ ଅଞ୍ଚଳର କୁରିଚିୟା ଜନଜାତିର ଶ୍ରୀଧନ୍ୟା ସୁରେଶ ଆଇଏଏସ୍ ପାଇଲେ, ହେଡ୍‌ଲାଇନ ରହିଲା-କେରଳ ଜନଜାତି ନାରୀ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜନଜାତି ସମ୍ପ୍ରଦାୟର ପ୍ରଥମ ଆଇଏଏସ୍। ୨୦୧୬ରେ ପଶ୍ଚିମବଙ୍ଗର ଶ୍ୱେତା ଅଗ୍ରୱାଲଙ୍କ ସଫଳତାକୁ ଏକ ଜାତୀୟ ଖବରକାଗଜ ପ୍ରକାଶ କଲା-ଉନବିଂଶ ସ୍ଥାନରେ ତେଜରାତି ଦୋକାନୀଙ୍କ ଝିଅ ପଶ୍ଚିମବଙ୍ଗ ଟପ୍ପର।

ଏହିଭଳି ବ୍ୟକ୍ତିଗତ ଗାଥାଗୁଡ଼ିକ କୌଣସି ଅପୂର୍ବ ଘଟଣା ନୁହେଁ। ଆମେ ଯଦି ସଂଖ୍ୟାଗତ ତଥ୍ୟ ଦେଖିବା, ତେବେ ଏହି ବିକାଶ ଏକ ବ୍ୟାପକ ସାମାଜିକ ପରିବର୍ତ୍ତନକୁ ଇଙ୍ଗିତକରେ। ୨୦୨୩ର ୟୁପିଏସ୍‌ସି ପରୀକ୍ଷାଫଳ ଅନୁସାରେ ମୋଟ ୧୦୧୬ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୬୯ ଜଣ (ଅନ୍ୟୂନ ଦୁଇତୃତୀୟାଂଶ) ଅନୁସୂଚିତ ଶ୍ରେଣୀରୁ ଥିଲେ (୧୧୫ ଇଡବ୍ଲ୍ୟୁଏସ୍, ୩୦୩ ଓବିସି, ୧୬୫ ଏସ୍‌ସି ଓ ୮୬ ଏସ୍‌ଟି)। ସେହିଭଳି ୨୦୨୨ରେ ୯୩୩ ଜଣ ମଧ୍ୟରୁ ୫୮୮ ଜଣ ଏହି ଶ୍ରେଣୀଗୁଡ଼ିକରୁ ଥିଲେ। ଜେଇଇ ଆଡ୍‌ଭାନ୍ସଡ୍ ୨୦୨୪ରେ ୧.୮ ଲକ୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଉତ୍ତୀର୍ଣ୍ଣ ୪୮,୨୪୮ଙ୍କ ଭିତରେ ଅହମଦାବାଦର ଦଳିତ ବାଳକଠାରୁ ଆସାମ ଚା'ବଗିଚାର ବାଳିକା ସହ ୧୩,୮୦୦ ଏସ୍‌ସି, ୫୦୦୦ ଏସ୍‌ଟି ଏବଂ ୫୫୦୦ ଇଡବ୍ଲ୍ୟୁଏସ୍ ପରୀକ୍ଷାର୍ଥୀ ଅନ୍ତର୍ଭୁକ୍ତ ଥିଲେ। ଏହି ଅଭୂତପୂର୍ବ ସଫଳତା ପ୍ରମାଣ କରେ ଯେ ଦେଶର ପ୍ରତ୍ୟେକ ଅଞ୍ଚଳରୁ ମେଧାବୀମାନେ ଆଗକୁ ବଢୁଛନ୍ତି। ଆଇଆଇଏମ୍ ଗୁଡ଼ିକର ସଫଳତାରେ ମଧ୍ୟ ସମାନ ତଥ୍ୟ। ୨୦୧୫-୨୦୨୫ ମଧ୍ୟରେ ଭର୍ତ୍ତି ହୋଇଥିବା ୬୫,୯୭୮ ଛାତ୍ରଙ୍କ ମଧ୍ୟରୁ ୧୭,୧୮୪ ଓବିସି, ୯,୭୨୧ ଏସ୍‌ସି, ଓ ୪,୧୪୦ ଏସ୍‌ଟି ଥିଲେ। ଏହି ସଂଖ୍ୟାଗତ ସଫଳତା ଆଜି ଭାରତର ପ୍ରତିଟି ଉପେକ୍ଷିତ ଓ ବଞ୍ଚିତ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ସତ୍ୟରେ ପରିଣତ ହେବାର ପ୍ରମାଣ ଯାହା ସେମାନଙ୍କର ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ଏହା ଏକ ସାମୂହିକ ଚେତନାର ଉନ୍ନତି, ଏକ ସାମାଜିକ ଧାରାର ପରିବର୍ତ୍ତନ ସହ ଆଗକୁ ବଢ଼ିବାର ଶୁଭ ସୂଚନା।

କିନ୍ତୁ ଏଠି ପ୍ରଶ୍ନ ହେଉଛି, ଗଣମାଧ୍ୟମ ଏବଂ ସାଧାରଣ ଶିକ୍ଷିତ ଲୋକମାନେ ଏହି ସଫଳତାଗୁଡ଼ିକୁ କିପରି ଦେଖୁଛନ୍ତି? 'ଦିନ ମଜୁରିଆର ପୁଅ ଆଇଏଏସ୍', 'ଚାଷୀର ପୁଅ ଆଇପିଏସ୍', 'ଅଟୋ ଚାଳକର ଝିଅ ଅମୁକରେ ଟପ୍ପର', 'ପରିବା ବିକାଳିର ପୁଅ ଅମୁକରେ ପ୍ରଥମ', 'ରିକ୍ସାବାଲା ଝିଅର କମାଲ', 'ଆଦିବାସୀ ପୁଅର ଐତିହାସିକ ରେକର୍ଡ' ଇତ୍ୟାଦି ଶିରୋନାମା ଥାଇ ପରିବେଷିତ ହେଉଥିବା ଖବର ଶ୍ରୋତାମାନଙ୍କ ପାଇଁ ଆନନ୍ଦଦାୟକ ହୋଇପାରେ, କିନ୍ତୁ ଏହା ମଧ୍ୟରେ ଲୁଚିଥାଏ ଏକ ସୂକ୍ଷ୍ମ ବୈଷମ୍ୟ, ଯାହା ପରୋକ୍ଷରେ ସୂଚାଇଥାଏ ଯେ ଏହିଭଳି ପୃଷ୍ଠଭୂମିର ଲୋକେ ଅଭିନବ ସଫଳତା ପାଇବାକୁ ଯୋଗ୍ୟ ନୁହନ୍ତି। ଏମିତି ଖବର ପରିବେଷଣକରି କ'ଣ ଜୋର୍‌ଦେଇ କହିହେବ ଯେ ଧନୀ-ଗରିବ, ଉଚ୍ଚ-ନୀଚ, ଜାତି-ଅଜାତି, ଶ୍ରମିକ-ମାଲିକ ଶ୍ରେଣୀର ଊର୍ଦ୍ଧ୍ୱରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖାଯାଉଛି ବୋଲି! କୃତୀ ଛାତ୍ରୀଛାତ୍ର ଓ ପ୍ରତିଯୋଗୀଙ୍କ ସଫଳତାର କାହାଣୀ ପରଷୁ ପରଷୁ ସେମାନଙ୍କର ମାତାପିତା ଓ ଅଭିଭାବକମାନଙ୍କୁ ସମାଜ ଆଖିରେ ଏକ ଭିନ୍ନ ଦୃଷ୍ଟିଭଙ୍ଗୀରେ ଦେଖିବାକୁ ବାଧ କରାଯାଇଥାଏ। ଆଇଏଏସ୍ ଅଧିକାରୀଙ୍କ ପିଲାମାନେ ଆଇଏଏସ୍ ହେଲେ ଅବା ଡାକ୍ତର କି ଇଞ୍ଜିନିୟରଙ୍କର ପିଲାମାନେ ଡାକ୍ତର କି ଇଞ୍ଜିନିୟର ହେଲେ ଖବର ଏତେ ଜୋର୍‌ଦାର ହୁଏ ନାହିଁ। ସତେ ଯେମିତି ଜଣେ ଦିନ ମଜୁରିଆ କି ରିକ୍ସାବାଲାର ପୁଅଝିଅ ଏସବୁ ପାଇଁ ହକ୍‌ଦାର ନ ଥିଲେ ବା ନାହାନ୍ତି ଯେଉଁଥିପାଇଁ ସେମାନଙ୍କର ଏଭଳି ଅଚାନକ ସଫଳତା ଏକ ଦୃଷ୍ଟି ଆକର୍ଷଣକାରୀ ଢଙ୍ଗରେ ପ୍ରଚାରପ୍ରସାର କରିବାକୁ ରୋଚକ ଖବରର ଖୋରାକ ଯୋଗାଇଦେଇଥାଏ।



ଅଭାବୀ ଘରର ପିଲାମାନେ ସଫଳତାର ଶିଡ଼ି ଚଢ଼ନ୍ତି ସତ, ହେଲେ ସେମାନେ ତାଙ୍କର ଅଭାବୀ ଅତୀତ ଭୁଲି ଆଗକୁ ବଢ଼ିବାକୁ ଯେତେ ଚେଷ୍ଟାକଲେ ମଧ୍ୟ ଏ ସମାଜ ଏମିତି ଖବର ଆଳୁଆଳରେ କେବେ ଭୁଲିବାକୁ ଦିଏ ନାହିଁ। ଜଣେ ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ଓ ଭାରତର ରାଷ୍ଟ୍ରପତି ଥିବା ସତ୍ତ୍ୱେ ଡ. ଏପିଜେ ଅବଦୁଲ କଲାମଙ୍କୁ ଏବେ ବି ଜଣେ ଖବରକାଗଜ ହକର ଭାବେ ଆମେ ମନେରଖିଛନ୍ତି। ଖବର କ'ଣ ଏମିତି ପରିବେଷଣ କରାଯାଇ ପାରିବ ନାହିଁ ଯାହାଦ୍ୱାରା ତାଙ୍କର ଦୁଃଖଦ ଅତୀତକୁ ଭୁଲି ଆମେ ଡ. କଲାମଙ୍କୁ କେବଳ ତାଙ୍କର ଶ୍ରେଷ୍ଠ କୃତି ପାଇଁ ମନେରଖିପାରିବା! ସଫଳତା ଯାହାର, ତା'ରି କଥା ଆଲୋଚନା ହେଉ। ହେଲେ ଅଭିଭାବକମାନଙ୍କର ଦାରିଦ୍ର୍ୟ ଓ ଅଭାବ ଅନଟନକୁ ନିର୍ଦ୍ଦେଶକରିବା ପରୋକ୍ଷରେ ସେମାନଙ୍କୁ ଅପମାନ ଦେଲା ଭଳି ଯାହା ତଥାକଥିତ ସଭ୍ୟ ସମାଜର ଗରିବ, ଖଟିଖିଆଙ୍କ ପ୍ରତି ଆଜିର ଏ ଅତ୍ୟାଧୁନିକ ଯୁଗରେ ଏକ ରୁଗ୍ଣ ମାନସିକତାର ପରିପ୍ରକାଶ। ସେମାନଙ୍କୁ ଏବେ ବି ସହଜରେ ଓ ସମାନ ଭାବରେ ଗ୍ରହଣ କରିପାରିନାହୁଁ।

ସଫଳତା ସେତେବେଳେ ମୂଲ୍ୟବାନ୍ ହୁଏ ଯେତେବେଳେ ବ୍ୟକ୍ତିବିଶେଷଠାରେ ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ସମର୍ପଣ ଭାବ ଓ ପ୍ରତିଶ୍ରୁତିବଦ୍ଧତା ଅନ୍ତର୍ନିହିତ ହୋଇ ରହିଥାଏ। ଜଣେ ଚାଷୀଙ୍କ ପୁଅ ଯଦି ଆଇଏଏସ୍ ହୁଏ, ତେବେ ଆମେ ତାଙ୍କର ମେଧା, ଦୃଢ଼ ସଙ୍କଳ୍ପ ଓ ଶିକ୍ଷା ପ୍ରତି ଭଲପାଇବାକୁ ବିଶେଷ ଭାବେ କହିପାରିବା ଅଥବା ଲେଖିପାରିବା। କିନ୍ତୁ ତାଙ୍କ ପିତାମାତାଙ୍କର ବୃତ୍ତି ଓ ଅଭାବ ଅନଟନକୁ ଅଗ୍ରପଂକ୍ତିରେ ଆଣି ସେହି ସଫଳତାକୁ ଅଲଗା ଭାବେ ଦେଖିବା ଏକ ପ୍ରକାର ବୈଷମ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ସଫଳତାକୁ ଆଲୋକିତ କରିବାରେ ଆମେ ତାଙ୍କର ପ୍ରତିଭା, ଅନୁଶାସନ ଓ ଶିକ୍ଷା ସମ୍ପର୍କରେ ଅଧିକ ଆଲୋଚନା କରିବା ଉଚିତ, ତାଙ୍କ ମାତାପିତାଙ୍କ ବୃତ୍ତି କିମ୍ବା ଆର୍ଥିକ ଅଭାବ ଅନଟନ ନୁହେଁ।

ମୋ: ୯୪୩୭୦୨୨୬୬୯

## ଏଇ ଭାରତରେ

ଖରାଦିନେ ପଣସ ପାଚି ବର୍ଷାବେଳକୁ ସରିଯାଏ। ପରେ ପଣସ ପ୍ରିୟ ଲୋକ ତାହାକୁ ଝୁରନ୍ତି। କିନ୍ତୁ ବର୍ଷକ ବାରମାସ ପଣସ ସ୍ୱାଦ ପାଇବା ପାଇଁ କେରଳ ଇଡୁକ୍କିର ରାନି ସୁନି ନୂଆ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ସେ ୪.୫ ଏକର ଜମିରେ ପଣସ ଗଛ ଲଗାଇଛନ୍ତି। ସେଥିରେ ଫଳୁଥିବା ପଣସ ଓ ୨୦ଟି ପଡ଼ୋଶୀ ପରିବାରଙ୍କଠାରୁ ତାହା ସଂଗ୍ରହ କରି ଶୁଖିଲା ପଣସ ଗୁଣ୍ଡ, ପଣସ ମଞ୍ଜିଗୁଣ୍ଡ, ପଣସ ସସ୍ ଇତ୍ୟାଦି ପ୍ରସ୍ତୁତ କରୁଛନ୍ତି। ଏହି କାର୍ଯ୍ୟରେ ସେ ୧୦ ଜଣ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ରାନିଙ୍କ ବୟସ ଏବେ ୫୭। ସେ ତାଙ୍କ ଉତ୍ପାଦଗୁଡ଼ିକୁ 'ଏଡେନ ଜ୍ୟାକଫ୍ରୁଟ ପ୍ରଡକ୍ଟ' ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ପ୍ରଥମେ ରାନି ତାଙ୍କ ଘର ପାଖରେ ଥିବା ଏକ ଛୋଟ ରୁମ୍‌ରେ ଏହି ବିଜନେସ ଆରମ୍ଭ କରିଥିଲେ। ଏବେ ଏହାକୁ ସମ୍ପ୍ରସାରିତ କରି ବର୍ଷକୁ ୮ ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ରାନି ବିଜନେସ ସମ୍ପର୍କିତ କୌଣସି ଶିକ୍ଷା ପାଇନାହାନ୍ତି, କିନ୍ତୁ ଜଣେ ଗୃହିଣୀ ଭାବେ ସେ ଏଭଳି ସଫଳତା ପାଇଛନ୍ତି। ସକାଳୁ ଘର କାମ ସାରିଦେଇ ସେ ବିଜନେସ୍ ସମ୍ଭାଳୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ଅଗଷ୍ଟ ୧୯୭୬

- ସୀମାନ୍ତ ଗାନ୍ଧୀ ଖାଁ ଅବଦୁଲ ଗଫୁର ଖାଁଙ୍କୁ ୨ ବର୍ଷ ଧରି ଅଟକ ରଖାଯିବା ପରେ ମୁକ୍ତ କରିଦିଆଯାଇଥିବା ପାକିସ୍ତାନ ରେଡିଓରୁ ଘୋଷଣା କରାଯାଇଛି।
- ଭାରତର ଅନ୍ୟତମ ବିଶିଷ୍ଟ ଲୋକପ୍ରିୟ ଚଳଚ୍ଚିତ୍ର ଗାୟକ ମୁକେଶଙ୍କ ୫୩ ବର୍ଷ ବୟସରେ ପରଲୋକ।
- ଯୁକ୍ତରାଷ୍ଟ୍ର ଆମେରିକାର ଏକ ସାମରିକ ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୧୭ ଜଣଙ୍କ ମୃତ୍ୟୁ।
- ବାଂଲାଦେଶ ବିପ୍ଳବୀ କବି ନଜରୁଲ ଇସଲାମଙ୍କ ୭୭ ବର୍ଷରେ ପରଲୋକ।

## ଚିରନ୍ତନୀ

ପବନ ସେ ରଣରଣି ବହଇ
କାନେ କାନେ କାହା କଥା କହଇ
ପୀଡ଼ିତ ଉଦାସ ମୋର ମରମ
ଚଞ୍ଚଳି ଉଠେ ତେଜି ସରମ
ଉପୁଜାଇ ବିଶ୍ୱର ଭରମ
କେଉଁ ଫୁଲ ବାସି ଉଠି ମୋହଇ।
-(ଫଗୁଣ ଜ୍ୟୋତ୍ସ୍ନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭଦ୍ରକ କାଳୀପୂଜା ଏଥର ୧୧ ଦିନ ହେଉ

ମହାଶୟ,

ଭଦ୍ରକ ସହର ହେଉଛି ନବକାଳୀ କ୍ଷେତ୍ର। ଏଠାର ପ୍ରସିଦ୍ଧ କାଳୀପୂଜା ଭାରତ ପ୍ରସିଦ୍ଧ। ଏହାକୁ ଐତିହ୍ୟ ମାନ୍ୟତା ଦେବା ପାଇଁ ଦାବି ହୋଇ ଆସୁଛି। ଇତିହାସ କହେ, ପ୍ରଥମେ ପ୍ରଥମେ ଏହି ମେଳା ୩ ଦିନ, ପରବର୍ତ୍ତୀ ସମୟରେ ୭ ଦିନ ଅନୁଷ୍ଠିତ ହେଉଥିଲା। ଦୀର୍ଘବର୍ଷ ପରେ ୨୦୧୭ରେ ପ୍ରଶାସନ ଏହାକୁ ବଢ଼ାଇ ୮ ଦିନ କରିଥିଲେ। ପରବର୍ତ୍ତୀ ପୂଜା କମିଟିମାନଙ୍କ ଅନୁରୋଧ କ୍ରମେ ଏହାକୁ ୧୦ଦିନ ଓ ୨୦୧୯ରେ ଏହି ମେଳାକୁ ବଢ଼ାଇ ୧୧ ଦିନ କରାଯାଇଥିଲା। ଏକାଦଶତମ ଦିବସ ଭସାଣି ଉତ୍ସବ ହେଲା। ୨୦୨୦-୨୧ ଦୁଇବର୍ଷ ମହାମାରୀ କରୋନା ଯୋଗୁ ମେଳା ସମ୍ପୂର୍ଣ୍ଣ ବନ୍ଦ ଥିଲା। ୨୦୨୨ରେ ଧାମନଗର ଉପନିର୍ବାଚନ ପାଇଁ ଏହି ମେଳାକୁ ହ୍ରାସ କରାଯାଇ ୭ଦିନରେ ସୀମିତ ରଖାଯାଇଥିଲା। ସରକାରଙ୍କୁ ଅନୁରୋଧ ୨୦୨୫ ଠାରୁ ଏହି ମେଳାକୁ ପୁନର୍ବାର ୧୧ଦିନ କରାଯାଉ। ସଂସ୍କୃତି ମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବେ ବୋଲି ଆମର ଆଶା।

-ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସାପ କାମୁଡ଼ାରେ ନାବାଳକ ମୃତ

ଗୋସାଣୀ,୨୯।୮ (ଗଣେଶ ପାତ୍ର) ଗଜପତି ଜିଲ୍ଲା ଗୋସାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ତାଡିପେଟି ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳକ(୧୨)ଙ୍କ ମୃତ୍ୟୁ ଘଟିଛି । ସେ ହେଲେ ତି.ତରୁଣ କୁମାର ଅରଫ ଗଣେଶ। ସେ ତାଙ୍କ ଜେଜେମାଙ୍କ ସହ ଘରେ ରହି ଆସୁଥିଲେ। ଗୁରୁବାର ସନ୍ଧ୍ୟାରେ ଗ୍ରାମର ଗଣେଶ ମଣ୍ଡପରେ ସହପାଠୀମାନଙ୍କ ସହ ନାଚଗୀତ କରି ତରୁଣ ଘରକୁ ଆସି ଶୋଇ ପଡିଥିଲେ। ରାତିରେ ଏକ ବିଷାକ୍ତ ସାପ ତାଙ୍କ କାନକୁ କାମୁଡି ଦେଇଥିଲା । ତରୁଣ ଚିତ୍କାର କରିବାରୁ ପରିବାର ଲୋକେ ଉଠିପଡିଥିଲେ। ତାଙ୍କୁ ସାପ କାମୁଡି ଦେଇଥିବା ଜାଣି ଗ୍ରାମବାସୀଙ୍କ ସହ ତାଙ୍କୁ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପାରଲାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ନ ହେବାରୁ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମକୁ ଚିକିତ୍ସା ପାଇଁ ନେଉଥିବା ସମୟରେ ତରୁଣଙ୍କ ମୃତ୍ୟୁ ହୋଇ ଯାଇଥିଲା । ଖବର ପାଇ ଗୁରାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ, ତରୁଣଙ୍କ ବାପାଙ୍କର ବହୁ ପୂର୍ବରୁ ମୃତ୍ୟୁ ହୋଇଛି। ପରେ ତାଙ୍କ ମା' ଅନ୍ୟତ୍ର ଚାଲିଯାଇଥିଲେ। ତାଙ୍କର ଲାଳନପାଳନ ତାଙ୍କ ଜେଜେମା କରିଆସୁଥିଲେ। ତାଙ୍କ ପରିବାର ଅତି ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ୮ ଜିଲ୍ଲାରେ ୨୦୭ ଅଭିଯୋଗ ସମାଧାନ ହୋଇନି
# ପଦକ୍ଷେପ ନେବାକୁ ଆରଡିସିଙ୍କ ନିର୍ଦ୍ଦେଶ

ଛତ୍ରପୁର,୨୯।୮(ସନ୍ତୋଷ ପାଢ଼ୀ): ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନ ୮ ଜିଲ୍ଲାରେ ଲୋକଙ୍କ ଅଭିଯୋଗ ଶୁଣି ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ ହୋଇପାରୁନି। ସମସ୍ୟା ସମାଧାନ ପାଇଁ ଲୋକେ ବିଡିଓ, ତହସିଲଦାର, ବିଭିନ୍ନ ବିଭାଗର ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ ଭେଟୁଛନ୍ତି। ଏହା ପରେ ବି ସୁଫଳ ମିଳୁ ନ ଥିବାରୁ ବ୍ରହ୍ମପୁର ଆସି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର କିମ୍ବା ତାଙ୍କ ସେକ୍ରେଟାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଜଣାଉଛନ୍ତି। ତେଣୁ ଏ ସମ୍ପର୍କରେ ପଦକ୍ଷେପ ନେବା ସହ ଏହା ଉପରେ ରିପୋର୍ଟ ପଠାଇବାକୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ସମ୍ପୃକ୍ତ ଜିଲ୍ଲା ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ୮ ଜିଲ୍ଲାରେ ୨୦୭ ଜନ ଅଭିଯୋଗ ସମସ୍ୟାର ସମାଧାନ ନ ହୋଇ ପେଣ୍ଡିଙ୍ଗ ପଡି ରହିଛି। ଅଭିଯୋଗ ସମାଧାନ ପଡି ରହିଥିବାରୁ ବହୁ ଲୋକ ଆସି ତାଙ୍କ ଅଭିଯୋଗ ଉପରେ କ'ଣ ପଦକ୍ଷେପ ନିଆଯାଇଛି ତା ଉପରେ ପଚାରୁଛନ୍ତି। ଆଇନ ଅନୁସାରେ ଅଭିଯୋଗ ଗୁଡିକର ସମାଧାନ କରିବାକୁ କୁହାଯାଇଛି। ଜିଲ୍ଲାପାଳ ମାନେ ନିଜେ ବ୍ୟକ୍ତିଗତ ଭାବେ ଧ୍ୟାନ ଦେଇ ସମ୍ପୃକ୍ତ ବିଭାଗ ର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବାକୁ ଆରଡିସି ଉକ୍ତ ଚିଠିରେ ଦର୍ଶାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲାରେ ୮୭ଟି ଅଭିଯୋଗର ସମାଧାନ ହୋଇ ନଥିବା ବେଳେ ଗଜପତି ଜିଲ୍ଲାରେ ୨୫, କନ୍ଧମାଳ ଜିଲାରେ ୨୬, ରାୟଗଡା ଜିଲାରେ ୧୬, ନବରଙ୍ଗପୁର ଜିଲ୍ଲାରେ ୭, କଳାହାଣ୍ଡି ଜିଲ୍ଲାରେ ୩୮,ମାଲକାନଗିରି ଜିଲ୍ଲାରେ ୨ ଓ କୋରାପୁଟ ଜିଲାରେ ୭ଟି ଅଭିଯୋଗର ସମାଧାନ ହୋଇନି ।

# ଲୁଟେରାଙ୍କ ଟାର୍ଗେଟ ତାଲା ବନ୍ଦ ଘର
## ଲୁଟିଲେ ରୁପା, କଂସାବାସନ ସହ ଅନ୍ୟ ସାମଗ୍ରୀ


ଦୁର୍ବୃତ୍ତମାନେ ଏଣେତେଣେ ଫିଙ୍ଗିଥିବା ବାସନ କୁସନ ।

ହିଞ୍ଜିଳିକାଟୁ, ୨୯।୮ (ହିତୀକୃଷ୍ଣ ପଣ୍ଡା) ହିଞ୍ଜିଳିକାଟୁରେ ଆଉ ସୁରକ୍ଷିତ ରହୁନାହିଁ ତାଲା ବନ୍ଦ ଘର। ଲୁଟେରାମାନେ ସହରର ବିଭିନ୍ନ ତାଲା ବନ୍ଦ ଘରକୁ ଟାର୍ଗେଟ କରି ଲୁଟୁଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ହିଞ୍ଜିଳିକାଟୁ ରଙ୍ଗାସାହିରେ ଥିବା ଆମ୍ଭା ପ୍ରକାଶ ପଣ୍ଡାଙ୍କ ତାଲା ବନ୍ଦ ଘରୁ ଲୁଟେରାମାନେ ରୁପା, କଂସା ବାସନକୁସନ ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। କିଛି ସାମଗ୍ରୀ ନେଲା ବେଳେ ରାସ୍ତା ଉପରେ ପଡ଼ିଯିବାରୁ ସାହିବାସିନ୍ଦା ଓ ଘରର ଚାକରାଣୀ ଏସବୁ ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଭୁବନେଶ୍ୱରରେ ରହୁଥିବା ଘର ମାଲିକ ଆମ୍ଭା ପ୍ରକାଶ ଶୁକ୍ରବାର ଅପରାହ୍ନରେ ହିଞ୍ଜିଳିକାଟୁରେ ପହଞ୍ଚିଥିଲେ। ଘରୁ କ'ଣସବୁ ଚୋରି ହୋଇଛି ଜାଣିବା ପରେ ସେ ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନଂ. ୩୦୨/୨୫ରେ ପୋଲିସ ମାମଲା ରୁଜୁ କରିଛି। ପୋଲିସ ତଦନ୍ତ ଆରମ୍ଭ କରି ଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ପକ୍ଷରେ ଗତ ୨ ମାସ ମଧ୍ୟରେ ହିଞ୍ଜିଳିକାଟୁ ସହରର ବିଭିନ୍ନ ତାଲା ବନ୍ଦ ଘରକୁ ଲୁଟେରାମାନେ ଟାର୍ଗେଟ କରି ଲୁଟି ଚାଲିଛନ୍ତି। ଚଳିତ ମାସରେ ବଇଁତକଣିଆଠାରେ ଜଣେ ପୂର୍ବତନ ଆର୍ମି କର୍ମଚାରୀଙ୍କ ଘରର ତାଲା ଭାଙ୍ଗି ଲୁଟ ହୋଇଛି। ସେହିପରି ଶ୍ରୀକ୍ଷେତ୍ର ମାର୍ଗ ନିକଟରେ ପଞ୍ଚାନନ ପଟ୍ଟନାୟକଙ୍କ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଅଳଙ୍କାର, ନଗଦ ୧ ଲକ୍ଷ ୨୬ ହଜାର ଟଙ୍କା ନେଇଥିବା ଥାନାରେ ଅଭିଯୋଗ ହୋଇଛି।

# ରାଷ୍ଟ୍ରୀୟ କ୍ରୀଡା ଦିବସ ପାଳିତ

ଗଞ୍ଜାମ,୨୯।୮(ବିଧ୍ୟାଧର ସାହୁ) ଭାରତୀୟ ହକିର ପ୍ରବାଦ ପୁରୁଷ ମେଜର ଧ୍ୟାନଚାନ୍ଦ ଜନ୍ମ ଦିନକୁ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ଯୁବ ବ୍ୟାପର ଓ କ୍ରୀଡା ମନ୍ତ୍ରାଳୟ ଗଞ୍ଜାମ ଜିଲା ମେରା ଯୁବା ଭାରତ ପକ୍ଷରୁ ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ରାଷ୍ଟ୍ରୀୟ କ୍ରୀଡା ଦିବସ ପାଳିତ ହୋଇଛି। ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଦ୍ଦମପେଟା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଖବରଦାତା ସଂଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ ବିଜୟ ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମର ଅଭିପ୍ରାୟ ସମ୍ପର୍କରେ କହିବା ସହ ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରେସ୍‌କ୍ଲବ୍ ସଭାପତି ଶବର ଡରାଇ ଯୋଗଦେଇ କ୍ରୀଡାକ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳର ଯୁବ ପ୍ରତିଭା ନିଜ ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଗଞ୍ଜାମ ପ୍ରେସ୍‌କ୍ଲବ୍ କୋଷାଧ୍ୟକ୍ଷ ପ୍ରଦୀପ ପଣ୍ଡା, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସାହୁ, ରାଧା ରମଣ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଯୁବ ପ୍ରତଭାଙ୍କୁ କ୍ରୀଡା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ। ଓଜେୟୁ ରାଜ୍ୟ ମହିଳା ଆବାହିକା ତଥା ଦିଗଦର୍ଶନ ଅନୁଷ୍ଠାନର ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତିଙ୍କ ପରାମର୍ଶକ୍ରମେ ଯୁବତୀ ଯୁବକମାନଙ୍କର ପୃଥକ ପୃଥକ ଭାବେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ବିଜୟୀ ଦଳଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଯୁବ ସମାଜସେବୀ କେ.ଟିଟୁ ଓ ସି.ଏଚ ପଦ୍ମିନୀ ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୫୦ ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି

# ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,୨୯।୮(ପବନ ପାଣିଗ୍ରାହୀ)- ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ଜଣେ ଅଭିଯୁକ୍ତ ଶୁକ୍ରବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ବୈପାରିଗୁଡ଼ା ଅଞ୍ଚଳର ଗୋବର୍ଦ୍ଧନ ବିଶୋୟୀ। ସୂଚନା ଅନୁଯାୟୀ, ଏକ ବାଇକ୍‌ରେ ମଦ ଚାଲାଣ ହେଉଥିବା ବେଳେ ବାଲିଆ ଛକରେ ଚଢ଼ାଉ କରି ୧୩ ଲିଟର ଦେଶୀ ମଦ ଅବକାରୀ ଥାନା ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କେଶରି ହରିନ ସୂଚନା ଦେଇଛନ୍ତି।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ

ପାରଲାଖେମୁଣ୍ଡି,୨୯।୮ (ଗିରିଧାରୀ ପରିଡ଼ା) ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗ ଏବଂ ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗ, ଏନ୍‌ଆଇଟି ପାଟନାର ଇଲେକ୍ଟ୍ରୋନିକ୍ସ ଏବଂ ଆଇସିଟି ଏକାଡେମୀର ମିଳିତ ଆନୁକୂଲ୍ୟରେ 'ପରବର୍ତ୍ତୀ ପିଢ଼ିର ତାରହୀନ ଯୋଗାଯୋଗ ଏବଂ ଶକ୍ତି ଅମଳ ପ୍ରଯୁକ୍ତିବିଦ୍ୟା' ଶୀର୍ଷକ ଏକ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ଦୁଇ ସପ୍ତାହ ଧରି ଚାଲିଥିଲା। ଉକ୍ତ କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଦ୍ୱାରା ସମର୍ଥିତ ଥିଲା। ଏନ୍‌ଆଇଟି ଡିନ୍ ଡକ୍ଟର ପ୍ରଫୁଲ୍ଲ ପଣ୍ଡା, ସିୟୁଟିଏମ୍ ରେଜିଷ୍ଟ୍ରାର ଡକ୍ଟର ଅନିତା ପାତ୍ର, ଏବଂ ସିୟୁଟିଏମ୍‌ର ଉପସଭାପତି ଡକ୍ଟର ଡି.ଏନ. ରାଓଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମକୁ ପ୍ରଭାତ ପଟ୍ଟନାୟକ ଏବଂ ଡକ୍ଟର ପ୍ରଜ୍ଞାନ ପରିମିତା ପ୍ରଧାନ ସଂଯୋଜନା କରିଥିଲେ। ତତ୍ତ୍ୱ, ଶିକ୍ଷାଦାନ ଏବଂ ବ୍ୟବହାରିକ ପ୍ରୟୋଗଶାଳା ସହିତ ମାଥଲାବ୍, ଏଚ୍‌ଏଫ୍‌ଏସ୍‌ଏସ୍ ଏବଂ ସିଏସ୍‌ଟି ଉପରେ ତାଲିମ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା। ଅଧ୍ୟାପକ, ଗବେଷକ ଏବଂ ଶିଳ୍ପ ବୃତ୍ତିଗତମାନଙ୍କୁ ବେତାର ଯୋଗାଯୋଗ, ଆଣ୍ଟେନା ଡିଜାଇନ ଏବଂ ଆରଏଫ୍ ଶକ୍ତି ଅମଳ ପ୍ରଯୁକ୍ତିବିଦ୍ୟାରେ ସର୍ବଶେଷ ଜ୍ଞାନ ସହିତ ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ, ଯାହା ଭବିଷ୍ୟତ ପାଇଁ ପ୍ରସ୍ତୁତ ଯୋଗାଯୋଗ ପ୍ରଣାଳୀର ବିକାଶରେ ସୁଫଳ ମିଳିବ। କାର୍ଯ୍ୟକ୍ରମରେ ଆଇଆଇଟି, ଏନ୍‌ଆଇଟି ଏବଂ ଶିଳ୍ପ କ୍ଷେତ୍ରର ଗବେଷଣାବିତ୍ ଓ ପ୍ରାଧ୍ୟାପକମାନେ ଅତ୍ୟାଧୁନିକ ଗବେଷଣା, ଶିଳ୍ପ ପ୍ରୟୋଗ ଏବଂ ଦକ୍ଷତା ନିର୍ମାଣ ଉପରେ ସ୍ୱମତ ଉପସ୍ଥାପନ କରିଥିଲେ ।

# ଶିକ୍ଷକଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟ୍

ଜୟପୁର,୨୯।୮(ପବନ ପାଣିଗ୍ରାହୀ)- ଜୟପୁର ମୁଖ୍ୟ ରାସ୍ତାରୁ ଜଣେ ଶିକ୍ଷକଙ୍କଠାରୁ ଟଙ୍କା ବ୍ୟାଗ ଲୁଟ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଏମ୍‌ଜି ରୋଡରେ ଥିବା ଘଣ୍ଟା ଦୋକାନରେ ଘୁମର ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୋକାନରୁ ଘଣ୍ଟା କିଣୁଥିବା ବେଳେ ତାଙ୍କ ଗାଡ଼ିରେ ଥିବା ଟଙ୍କା ବ୍ୟାଗକୁ ଦୁର୍ବୃତ୍ତମାନେ ଚୋରି କରି ଚାଲିଯାଇଥିଲେ। ବ୍ୟାଗରେ ୩ ଲକ୍ଷ ୫୦ ହଜାର ଟଙ୍କା ଥିବା ଶିକ୍ଷକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଦୋକାନର ସିସିଟିଭି ଫୁଟେଜ ଦେଖି ଗାନ୍ଧି ଛକ ଓ ପାୱାର ହାଉସ ଛକ ନିକଟ ଯାତାୟାତ କରୁଥିବା ସମସ୍ତ ଗାଡ଼ିକୁ ଯାଞ୍ଚ କରିଥିଲା। ଗୁନାଗୋଡ଼ା ଏସ୍‌ଡିପିଓ ଗୁନ୍ଦିତା ଜେନାଙ୍କ ନେତୃତ୍ୱରେ ଗୁନାଗୋଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ ମଧ୍ୟ ଯାଞ୍ଚ କରାଯାଇଥିଲା।

# କ୍ୟାଥଲିକ୍ ଚର୍ଚ୍ଚ ପକ୍ଷରୁ ଶିକ୍ଷା ଶିବିର

ମୋହନା, ୨୯।୮ (ମନ୍ମଥ ମିଶ୍ର) ଗଜପତି ଜିଲ୍ଲା ମୋହନା ଅଞ୍ଚଳର କ୍ୟାଥଲିକ ଚର୍ଚ୍ଚ ପକ୍ଷରୁ ଏକ ଶିକ୍ଷା ଶିବିର ସ୍ଥାନୀୟ ସାଧୁପିତର ପାରିସ ହଲ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୋହନା ମୁଖ୍ୟଯାଜକ ଫାଦର ଆଇଜାକ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ନିଜ ଜୀବନର ଯୁବା ସମୟକୁ ମନେ ପକାଇ ଏହି ସମୟର ସୁବିନିଯୋଗ କରିବା ପାଇଁ ଉପସ୍ଥିତ ଯୁବତୀଯୁବକଙ୍କୁ ପରାମର୍ଶ ଦେଇଥିଲେ। ବାନ୍ତିଲିଙ୍ଗ ସହକାରୀ ଯାଜକ ଫାଦର ଯଶବନ୍ତ ବିଷୋୟୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବତୀଯୁବକଙ୍କୁ କିପରି ଚରିତ୍ରବାନ ହୋଇ ମାନବସେବା କରିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ସ୍ଥାନୀୟ ସାଧୁ ପିତର ଇଂରାଜୀ ମାଧମ ବିଦ୍ୟାଳୟର ସମ୍ପାଦକ ତଥା ମୋହନା ଯୁବ ନିର୍ଦ୍ଦେଶକ ଫାଦର ମଲାକ୍ୟାସ ବୀର ଯୋଗଦେଇ ଯୁବତୀ ଯୁବକଙ୍କୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ସମାଜିକ କର୍ମୀ ସୁଜ୍ଞାନ ସାଗର ପ୍ରଶିକ୍ଷକ ଭାବରେ ଯୋଗଦେଇ ଯୁବପିଢ଼ି ନିମନ୍ତେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୋହନା ଛାୟତ ନାଏବ ସରପଞ୍ଚ ରଘୁନାଥ ପାଣି, ପ୍ରଶାନ୍ତ ବୀର, ପ୍ରଫୁଲ୍ଲ ଲିମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଧୁ ପିତର ଯୁବସଂଘ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରୁଲୁ ନାୟକ, ଉପ ସଭାପତି ଡୋମିନ ନାୟକ, ସମ୍ପାଦକ ଅମିତ ନାୟକ, ସହ ସମ୍ପାଦକ ରବି ପାଇକ, କୋଷାଧ୍ୟକ୍ଷ ଶାମସନ ନାୟକ, ସହ କୋଷାଧ୍ୟକ୍ଷ ସ୍ନେହା ବୀର ମନୋନୀତ ହୋଇଥିଲେ। ସେହିପରି ଶିବିରକୁ ଯୁବକ ସଂଘର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ଅପମିଶ୍ରିତ ମଦ ଜବତ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୯।୮(ଅଶେଷ ନାଥ ମିଶ୍ର):-ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମ ଜଙ୍ଗଲ ରାସ୍ତାରୁ ଶୁକ୍ରବାର ଜଣେ ଯୁବକଙ୍କ ନିକଟରୁ ୪୦ ଲିଟର ଅପମିଶ୍ରିତ ଦେଶୀମଦ ଜବତ କରାଯାଇଛି। ସମ୍ପୃକ୍ତ ଯୁବକ ଜଡ଼ା ଥାନା ଦେବୁଲିଆ ଗ୍ରାମର କୃଷ୍ଣ ଶବର(୨୬)ଙ୍କୁ ଗିରଫ କରାଯାଇଛି। ଚିକିଟି ଅବକାରୀ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ଭୋରରେ ପାଟ୍ରୋଲିଂ କରୁଥିବା ବେଳେ କୃଷ୍ଣ ୨ଟି ପ୍ଲାଷ୍ଟିକ ଜାରକିନ ଧରି ସନ୍ଦେହଜନକ ଅବସ୍ଥାରେ ଯାଉଥିଲେ। ତାଙ୍କୁ ଅଟକାଇ ଯାଞ୍ଚ କରାଯିବାରୁ ସେଥିରେ ଅପମିଶ୍ରିତ ଦେଶୀମଦ ଥିବା ଜଣାପଡିଥିଲା। ଅବକାରୀ ଇନ୍ସପେକ୍ଟର ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଜବତ ମଦ ନମୁନା ସଂଗ୍ରହ କରାଯାଇ ଜିଲ୍ଲା ଫରେନ୍‌ସିକ ଲାବୋରେଟୋରୀକୁ ପଠାଯାଇଛି। କୃଷ୍ଣ ଗ୍ରାମାଞ୍ଚଳରେ ମଦ ବିକ୍ରି ପାଇଁ ନେଉଥିବା ସ୍ୱୀକାର କରିବା ପରେ ତାଙ୍କୁ ଅବକାରୀ ମାମଲା ନଂ.୩୭/୨୫-୨୬ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ସାନଖେମୁଣ୍ଡି ବ୍ଲକ ପାଟପୁର ଗାଁ ଛକରୁ ରାଧାଦେଉପୁର ଗ୍ରାମର ମଙ୍ଗୁଳୁ ସୁଆଁଥିଆଙ୍କ ନିକଟରୁ ଶୁକ୍ରବାର ୧୪ ଟି ବିଦେଶୀ ମଦ ବୋତଲ ଜବତ କରାଯାଇଛି। ଏ ନେଇ ଅବକାରୀ ମାମଲା ନଂ.୩୭/୨୫-୨୬ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଜଣାଇଛନ୍ତି।

# ଗାଧୋଇବାବେଳେ ବୁଡ଼ିଗଲେ ଯୁବକ

କୋଡ଼ିଆ, ୨୯।୮ (ସାଗରେନ୍ଦୁ ପଟ୍ଟନାୟକ) ଗାଧୋଇବା ବେଳେ ପୋଖରୀରେ ବୁଡ଼ିଯାଇ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନବରଙ୍ଗପୁର ଜିଲା କୋଡ଼ିଙ୍ଗା ପଞ୍ଚାୟତ ଅଧୀନ ସର୍ଗିପାଲି ଗ୍ରାମର ଧନର ଭତ୍ରା। ସୂଚନାନୁଯାୟୀ ଧନର ଗାଁ ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ଘର ଲୋକ ଖୋଜାଖୋଜି କରିଥିଲେ। ଏହି ସମୟରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ପରିବାର ଲୋକେ ଦେଖିଥିଲେ। ପୋଖରୀ ଗଭୀର ଥିବାରୁ ସେମାନେ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ମୃତଦେହ ବାହାର କରିଥିଲେ। ଏନେଇ କୋଡ଼ିଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ବ୍ୟବଚ୍ଛେଦ ନିମନ୍ତେ କୋଡ଼ିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଘଟଣାକୁ ନେଇ କୋଡ଼ିଙ୍ଗା ଥାନାରେ କେସ୍ ନଂ. ୧୦/୨୫ ମୁତାବକ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
No.4425/RWDBNJ/Dated. 22.08.2025

**1ST CORRIGENDUM TO TENDER CALL NOTICE**
IDENTIFICATION NO. 06/RWDBNJ/2025-2026 T.O. LETTER NO. 4150 DATED 05.08.2025
No. O661:- The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender online for bidding From | To | Last date & Time of Seeking Tender Clarification | Date of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/06/ RWDBNJ/ 2025-2026 | 18.08.2025 at 10.00 A.M. | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | As per 1ST Corrigendum | | | |
| | | 09.09.2025 at 10.00 AM | 19.09.2025 to 3.00 PM | 18.09.2025 Upto 3.00 PM | 20.09.2025 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0037/2526 Sd/- Executive Engineer, Rural Works Division, Bhanjanagar



**GOVERNMENT OF ODISHA** No.O-650
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
No.4363/RWDBNJ/Dated 19.08.2025
**1st Corrigendum To Tender Call Notice**
IDENTIFICATION NO.05/RWDBNJ/2025-2026 T.O. LETTER NO.4140, DATED 05.08.2025
The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender Online for Bidding From | To | Last date & time of seeking tender clarification | Date of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/ 05/ RWDB-NJ/2025-2026 | 18.08.2025 at 10.00 AM | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | As per 1st Corrigendum | | | |
| | | 12.09.2025 at 10.00 AM | 22.09.2025 to 3.00 PM | 20.09.2025 upto 3.00 PM | 23.09.2025 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0035/2526 Sd/- Executive Engineer, Rural Works Division, Bhanjanagar



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po- Ambapua, P.O.- Near Income Tax Office, Berhampur - 760011, Ganjam, Odisha) E-Mail:- serwbpr2004@yahoo.com, Tel No. - 0680-2404287
**NATIONAL COMPETITIVE BIDDING THROUGH e-Procurement**
No. O-605 Bid Identification No. Online Tender / 20-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 20-2025-26/ BPR | Road Works under MMSY - IMPROVEMENT TO EXISTING RD ROADS | 15 Nos. | From Rs.257.15 Lakhs to Rs.957.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| Chief Construction Engineer, R.W. Circle, Berhampur | Online Tender / 20-2025-26/BPR | 04.09.2025 at 10.00 A.M. | 18.09.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
OIPR-25071/11/0116/2526 Sd/- Chief Construction Engineer, R.W. Circle, Berhampur



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KHARIAR**
E-Mail:-eemidivision_khariar@rediffmail.com
**e-PROCUREMENT NOTICE**
**Bid Identification Notice No.:- 02/SE MIDKHR/2025-26**
Letter No.: 1332 Dt.: 25.08.2025
No.A-546:- The Superintending Engineer, M.I. Division, Khariar, Dist-Nuapada on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

| | | |
|---|---|---|
| 1. | Name of work | Improvements to different MIPs under M.I. Division, Khariar |
| 2. | Total No. of works | 11 (Eleven) Nos. only |
| 3. | Estimated Cost | Varies from 06.67 Lakhs to 23.09 Lakhs Approximately |
| 4. | Class of Contractor | As mentioned against work |
| 5. | Period of completion | As mentioned against work |
| 6. | Date and time of availability of Bid | From 10:00AM on 01.09.2025 and up to 5:30 PM on 08.09.2025 Document in portal |
| 7. | Last date / time for receipt of Bid | Up to 5:30 PM on 08.09.2025 Document in portal |
| 8. | Date / Time of opening of Bid | From 11:00 AM on 09.09.2025 At O/o M.I. Division, Khariar, Nuapada |
| 9. | Name and Address of Tender Inviting Officer | Superintending Engineer, M.I. Division, Khariar, Nuapada Officer inviting the bid. |
| 10. | Mode of Payment of Bid cost and Bid Security | Online |
| 11. | Date of Lottery (If Required) | On 19.09.2025 at 11.00 AM |

OIPR-32090/11/0014/2526 Sd/-Superintending Engineer M.I. Division, Khariar



**IN THE COURT OF THE SENIOR CIVIL JUDGE, ASKA, DIST.: GANJAM**
**C.S. - 70/2023**
Sangeeta Swain ... Plaintiff...
Versus
Saroj Biswal ... Defendant...
**Notice U/O V R-20 CPC**
To
Defendant
Saroj Biswal, aged about 30 years
S/o. Late Ullasa Biswal
Business by Profession
Resident of Vill: Sundariapada
P.O./P.S.: Kabisuryanagar
Dist.: Ganjam
Please take notice that you are the defendant in the above suit despite repeated summons, you are keeping yourself out of the process of the Court. The above named plaintiff Smt. Sangeeta Swain has filed the suit for declaration of her status as unmarried lady and that she has no marital relationship with you. The suit is posted to 12.9.25 for your appearance and filing written statement, if any. If you do not turn up either in person or through your advocate, on that date, the matter will proceed exparte according to law in the Court of the undersigned. Given under my hand and seal of the Court, this 21st day of August 2025.
Sd/- (R.N. Sharma)
Advocate for the Plaintiff
Sd/- (Sri Sukanta Kishore Jena)
Senior Civil Judge, Aska



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**
लापता: आवश्यक सूचना


गुमशुदा पुरुष
हारायन मुर्मू, उम्र–28 वर्ष।

सर्व साधारण को सूचित किया जाता है कि आवेदक लखिन्दर टुडू के द्वारा अपने साला हारायन मुर्मू, उम्र–28 वर्ष की गुमशुदगी के संबंध में संबंधित थाना एम0जी0एम0 में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा हारायन मुर्मू, उम्र–28 वर्ष, पिता–शिबु मुर्मू, पता– सालबनी लावाटोला, थाना–पटमदा, जिला–पूर्वी सिंहभूम, जमशेदपुर जो दिनांक –28.07.25 को सुबह समय–करीब 10:15 बजे हमारे घर भागाबांध जाहेरटोला एम0जी0एम0 से अपने घर सालबनी पटमदा जाने के लिए निकले थे लेकिन अभी तक घर नहीं पहुँचे हैं। उनका मानसिक स्थिति ठीक नहीं है उन्हें मिर्गी का दौरा पड़ता है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु इनका कहीं पता नहीं चल सका।
गुमशुदा पुरुष का हुलिया निम्न प्रकार है :– उम्र–28 वर्ष, कद–05 फीट 02 इंच, रंग–काला, चेहरा–चौकोर, बाल– छोटा काला, पहनावा–पीला रंग का टी शर्ट फूल टोपी वाला एवं रंग का पैन्ट पहने हुए तथा अपने साथ एक कंबल एवं दो झोला, भाषा–हिन्दी एवं बंगला।
अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।
वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, पटमदा : 9431706496
थाना प्रभारी, एम0जी0एम0 : 9431706503
वरीय पुलिस अधीक्षक, पूर्वी सिंहभूम, जमशेदपुर।
POLICE HELPLINE (EMERGENCY DIAL)-112 CHILD HELPLINE-1098
WOMEN HELPLINE-1091 DOMESTIC ABUSE HELPLINE-181
CYBER CRIME HELPLINE-1930 AMBULANCE SERVICE-108
PR.NO.360739 Police(25-26):D



**ଦ.ପୂ. ରେଳପଥ - ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ... [illegible]
http://www.ireps.gov.in
(PR-575)

**ସଂକ୍ଷେପରେ**

## ନିଖୋଜ ନାବାଳକଙ୍କ ମୃତଦେହ ଜବତ

ଶେରଗଡ଼,୨୯।୮(ସୂର୍ଯ୍ୟ ନାରାୟଣ ଦାଶ) ଗଞ୍ଜାମ ଜିଲା ଶେରଗଡ ବ୍ଲକ ସାଗରପଲ୍ଲୀ ଗ୍ରାମର ଜଣେ ନାବଳକ କୃଷ୍ଣ ନାୟକ (୧୫) ଗତ ଦୁଇ ଦିନ ହେଲା କେନାଲକୁ ଗାଧୋଇବାକୁ ଯାଇ ନିଖୋଜ ଥିଲେ। ସେ ଗ୍ରାମର କୁନା ନାୟକଙ୍କ ପୁଅ ବୋଲି ଜଣାପଡିଛି। କୁନା ଦଦଇଦିନ ତଳେ କେନାଲକୁ ଗାଧୋଇବାକୁ ଯାଉଛି କହି ଘରୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜି ନ ପାଇବାରୁ ଶେରଗଡ଼ ପୋଲିସକୁ ଜଣାଇଥିଲେ। ପୋଲିସ ଓ ଦମକଳ ବାହିନୀ ପହଞ୍ଚି କୃଷ୍ଣଙ୍କୁ ଖୋଜିବା ଆରମ୍ଭ କରିବା ସମୟରେ ସେ କେନାଲରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି କୁଳକୁ ଆଣି ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ବ୍ରହ୍ମପୁର ମେଡିକାଲକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କେନାଲରେ ବହୁତ ପାଣି ଥିବାରୁ କୃଷ୍ଣ ଗାଧୋଉଥିବା ବେଳେ ବୁଡିଯାଇ ମୃତ୍ୟୁବରଣ କରିଥିବା ପୋଲିସ ସନ୍ଦେହ କରୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ।

## ବରିଷ୍ଠ ଶିକ୍ଷାବିତଙ୍କ ପରଲୋକ

ଛତ୍ରପୁର,୨୯।୮ (ଦିଲ୍ଲୀପ ସାମଲ) ଛତ୍ରପୁର ନିବାସୀ ଅବସରପ୍ରାପ୍ତ ବିଦ୍ୟାଳୟ ଉପନିରୀକ୍ଷକ ତଥା ବରିଷ୍ଠ ଶିକ୍ଷାବିତ ଉମା ଚରଣ ସାହୁ (୭୭)ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ସାହୁ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ଦୁଇ ପୁଅ, ପୁତ୍ର ବଧୂ, ନାତି ନାତୁଣୀ ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ସ୍ୱର୍ଗତ ସାହୁ ଛତ୍ରପୁରର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ପୂର୍ବତନ ସମ୍ପାଦକ ଓ ଛତ୍ରପୁର ସାହିତ୍ୟ ସଂସଦର ସଦସ୍ୟ ଥିଲେ। ତାଙ୍କ ତିରୋଧାନରେ ଛତ୍ରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ବୁଗୁଡ଼ା,୨୯।୮(କାଳିଚରଣ ଦାଶ)

ବୁଗୁଡା ବ୍ଲକ୍ ଛକ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଛନ୍ତି। ସେ ହେଲେ ବୁଗୁଡା ନିକଟସ୍ଥ କତକଲା ଗ୍ରାମର ଅକ୍ଷୟ କୁମାର ବିଷୋୟୀ (୩୦)। ଶୁକ୍ରବାର ଅପରାହ୍ନରେ ଅକ୍ଷୟ ବାଇକ ଯୋଗେ ବୁଗୁଡ଼ା ବଜାରକୁ ଆସୁଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ମୋବାଇଲ ଫୋନରେ କଥା ହୋଇ ତାଙ୍କର ସାମ୍ନାକୁ ଆସିଯିବାରୁ ଦୁର୍ଘଟଣା ଘଟିଥିଲା। ହଠାତ୍ ଡିସ୍ ବ୍ରେକ୍ ମାରି ଅକ୍ଷୟ ରାସ୍ତାରେ ପଡ଼ି ଯାଇଥିଲେ। ଅନ୍ୟ ବାଇକ ଚାଳକ ଜଣକ ରାସ୍ତାର ଡିଭାଇଡରରେ ପିଟି ହୋଇଯାଇ ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଅକ୍ଷୟଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ

ଛତ୍ରପୁର,୨୯।୮(ସନ୍ତୋଷ ପାଢ଼ୀ):

ଛତ୍ରପୁର ନିର୍ବାଚନ ମଣ୍ଡଳୀ ପୋଟଲମପୁର ପଞ୍ଚାୟତ ହଂସପୁର ଠାକୁରାଣୀ ମନ୍ଦିର ଠାରେ ଛତ୍ରପୁର ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା କନଭେନର ତ୍ରିନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ଗଞ୍ଜାମ ଜିଲା ପ୍ରଭାରୀ ତୁଲେଶ୍ୱର ନାୟକ ଯୋଗଦେଇଥିଲେ । ଜିଲା କୋ-କନଭେନର ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବୈଠକରେ ଛତ୍ରପୁର ବ୍ଲକ କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ କବିସୂର୍ଯ୍ୟନଗର ନେତା ସଞ୍ଜୟ ମଣ୍ଡଳ, ଗୋପାଳପୁରରୁ ଶ୍ୟାମ ସୁନ୍ଦର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ପଟ୍ଟନାୟକ, କୃଷକ ନେତା ବୃନ୍ଦାବନ ଖଟେଇ, ପଦ୍ମ ଚରଣ ସାହୁ, ଗଣପତି ବାରିକ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ନାହାକ, ପୂର୍ବତନ ସମିତିସଭ୍ୟ ରଙ୍କ ଦାସ, କୁନା ଦାସ, ଅଶୋକ ମହାପାତ୍ରଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଏ ଯାଏ ସରିଲାନି କେନାଲ ମରାମତି

ଭଞ୍ଜନଗର,୨୯।୮(ବାବୁଲା ପ୍ରଧାନ):

ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ୧୦୭ଟି କେନାଲର ମରାମତି ପାଇଁ ଟେଣ୍ଡର ବାହାରିଥିଲା। ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ସେସବୁର କାମ ସରିବାର ଥିଲା। କିନ୍ତୁ ବିଳମ୍ବରେ ଟେଣ୍ଡର ଡକାଯିବା ଯୋଗୁ କାମ ମଧ୍ୟ ବିଳମ୍ବରେ ଆରମ୍ଭ ହେଲା। ଇତିମଧ୍ୟରେ ନିର୍ଦ୍ଧାରିତ ଅବଧି ସରିଥିଲେ ମଧ୍ୟ କାମ ସରିନାହିଁ। ବର୍ଷା ଛାଡ଼ିଗଲା ପରେ ବଳକା ରହିଥିବା କେନାଲ ମରାମତି କାମ ହେବ ବୋଲି ଯନ୍ତ୍ରୀମାନେ କହୁଛନ୍ତି। ବର୍ଷା ଋତୁରେ ଚାଷୀଙ୍କ ଜମିକୁ ପାଣି ଯୋଗାଇବା ପାଇଁ କେନାଲ ମରାମତି ହେଉଛି। ଯଦି ସେ ସମୟ ପୂର୍ବରୁ ମରାମତି ନ ହେଲା ତେବେ ଲାଭ କ'ଣ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ଅନେକ ସ୍ଥାନରେ ଲୋକେ କେନାଲ, ନଦୀ ଆଡ଼ିବନ୍ଧକୁ ଜବରଦଖଲ କରିଦେଲେଣି। କେଉଁଠି ଲୋକେ କେନାଲ ଆଡ଼ିରେ ପରିବା ଚାଷ କରୁଛନ୍ତି ତ ଆଉ କେଉଁଠି ଘରଦ୍ୱାର କରିଦେଲେଣି।ଏଥିପ୍ରତି ଜଳସମ୍ପଦ ବିଭାଗର ଅଧିକାରୀମାନେ ଦୃଷ୍ଟି ଦେଉନାହାନ୍ତି। ଆଡ଼ିବନ୍ଧ ଜବରଦଖଲ ଯୋଗୁ କେନାଲ ଗୁଡିକ ମଧ୍ୟ ଠିକ ଭାବେ ମରାମତି ହୋଇପାରୁନାହିଁ। ଅନ୍ୟପକ୍ଷରେ ଗତ ଏକ ସପ୍ତାହ ହେବ ଭଞ୍ଜନଗର ଅଞ୍ଚଳରେ ତୁହାକୁ ତୁହା ବର୍ଷା ହେଉଛି। ତେଣୁ କେନାଲଗୁଡ଼ିକରେ ବିଭିନ୍ନ ଆଡୁ ପାଣି ଆସୁଛି। କିନ୍ତୁ ତାହା ତଳମୁଣ୍ଡକୁ ଆସୁନାହିଁ। ଇତିମଧ୍ୟରେ ଭଞ୍ଜନଗର, ଡହ, ସୋରଡା ଜଳଭଣ୍ଡାରରେ ପାଣି ଭର୍ତ୍ତି ହୋଇଯାଇଛି । କିନ୍ତୁ ବାଘୁଆ ଜଳଭଣ୍ଡାର ଏବେ ବି ଶୁଖିଲା ପଡ଼ିଛି। ବୁଗୁଡ଼ା ଅଞ୍ଚଳର ଚାଷୀମାନେ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଭଞ୍ଜନଗର ଜଳଭଣ୍ଡାରରେ ଶୁକ୍ରବାର ସକାଳ ସୁଦ୍ଧା ୭୪.୫୩ ପ୍ରତିଶତ ପାଣି



ମରାମତି ହୋଇନଥିବା ଏକ କେନାଲରେ ପରିବା ଚାଷ ହୋଇଛି।

### ବର୍ଷା ହେଲେ ୩ ଜଳଭଣ୍ଡାରରୁ ପାଣି ଛଡ଼ାଯିବ

ମହଜୁଦ ଅଛି। ବାଘୁଆରେ ମାତ୍ର ୧୨ ପ୍ରତିଶତ ପାଣି ଅଛି। ସୋରଡାରେ ୯୦.୫୮, ଡହରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ପାଣି ମହଜୁଦ ଅଛି। ଆଗକୁ ବର୍ଷା ହେବା ସମ୍ଭାବନା ରହିଛି। ତେଣୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୩ ଜଳଭଣ୍ଡାରରୁ ବଳକା ପାଣି ଛଡାଯିବା ସମ୍ଭାବନା ରହିଛି। ଏନେଇ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଅଧିକାଂଶ କେନାଲ ମରାମତି କାମ ସରିଛି। ବଳକା ଥିବା କାମ ବର୍ଷା ଛାଡ଼ିଲେ ହେବ। ଜଳଭଣ୍ଡାରରେ ପାଣି ଭର୍ତ୍ତି ହୋଇଥିବା ଯୋଗୁ ଯେ କୌଣସି ମୁହୂର୍ତ୍ତରେ ପାଣି ଛଡା ଯିବା ସମ୍ଭାବନା ରହିଛି। ଏନେଇ ଲୋକଙ୍କୁ ସଚେତନ କରାଯାଉଥିବା କହିଛନ୍ତି।

# ନୋଳିଆନୂଆଗାଁ ସ୍କୁଲ ଗେଟରୁ ତାଲା ଖୋଲିଲା



ବିଦ୍ୟାଳୟରୁ ଫାଟକରୁ ତାଲା ଖୋଲାଯାଉଛି।

ଛତ୍ରପୁର,୨୯।୮(ସନ୍ତୋଷ ପାଢ଼ୀ): ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ପଞ୍ଚାୟତ ନୋଳିଆନୂଆଗାଁ ଗ୍ରାମସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗତ ବୁଧବାରଠାରୁ ତାଲା ପଡିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଓ ସ୍କୁଲ କମିଟିକୁ ଅଣଦେଖା କରି ସହକାରୀ ଶିକ୍ଷକମାନେ ମନମାନି କରୁଥିବା ଦର୍ଶାଇ ବୁଧବାର ଗଣେଶ ପୂଜା ଦିନ ଗ୍ରାମ୍ୟ କମିଟି ଓ ସ୍କୁଲ ପରିଚାଳନା କମିଟି ମିଶି ସ୍କୁଲ ଫାଟକରେ ତାଲା ପକାଇଥିଲେ। ଯାହାଫଳରେ ଉକ୍ତ ସ୍କୁଲରେ ପୂଜା ହୋଇପାରି ନ ଥିଲା। ଶିକ୍ଷାକୁ ଗୁରୁତ୍ୱ ଦେଇ ଡିଇଓଙ୍କ ନିର୍ଦ୍ଦେଶକ୍ରମେ ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ସରକାରୀ ଛୁଟି ଥିଲେ ବି ନୋଳିଆନୂଆଗାଁ ସ୍କୁଲରେ ପହଞ୍ଚିଥିଲେ। ସରପଞ୍ଚ ଉର୍ମିଳା ଦାସ, ପ୍ରଧାନ ଶିକ୍ଷୟିତ୍ରୀ, ଗ୍ରାମ୍ୟ କମିଟି, ସ୍କୁଲ ପରିଚାଳନା କମିଟିଙ୍କ ଉପସ୍ଥିତିରେ ପ୍ରାୟ ଦେଢ଼ ଘଣ୍ଟା ଆଲୋଚନା କରି ବିଇଓ ସନ୍ତୋଷଜନକ ପ୍ରତିଶ୍ରୁତି ଦେଲା ପରେ ସରପଞ୍ଚଙ୍କ ଉପସ୍ଥିତିରେ ତାଲା ଖୋଲାଯାଇଥିଲା । ଶନିବାରଠାରୁ ସ୍ୱାଭାବିକ ଭାବେ ଶିକ୍ଷାଦାନ ଚାଲିବ। ମଧ୍ୟାହ୍ନରେ ବିଇଓଙ୍କ ଅଧ୍ୟକ୍ଷତାରେ, କମିଟି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ ବୋଲି ବିଇଓ ସୁଜିତ୍ କୁମାର ପାଢ଼ୀ କହିଛନ୍ତି।

# ଏଚ୍‌ଆଇଭି ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ, ୨୯।୮(ରାକେଶ କୁମାର ରାଉତ)

ଏଚ୍‌ଆଇଭି ଏଡସ୍ ଉପରେ ସଚେତନତା କାର୍ଯ୍ୟକ୍ରମ ଜି.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଢୁଗୁରିପାରି ଓ ତାଗାବାଡି ଠାରେ ଆୟୋଜିତ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ସମ୍ପାଦକ ହରି ଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ପରିଚାଳକ ବିଶ୍ୱରଞ୍ଜନ କର ଯୋଗଦେଇ ସଂକ୍ରମଣର ବିଭିନ୍ନ ମାଧ୍ୟମ ଏବଂ ତାର ସତର୍କତା ବିଷୟରେ ଜଣାଇବା ସହ ଯୌନ ସଂକ୍ରମଣ ରୋଗର କାରଣ ଓ ନିରାକରଣ ଉପାୟ ଗୁଡିକୁ ବୁଝାଇଥିଲେ। ବିଶେଷ ପ୍ରଚାର ଅଭିଜାନର ଅଂଶସ୍ୱରୂପ ସଚେତନତା ବୈଠକ, ବିଭିନ୍ନ ଉଦାହରଣ ଏବଂ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ଅଧିକ ପ୍ରଚାର ପ୍ରଶାର ପାଇଁ ଚେଷ୍ଟା କରାଯାଇଛି। ସେହିପରି ଫିରିଙ୍ଗିଆ ମହାବିଦ୍ୟାଳୟରେ ସିତା ରଣାଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲାରେ କାର୍ଯ୍ୟକ୍ରମକୁ ସମସ୍ତ ଅପହଞ୍ଚ ଅଞ୍ଚଳରେ ପହଞ୍ଚାଇ ଅଧିକରୁ ଅଧିକ ସଚେତନତା ପାଇଁ ଲକ୍ଷ୍ୟ ରଖାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। କିନ୍ନର ବିଷ୍ଣୁପ୍ରିୟା ପ୍ରଧାନ, ରୁପିନା ଦିଗାଲ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ସ୍ଥାନୀୟ ଆଶା କର୍ମୀ ମାମି ସାହୁ ଓ ଅନୁସୟା କୁମାରୀ ଦିଗାଲ ସହଯୋଗ କରିଥିଲେ।




## ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ତାଲିମ ଶିବିର

ରାମଗିରି,୨୯।୮(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତର ରାଜୀବଗାନ୍ଧୀ ସେବା କେନ୍ଦ୍ର ବୈଠକ ଗୃହରେ ଶ୍ରୀଅନ୍ନ ଅଭିଯାନ ତରଫରୁ ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆର.ଉଦୟଗିରିପଞ୍ଚାୟତସମିତିଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ସମ୍ମାନିତ ଅତିଥିଭାବେ ରାମଗିରି ପଞ୍ଚାୟତ ନାଏବ ସରପଞ୍ଚ ରାଜେନ୍ଦ୍ର ମାଝୀ, ଆର.ଉଦୟଗିରି କୃଷି ଅଧିକାରୀ ଭାବେନ୍ଦ୍ର ମୁର୍ମୁ କୃଷି ଜିଲା ସଂଯୋଜକ ଗଗନ ବିହାରୀ ପାଲ, ବ୍ଲକ ସଂଯୋଜକ ଘନଶ୍ୟାମ ଜେନା ଯୋଗଦେଇଥିଲେ। କ୍ଷୁଦ୍ର ଶସ୍ୟ ଚାଷ ଏବଂ କୃଷି ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନିଜକୁ ଲାଭବାନ କରିବା, କ୍ଷୁଦ୍ର ଶସ୍ୟ ତଥା ମାଣ୍ଡିଆ, ଜହ୍ନା, କାଙ୍ଗୁଚାଉଳ, ସଜନା, ଘାଣ୍ଟିଆ ଚାଉଳ ଓ ମକାରେ ପ୍ରସ୍ତୁତ ଖାଦ୍ୟ ଖାଇ ଶରୀରକୁ ସୁସ୍ଥ ସବଳ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ରଥକୁ ଅତିଥିମାନେ ଶୁଭାରମ୍ଭ କରିଥିଲେ। ଏହି ରଥ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରାମଗିରି ଅଞ୍ଚଳର ସମସ୍ତ ଗ୍ରାମ ପରିକ୍ରମା କରି ଚାଷୀ ମାନଙ୍କୁ ସଚେତନ କରିବ। କୃଷି ବିଭାଗର ସମସ୍ତ ସିଆରପିଙ୍କ ସହ ରାମଗିରି ଏବଂ ଆଖପାଖ ଗ୍ରାମର ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥି ଓ ଅନ୍ୟମାନେ।

ଛତ୍ରପୁର,୨୯।୮ (ଦିଲ୍ଲୀପ ସାମଲ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ଅଗସ୍ତିନୂଆଗାଁ ପଞ୍ଚାୟତର ନୋଳିଆନୂଆଗାଁରେ ଏକ ସଚେତନତା କାର୍ଯ୍ୟକ୍ରମ କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଛତ୍ରପୁର ସିନିୟର ସିଭିଲ ଜଜ୍ ପୂଜା ଦେ, ଏସଜେଏମ ପ୍ରୀତିଶ କୁମାର ରଥ, ଜେଏମଏଫସି ସ୍ୱାଗତିକା ସ୍ୱାଇଁ, ତାଲୁକ ଆଇନ ସେବା କମିଟି ସଦସ୍ୟ ତଥା ଆଇନଜୀବୀ ମନୋଜ ପାଢ଼ୀ ଓ ସୁରଜିତ ସାମନ୍ତରାୟ, ଆଇନଜୀବୀ ବ୍ରଜ ମୋହନ ଆଚାର୍ଯ୍ୟ, ଅଗସ୍ତି ନୂଆଗାଁ ସରପଞ୍ଚ ଉର୍ମିଳା ଦାସ,ପିଇଓ ସୋନାଲି ମହାନ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକୁ ଠିକ ଭାବେ ଲୋକମାନେ କିପରି ଜାଣିପାରିବେ ଏବଂ ଯୋଗ୍ୟ ହିତାଧିକାରୀ ଏଥିରୁ ସୁଫଳ ପାଇ ପାରିବେ ସେ ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ । ତାଲୁକ ଆଇନ ସେବା କମିଟି ପକ୍ଷରୁ ପ୍ରଦାନ କରଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ମଧ୍ୟ ସେମାନେ ସୂଚନା ଦେଇଥିଲେ।

# ଫାଇନାଲରେ ଏନ୍‌ଏସି ଇଲେଭେନ, ବ୍ଲକ୍ ଏକାଦଶ



ଉପସ୍ଥିତ ଖେଳାଳିମାନେ।

**ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ନାମେଣ୍ଟ**

ଜି.ଉଦୟଗିରି,୨୯।୮(ଚିନ୍ମୟ କୁମାର ସେଠୀ) କନ୍ଧମାଳ ଜିଲା ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ ବାଘ ଓ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ। ସ୍ଥାନୀୟ ହବାକ୍ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଶୁକ୍ରବାର ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ମିଡିଆ ଇଲେଭେନ ଏବଂ ଏନ୍‌ଏସି ଇଲେଭେନ ମଧ୍ୟରେ ୧୨ ଓଭର ବିଶିଷ୍ଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ଏନ୍‌ଏସି ଇଲେଭେନ ବିଜୟ ଲାଭ କରି ଫାଇନାଲ୍ ମ୍ୟାଚ୍ ଖେଳିବା ପାଇଁ ବିଜୟୀ ହୋଇଥିଲେ। ସେହିପରି ପୋଲିସ ଏକାଦଶ ଓ ବ୍ଲକ୍ ଏକାଦଶ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ପୋଲିସ ଏକାଦଶକୁ ହରାଇ ବ୍ଲକ୍ ଏକାଦଶ ବିଜୟୀ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ମିଡିଆ ଇଲେଭେନ ଦଳରୁ ସଭାପତି ରାମକୃଷ୍ଣ ଚୌଧୁରୀ ପ୍ରତିନିଧିତ୍ୱ କରିଥିଲେ। ଏନ୍‌ଏସି ଇଲେଭେନ ଦଳରୁ ଇଓ ରଞ୍ଜନ କୁମାର ସାହୁ, ବ୍ଲକ୍ ଏକାଦଶ ଦଳରୁ ଏଇଇ ଅସିତ୍ କୁମାର ସେଠୀ ପ୍ରତିନିଧିତ୍ୱ କରିଥିବା ବେଳେ ଆଇଆଇସି ବିଜୟ କୁମାର ସ୍ୱାଇଁ ପୋଲିସ ଏକାଦଶ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ସ୍ଥାନୀୟ ଖେଳାଳି ଶିବରାମ ପାତ୍ର ଓ ପଞ୍ଚାନନ ପ୍ରଧାନ ଉଭୟ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ୨ ବିଜେତା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତିଯୋଗିତା ଆୟୋଜନରେ ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଜଗନ୍ନାଥପ୍ରସାଦ,୨୯।୮(ବିଭୁ ପ୍ରସାଦ ପଟ୍ଟନାୟକ)

ଭଞ୍ଜନଗର ଥାନା ସାନକୋଦଣ୍ଡା ପଞ୍ଚାୟତ ଅଧୀନ ଚଢ଼େୟାପଲ୍ଲୀ ଗ୍ରାମ ନଦୀରୁ ଜଣେ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର ହୋଇଛି। ସେ ହେଲେ ହୀନ ନାଇକ(୬୦)। ଶୁକ୍ରବାର ସକାଳୁ ସେ ନିକଟସ୍ଥ ଲୋହରାଖଣ୍ଡି ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ବୁଡି ଯାଇଥିଲେ। ତାଙ୍କୁ ପରିବାର ଲୋକେ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବର ପାଇ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇ ପରିବାର ବର୍ଗକୁ ହସ୍ତାନ୍ତର କରିଛି।

# କ୍ରୀଡ଼ାବିତ ବଲାଲ ଖାନଙ୍କୁ ପୁରସ୍କୃତ କଲେ ଡିଜିପି




ଛତ୍ରପୁର,୨୯।୮ (ଦିଲ୍ଲୀପ ସାମଲ)

ଅଗଷ୍ଟ ୨୯ ତାରିଖକୁ ଭାରତୀୟ ହକିର ପ୍ରବାଦ ପୁରୁଷ ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମଦିବସକୁ 'ଜାତୀୟ କ୍ରୀ ଦିବସ' ଭାବେ ପାଳନ କରାଯାଉଛି। ଏହି ଅବସରରେ ଶୁକ୍ରବାର ଗଞ୍ଜାମ ପୋଲିସ ଜିଲାର କନଷ୍ଟେବଲ, କ୍ରୀଡ଼ାବିତ ଓ ବଡିବିଲଡର ବଲାଲ ଖାନଙ୍କୁ ଓଡିଶା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୂର ଖୁରାନିଆ ସମ୍ମାନିତ କରିଛନ୍ତି। କଟକସ୍ଥିତ ଡିଜିପି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ୨୦୨୪-୨୫ରେ ଲଖନଠାରେ ଆୟୋଜିତ ଅଲ ଇଣ୍ଡିଆ ଲେବଲ ପୋଲିସ ପ୍ରତିଯୋଗିତାରେ ବଲାଲ ଭାଗ ନେଇ ବେଶ ସଫଳତା ହାସଲ କରିଥିଲେ। ସେ ଏହା ପୂର୍ବରୁ ବହୁବାର ବିଭିନ୍ନ ଜାତୀୟ, ରାଜ୍ୟ ଏବଂ ଜିଲାସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହେଇଛନ୍ତି।

# ସମାଜ ସେବାରେ ନିମଗ୍ନ ଅଚ୍ୟୁତ୍



ଖଜୁରିପଡ଼ା,୨୯।୮(ବିଦୁର ବେହେରା) ଖଜୁରିପଡ଼ାର ଅଚ୍ୟୁତ ନନ୍ଦ ସାହୁ ବୟସର ଅପରାହ୍ନରେ ପାଦ ଥାପିଥିଲେ ମଧ୍ୟ ସମାଜ ସେବାପ୍ରତି ନିଜକୁ ସମର୍ପଣ କରିଛନ୍ତି। ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖିପାଇଁ ତାଙ୍କ ମନରେ ଆଗ୍ରହ ଭରି ରହିଛି। ସେ ଯେଉଁଠି ଅଳିଆ ଆବର୍ଜନା, ଅପରିଷ୍କାର ପରିବେଶ ଦେଖିଲେ ତାକୁ ସଫା କରିବାରେ ନିୟୋଜିତ ହୋଇ ଯାଆନ୍ତି। ସ୍ଥାନୀୟ ଅଞ୍ଚଳ ପାଇଁ ଜଣେ ଆଦର୍ଶ ଓ ଗୌରବ। ତାଙ୍କର ଏପରି କାର୍ଯ୍ୟ ଆଜିର ଯୁବପିଢ଼ି ପାଇଁ ଏକ ପ୍ରେରଣା। ଯାହାର ଉଦାହରଣ ଦେଖିବାକୁ ମିଳିଛି ଖଜୁରିପଡ଼ା ଅମୃତ ସରୋବର ବନ୍ଧରେ। ଏହି ବନ୍ଧଟି ଖଜୁରିପଡ଼ା ସଦର ମହକୁମାରେ ଜାତୀୟ ରାଜପଥ କଡ଼ରେ ରହିଛି। ବନ୍ଧର ଉନ୍ନତି ଓ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ପାଇଁ ଲକ୍ଷ ଟଙ୍କା ବିଭିନ୍ନ ଯୋଜନାରୁ ଖର୍ଚ୍ଚ କରାଯାଇଛି। ହେଲେ ବନ୍ଧ ପରିଷ୍କାର ପାଇଁ କାହାର ନଜର ନାହିଁ। ଅପରିଷ୍କାର ବନ୍ଧ ହୁଡ଼ା ଦେଖି ଅଚ୍ୟୁତ ନନ୍ଦ ସାହୁ ପରିଷ୍କାର ପରିଚ୍ଛନ୍ନ କରିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ବୃଦ୍ଧ ବୟସ ହୋଇଥିଲେ ସୁଧା ସମାଜସେବା ନିଶା ମନରେ ଏବେ ବି ସତେଜ ହୋଇ ରହିଛି। ତାଙ୍କର ଏପରି କାର୍ଯ୍ୟ ଦେଖି ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ୧୦/୧୫ ଦିନ ଲାଗିଲେ ମଧ୍ୟ ସେ ଧିରେ ଧିରେ ବନ୍ଧକୁ ସଫା କରିଦେବେ। ଏହାସହ ସେ ସମସ୍ତଙ୍କୁ ସମାଜ ସେବା ପାଇଁ ଆହ୍ୱାନ ଦେଇଛନ୍ତି। ଯଦି କେହି ସ୍ୱର ଶୁଣି ନ ଆସିଲେ ମଧ୍ୟ ଲକ୍ଷ୍ୟ ପଥରେ ନିଜେ ବାହାରି ସମାଜ ସେବା କରିବା ଉଚିତ୍। ତାଙ୍କର ଏହି ମତବ୍ୟ ଅତି ହୃଦୟ ସ୍ପର୍ଶୀ। ନିଶ୍ଚିତ ଭାବେ ତାଙ୍କର ଏପରି ସମାଜ ସେବା କାର୍ଯ୍ୟ ଆଜିର ଯୁବପିଢ଼ି ପାଇଁ ଏକ ପ୍ରେରଣା ସାଜିବ।

# ବିପଦ ସାଜିଛି ମୁକୁଳା ଡ୍ରେନ୍

ପାରଳାଖେମୁଣ୍ଡି,୨୯।୮(ଗିରିଧାରୀ ପରିଛା) ପାରଳାଖେମୁଣ୍ଡି ସହରର ବିକାଶ ପାଇଁ ଗଳିକନ୍ଦି ସହିତ ବିଭିନ୍ନ ମୁଖ୍ୟ ରାସ୍ତା ନିର୍ମାଣ କରାଯାଉଛି। ତେବେ କାର୍ଯ୍ୟଗୁଡିକ ଆରମ୍ଭ ହୋଇ ଏଯାଏ ଶେଷ ହୋଇନି। କେଉଁ ସାହିରେ ୧୦୦ ମିଟର କାମ ହୋଇଥିବା ବେଳେ ଆଉ କେଉଁ ସାହିରେ ୨୦୦ମିଟର କାମ ହୋଇ ଅଧା ପନ୍ତରିଆ ଭାବେ ପଡିଛି। ଏହା ବ୍ୟତୀତ ରାଜଦାଣ୍ଡ ଏକ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏଠାରେ ଡ୍ରେନ୍‌ଗୁଡିକ ମୁକୁଳା ରହିଥିବା ଦେଖିବାକୁ ମିଳିଛି। ସହରର ବିଭିନ୍ନ ସ୍ଥାନରେ ଏପରି ମୁକୁଳା ଡ୍ରେନ୍ ହେତୁ ଅଧିକାଂଶ ସମୟରେ ଗୋରୁଗାଈ ମୁକୁଳା ଡ୍ରେନରେ ପଡିଯାଉଥିବା ଦେଖିବାକୁ ମିଳୁଛି। କେଉଁଠାରେ ଡ୍ରେନ୍ ଭାଙ୍ଗି ଭୁଶୁଡି ପଡିଛି ତ ଆଉ କେଉଁଠି ନିର୍ମାଣାଧୀନ ଡ୍ରେନ୍ ଆବର୍ଜନାରେ ପୋତି ହେଲାଣି। ସହରର ଉଭୟ ପାର୍ଶ୍ୱରେ ଥିବା କେତେକ ଡ୍ରେନ୍ ଉପରେ ପ୍ଲେଟ୍ ପକାଯାଇଥିବା ବେଳେ ଅନେକ ସ୍ଥାନରେ ଡ୍ରେନ୍ ମୁକୁଳା ପଡିଛି। ଯେଉଁ କେତେକ ସ୍ଥାନରେ ଡ୍ରେନ୍ ଉପରେ ପ୍ଲେଟ ପକାଯାଇଥିଲା ନିମ୍ନମାନର କାମ ହୋଇଥିବାରୁ ସେଗୁଡିକ ଭାଙ୍ଗିରୁଜି ଗଲାଣି। ଅନେକ ସ୍ଥାନରେ ଭଙ୍ଗାରୁଜା ଓ ମୁକୁଳା ଡ୍ରେନ ରହିଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କଲେଣି। ସେଣ୍ଟ ଜୋସେଫ ସ୍କୁଲ ପାଖରେ ମୁକୁଳା ପଡିଥିବା ଡ୍ରେନ୍ ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ପାଲଟିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଓ ବାଟଗୌଡ଼ ସାହି ଛକଠାରୁ ପୋଲିସ ଷ୍ଟେସନ ଛକ ପର୍ଯ୍ୟନ୍ତ ମଧ୍ୟ ଏପରି ମୁକୁଳା ଡ୍ରେନ୍ ରହିଛି। ସହରରେ ବର୍ଷା ଜାରି ରହିଥିବାରୁ ରାସ୍ତା ଉପରେ ଆଣ୍ଠୁଏ ଲେଖାଏ ପାଣି ଜମି ରହୁଛି। ଅନୁରୂପଭାବେ ଏହି ମୁକୁଳା ଡ୍ରେନ୍‌ରେ ପାଣି ରହି ଲୋକେ ପଡି ଆହତ ହେଉଛନ୍ତି। ସହରର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୮ରେ ସହରର ଦୁଇ ପ୍ରମୁଖ ରାସ୍ତା ଫରେଷ୍ଟ ଗେଟ୍‌ଠାରୁ ଗୁମ୍ମାଗଡା ପର୍ଯ୍ୟନ୍ତ ୪.୭୫କିମି ଓ ମେଡିକେଲ ଛକଠାରୁ ପୁରୁଣା କୋର୍ଟ ପର୍ଯ୍ୟନ୍ତ ୩.୭୫କିମି ରାସ୍ତା ପ୍ରଶସ୍ତୀକରଣ ସହିତ ଡ୍ରେନ୍ ନିର୍ମାଣ କରିବା ପାଇଁ ଟଙ୍କା ମଞ୍ଜୁର କରିଥିଲେ। ଏହି କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ବର୍ଷ ବର୍ଷ ଧରି ନିର୍ମାଣାଧୀନ କାର୍ଯ୍ୟ ସରି ପାରୁନାହିଁ। ଠିକାଦାରଙ୍କ ନିମ୍ନମାନର କାମ ଯୋଗୁ ସରକାରଙ୍କ ଯୋଜନାର ଲକ୍ଷ୍ୟଭ୍ରଷ୍ଟ ହୋଇ ବାଟବଣା ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଜିଲା ପ୍ରଶାସନ ମୁକୁଳା ଡ୍ରେନ୍‌ଗୁଡିକରେ ପ୍ଲେଟ୍ ପକାଇବା ସହ ଚାଲିଥିବା ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଦୃଷ୍ଟି ଦେବା ଲାଗି ଦାବି ହେଉଛି।



ପାରଳାଖେମୁଣ୍ଡି ସହରରେ ଥିବା ଏକ ମୁକୁଳା ଡ୍ରେନ।

## ସଂକ୍ଷେପରେ

### ଜାତୀୟ କ୍ରୀଡ଼ା ଦିବସ ପାଳିତ

ଆସିକା,୨୯।୮(ସୁରେନ୍ଦ୍ର ନାଥ ସାହୁ): ଆସିକା ହରହର ହାଇସ୍କୁଲ ଇନଡୋର୍ ଷ୍ଟାଡିୟମଠାରେ ଶୁକ୍ରବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ସନ୍ଦିପ ପାଢୀ, ବିଡିଓ ଲିପିନା ଦାସ, ଜିଲା କ୍ରୀଡା ଅଧିକାରୀ ସନ୍ତୋଷ ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ଜିଲା କ୍ରୀଡା କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ହରେକୃଷ୍ଣ ସାହୁ, ଆସିକା ବ୍ୟାଡମିଣ୍ଟନ କ୍ଲବର ସାଗର ସାବତ, ସନ୍ତୋଷ କୁମାର ପଣ୍ଡିତ, ଚିଦାନନ୍ଦ ଆଚାରୀ, ପ୍ରଶାନ୍ତ କୁମାର ମୁନି ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବ୍ୟାଡମିଣ୍ଟନ, କବାଡି, ଯୋଗ, ଆରୋବିକ ଆଦି ପ୍ରତିଯୋଗିତା ହୋଇଥିଲା । ସବଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରୁ ୩୦ଟି ଟିମ ଅଂଶ ଗ୍ରହଣ କରିଥିଲେ। ଖେଳକୁ ବାବୁ ଗୌଡ, ଚନ୍ଦନ ବେହେରା ପରିଚାଳନା କରିଥିଲେ । ସେହିଭଳି ବାଳକ ଓ ବାଳିକା କବାଡି ପ୍ରତିଯୋଗିତାରେ ୬ଟି ବାଳକ ଟିମ ଓ ୨ଟି ବାଳିକ ଟିମ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତାକୁ କୈଳାସ ଚନ୍ଦ୍ର ଗୌଡ, ଇନ୍ଦିରା ଦାସ ପରିଚାଳନା କରିଥିଲେ। ସେହିଭଳି ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଯୋଗ, କୁମ୍ଫା, ଆରୋବିକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଯୋଗ ପ୍ରଶିକ୍ଷକ ଗୁଣ୍ଡିଚା ମହାରଣା ଓ ଜିମ ମାଷ୍ଟର ବୁଲୁ ମହାରଣା ପରିଚାଳନା କରିଥିଲେ ।

### ପିପୁଲ୍ଲି କଲେଜରେ ଜାତୀୟ କ୍ରୀଡ଼ା ଦିବସ

ବୁଗୁଡ଼ା,୨୯।୮(କାଳିଚରଣ ଦାଶ)

ବୁଗୁଡା ପିପୁଲ୍ଲି କଲେଜର କ୍ରୀଡା ପରିଷଦ ପକ୍ଷରୁ ୧୪ତମ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଛି। ଏହି ଅବସରରେ ବୁଗୁଡା ସହର ମୁଖ୍ୟ ସଡକରେ ଏକ ମାରାଥନ ଦୌଡ ସାଙ୍ଗକୁ କଲେଜର କ୍ରୀଡା ପ୍ରାଙ୍ଗଣରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଚାଳନାରେ ଏହାକୁ ଅଧ୍ୟାପକ ଦିଲ୍ଲୀପ ସେଠୀ ସହଯୋଗ କରିଥିଲେ। ଅନ୍ୟପକ୍ଷରେ କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ସୁବାସ ଚନ୍ଦ୍ର ପରିଡା, ସମ୍ମାନିତ ଅତିଥି ଭାବେ ତାଳସାକର ହାଇସ୍କୁଲ କ୍ରୀଡା ଶିକ୍ଷକ ଭଞ୍ଜ କିଶୋର ଗୌଡ଼ ଓ ଅନ୍ତରପଡ଼ା ହାଇସ୍କୁଲ କ୍ରୀଡା ଶିକ୍ଷକ ହରିହର ବିଶ୍ୱାଳ ଯୋଗଦେଇ ଖ୍ୟାତନାମା ହକି ଖେଳାଳି ମେଜର ଧ୍ୟାନଚାନ୍ଦ ସିଂଙ୍କ ସ୍ମୃତି ଚାରଣ ସହ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହାସହ କୃତି ପ୍ରତିଯୋଗିଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ଟ୍ରେନ୍‌ରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

ନନ୍ଦପୁର, ୨୯।୮(ତୁଷାରକାନ୍ତ ମହାନ୍ତି)

ରୋଜଗାର ପାଇଁ କେରଳ ଯାଇଥିବା ଜଣେ ଶ୍ରମିକଙ୍କ କେରଳ କାଟାୟା ଷ୍ଟେସନରେ ଟ୍ରେନ୍‌ରୁ ଖସି ମୃତ୍ୟୁ ହୋଇଛି। ସେ ହେଲେ ନନ୍ଦପୁର ଥାନା ଅଧୀନ ଟିକରପଡ଼ା ପଞ୍ଚାୟତ ଅରଣା ଗ୍ରାମର ଘାସୀ ଖରା (୨୧)। ସାଥୀ ଶ୍ରମିକ ରେଳ ଷ୍ଟେସନ ପୋଲିସକୁ ଏତଲା ଦେଇଥିଲେ। ପରିବାର ପକ୍ଷରୁ ଘଟଣା ସମ୍ପର୍କରେ ନନ୍ଦପୁର ଥାନାରେ ଜଣାଇ ମୃତଦେହ ଘରକୁ ଆଣିବାକୁ ସହାୟତା ଲୋଡ଼ିଥିଲେ। ଶନିବାର ସକାଳେ ମୃତଦେହ ବିଶାଖାପାଟଣା ବିମାନ ବନ୍ଦର ପହଞ୍ଚିବ।

# ଗେଟ୍ ବଜାର ଫ୍ଲାଏ ଓଭର ବ୍ରିଜ୍ କାମ ଆରମ୍ଭ

ବ୍ରହ୍ମପୁର,୨୯।୮(ଅଶୋକ କୁମାର ସାହୁ)

ବ୍ରହ୍ମପୁର ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳ ଗେଟ ବଜାର ନିକଟରେ ବିଳମ୍ବରେ ହେଲେ ମଧ୍ୟ ଫ୍ଲାଏ ଓଭର ବ୍ରିଜ କାମ ଶୁକ୍ରବାର ଆରମ୍ଭ ହୋଇଛି। ବିଧାୟକ କେ.ଅନିଲ କୁମାର ଶୁଭ ଦେଇଛନ୍ତି। ଉକ୍ତ କାର୍ଯ୍ୟ ଓଡ଼ିଶା ବ୍ରିଜ କନଷ୍ଟ୍ରକସନ କର୍ପୋରେସନ(ଓବିସିସି) ଲିମିଟେଡ ଦାୟିତ୍ୱରେ କରାଯାଉଛି ବୋଲି କର୍ପୋରେସନର ସାଧାରଣ ପରିଚାଳକ ପ୍ରଭାତ କୁମାର ପାଣିଗ୍ରାହୀ କହିଛନ୍ତି। ବ୍ରହ୍ମପୁର ଜୟପୁର ମୁଖ୍ୟ ରାସ୍ତାରେ ରହିଛି ଗେଟ ବଜାର ଛକ। ଏହି ଛକକୁ ଲୋଚାପଡା, ଦଲୁଆ ସାହି, ନୂଆ ବସଷ୍ଟାଣ୍ଡ, ସିଟି ହସପିଟାଲ ଓ ଦିଗପହଣ୍ଡି ଆଦି ୫ପଟୁ ରାସ୍ତା ଛୁଇଁଛି। ଏଥି ସହିତ ସକାଳୁ ଏଠାକୁ ବିଭିନ୍ନ ଆଡୁ ମଜୁରିଆମାନେ କାମ ପାଇଁ ଅପେକ୍ଷା କରୁଛନ୍ତି। ନିକଟରେ ଛୋଟବଡ ଦୋକାନ ବଜାର ଗଢ଼ି ଉଠିଥିବାବେଳେ ସବୁବେଳେ ବସ ଠାରୁ ଆରମ୍ଭ କରି ଦୁଇ ଚକିଆ ଓ ଚାରିଚକିଆ ଯାନବାହନ ଯିବା ଆସିବା କରୁଥିବାରୁ ଉକ୍ତ ଛକ ସକାଳୁ ରାତି ପର୍ଯ୍ୟନ୍ତ ଗହଳି ରହୁଛି। ତେଣୁ ଏଠାରେ ଏକ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଗତ ସରକାର ଅମଳରେ ଏହି ବ୍ରିଜର ପରିକଳ୍ପନା ହୋଇଥିବାବେଳେ ଚଳିତ ସରକାର ଅମଳରେ ଶୁଭ ଦିଆଯାଇଥିଲା। ପରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିଧାୟକ କେ.ଅନୀଲ କୁମାର ବାରମ୍ବାର ଏଥିପ୍ରତି ଉଦ୍ୟମ କରିଥିବା କୁହାଯାଉଛି। ତାଙ୍କରି ଉଦ୍ୟମରେ ଶୁକ୍ରବାର କାମ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ସାଧାରଣ ପରିଚାଳକ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ ଯେ, ଏହା ଏକ ବୃହତ ଜନହିତକର ପ୍ରକଳ୍ପ। ଏଥିପାଇଁ ବହୁଦିନରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖାଲି ଓବିସିସି ଦାୟିତ୍ୱ ନେଇଗଲେ ଯେ, ବ୍ରିଜ ନିର୍ମାଣ ହୋଇଯିବ ତାହା ନୁହେଁ। ବିଭିନ୍ନ ବିଭାଗର ସମନ୍ୱୟରେ ଏକ ବୃହତ ପ୍ରକଳ୍ପ ଠିଆ ହୁଏ। ଉକ୍ତ ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ଚେଟ୍ରୋକସ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡକୁ ଦିଆଯାଇଛି। ଏବେ ସିନା କାର୍ଯ୍ୟ ଆରମ୍ଭ ହେଲା କିନ୍ତୁ ପ୍ରକ୍ରିୟା ଆରମ୍ଭ ହୋଇଛି ଗତ ଜାନୁଆରୀ ୧୫ ତାରିଖରୁ। ଏହାର ଅବଧି ରହିଛି ୨୦୨୭ ଜାନୁଆରୀ ୧୫ ତାରିଖ। ନୀଳାଦ୍ରୀ ବିହାର ଛକରୁ ଏହି ବ୍ରିଜ ଆରମ୍ଭ ହୋଇ ପୁରୁଣା ସିଟି ହସପିଟାଲର ପାଖରେ ଶେଷ ହେବ। ୧୧୩୬ ମିଟର ବ୍ରିଜର ଦୈର୍ଘ୍ୟ ରହିବ। ୭୯.୧ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ବ୍ରିଜର ଦୁଇପଟେ ଚଲାପଥ ରହିବ। ଚଲାପଥକୁ ମିଶାଇ ବ୍ରିଜର ଓସାର ୨୨ ମିଟର ରହିବ। ୩୩ଟି ପିଲାର ଦିଆଯିବ ବୋଲି ସେ କହିଛନ୍ତି। ତେବେ ଗତ ଜାନୁଆରୀରୁ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବାବେଳେ ବିଳମ୍ବର କାରଣ ସମ୍ପର୍କରେ କହିଲେ ଯେ, ଉକ୍ତ ରାସ୍ତାରେ ବିଦ୍ୟୁତ ଯାଇଛି, ପାଣି ପାଇପ ଯାଇଛି, ଗଛ ଅଛି, ଜମି ଅଧିଗ୍ରହଣ କାର୍ଯ୍ୟ ରହିଛି। ତେଣୁ ଟିପିଏସଓଡିଏଲ, ୱାଟକୋ, ବନ ଉନ୍ନୟନ ନିଗମ ଓ ରାଜସ୍ୱ ବିଭାଗ ପକ୍ଷରୁ ଆନୁସଙ୍ଗିକ ପ୍ରକ୍ରିୟା ଚାଲିଥିବାରୁ କାର୍ଯ୍ୟ ବିଳମ୍ବ ହେଲା। ବର୍ତ୍ତମାନ କାମ ତ୍ୱରାନ୍ୱିତ ହେବ ବୋଲି ସାଧାରଣ ପରିଚାଳକ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ପ୍ରକଳ୍ପ ପରିଚାଳକ ଲିଙ୍ଗରାଜ ସୁବୁଦ୍ଧି, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳା, ସ୍ଥାନୀୟ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।



କାର୍ଯ୍ୟସ୍ଥଳରେ ବିଧାୟକ କେ.ଅନୀଲ କୁମାରଙ୍କ ସହ ଅନ୍ୟମାନେ।

- ଶୁଭଦେଲେ ବିଧାୟକ କେ.ଅନୀଲ କୁମାର
- ଖର୍ଚ୍ଚ ହେବ ୭୯.୧ କୋଟି

# ପ୍ରତ୍ୟହ କ୍ରୀଡ଼ା ଅଭ୍ୟାସ ଜାରି ରଖିବାକୁ ପରାମର୍ଶ



କୁଳପତି କ୍ରୀଡା ଦିବସକୁ ପତାକା ଦେଖାଇ ଉଦଘାଟନ କରୁଛନ୍ତି।

ବ୍ରହ୍ମପୁର,୨୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶବିଦ୍ୟାଳୟରେ ଆଜି ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଥିଲା। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ପ୍ରଥମେ କ୍ରୀଡ଼ା ପରିଷଦ ପରିସରରେ ଥିବା ହକୀ ଖେଳାଳି ଧ୍ୟାନ ଚାନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ପ୍ରଶାସନିକ କୋଠା ସମ୍ମୁଖରେ ଆୟୋଜିତ ମାରାଥନକୁ କୁଳପତି ଗୀତାଞ୍ଜଳି ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଖେଳିବା ଦ୍ୱାରା ଶାରୀରିକ, ମାନସିକ ସୁସ୍ଥ ରହିବା ସହ ପ୍ରତ୍ୟେକ ଦିନ ଅଭ୍ୟାସ ଜାରି ରଖିବାକୁ କହିଥିଲେ । ପାଠପଢା ସହ କ୍ରୀଡ଼ାରେ ମଧ୍ୟ ବହୁ ସୁବିଧା ସୁଯୋଗ ରହିଥିବା କହିଥିଲେ । ମାରାଥନ ଦୌଡ଼ରେ ବହୁ ଛାତ୍ର ଯୋଗ ଦେଇ ଥିଲେ । ଟୁରିଜିମ ବିଭାଗର ଛାତ୍ର ଆକାଶ ନାୟକ ପ୍ରଥମ,ଗଣିତ ବିଭାଗର ଛାତ୍ର ଦିଲେଶ୍ୱର କହଁର ଦ୍ୱିତୀୟ ଓ ରାସାୟନ ବିଜ୍ଞାନ ବିଭାଗ ର ମନଞ୍ଜିତ ହିକାଓ ତୃତୀୟ ସ୍ଥାନ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ପରିଷଦ ସମ୍ପାଦକ ଡ଼.ସାରଦା ପ୍ରସାଦ ସାହୁ,ରାଜେଶ କୁମାର ମହାନ୍ତି,ଜଗନ୍ନାଥ ଚୌଧୁରୀ,ମନୋଜ କୁମାର ଶତପଥୀ, ଏସ୍.କ୍ରୀଷ୍ଣା ରେଡ଼ି,ଧନେଶ୍ୱର ଦାସ,ରାମ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ସ୍କାଉଟ୍ ଓ ଗାଇଡ୍ ତାଲିମ ଶିବିର



ଆସିକା,୨୯।୮(ସୁରେନ୍ଦ୍ର ନାଥ ସାହୁ): ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନୁଷ୍ଠିତ ହେବାକୁ ଥିବା ଭାରତ ସ୍କାଉଟ ଗାଇଡ ରାଜ୍ୟପାଳ ପୁରସ୍କାର ପରିକ୍ଷା ସକାଶେ ପ୍ରସ୍ତୁତ କରିବା ନିମନ୍ତେ ସ୍ଥାନୀୟ ହରିହର ହାଇସ୍କୁଲ ଠାରେ ଶୁକ୍ରବାର ପ୍ରାକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଜିଲା ତାଲିମ କମିଶନର ବିକ୍ରମ ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ ସଦସ୍ୟ ଭାସ୍କର ରଣା ପ୍ରଶିକ୍ଷକ ଭାବେ ଯୋଗ ଦେଇ ସ୍କାଉଟ ଓ ଗାଇଡମାନଙ୍କୁ ତାଲିମ ଦେଇଥିଲେ । ଶିବିରରେ ଆସିକାସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ରାମକୃଷ୍ଣ ଆଦର୍ଶ ବିଦ୍ୟା ମନ୍ଦିର, ହରିହର ଉଚ୍ଚ ବିଦ୍ୟାଳୟ, ଆର୍ଯ୍ୟନ ପବ୍ଲିକ ସ୍କୁଲ, ଜଗମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଦିରୁ ୧୭୦ରୁ ଉର୍ଦ୍ଧ୍ୱ କ୍ୟାଡେଟ ସାମିଲ ହୋଇଥିଲେ । ପ୍ରଥମେ ସ୍କାଉଟ ପତାକା ଉତ୍ତୋଳନ ପରେ ସ୍କାଉଟ ଇତିହାସ, ସ୍କାଉଟ ଗାଇଡର ଲ', ସ୍କାଉଟ ଗାଇଡ ପ୍ରମିସ ଆଦି ସମ୍ପର୍କରେ ସୂଚନା ଦେଇଯାଇଥିଲା । ଶିବିରକୁ ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା, ସହକାରୀ ଅର୍ଗାନାଇଜିଂ କମିସନର ଧିର ସମୀର ପାଣିଗ୍ରାହୀ, ସହକାରୀ ଜିଲ୍ଲା ତାଲିମ କମିସନର ଅରୁଣ ପଟ୍ଟନାୟକ, ମନୋରଂଜନ ରଥ, ଶୁଭେନ୍ଦୁ ମିଶ୍ର, ସନ୍ତୋଷ କୁମାର ସ୍ୱାଇଁ, କାଳୁ ଚରଣ ସ୍ୱାଇଁ, ଗାଇଡ କେପଟେନ କାଦମ୍ବିନୀ ହୋତା, ଲିନା କୁମାରୀ ସ୍ୱାଇଁ, ଗୀତାଳି ସାବତ, ଭାରତୀ କୁମାରୀ ଷଡଙ୍ଗୀ, ନର୍ମଦା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

## ସ୍ୱାୟତ୍ତ ଶାସନ ସପ୍ତାହ ଅବସରରେ ସଚେତନତା

ଦିଗପହଣ୍ଡି,୨୯।୮(ଅଶେଷ ନାଥ ମିଶ୍ର): ସ୍ୱାୟତ୍ତ ଶାସନ ସପ୍ତାହ ପାଳନ ଅବସରରେ ଦିଗପହଣ୍ଡି ଏନ୍‌ଏସି ପକ୍ଷରୁ ଶୁକ୍ରବାର ବଜାର ଗାନ୍ଧୀଛକ, ବସଷ୍ଟାଣ୍ଡ, ପୁଞ୍ଜିକୟାଁ ଛକ ଆଦି ସ୍ଥାନରେ ଲୋକନୃତ୍ୟ ମାଧ୍ୟମରେ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ସ୍ୱଚ୍ଛ ସର୍ବେକ୍ଷଣ – ୨୦୨୫ ପାଇଁ ସହରକୁ ଆବର୍ଜନା ମୁକ୍ତ ରଖିବା, ପଲିଥିନ ଓ ପ୍ଲାଷ୍ଟିକ ଠାରୁ ଦୂରେଇ ରହିବା, ଗୋରୁଙ୍କୁ ରାସ୍ତାରେ ନ ଛାଡିବା, ଏନ୍‌ଏସିର ଗାରିମା ପ୍ରଶିକ୍ଷିତ ସଫେଇ କର୍ମଚାରୀଙ୍କ ମାଧ୍ୟମରେ ପାଇଖାନା ଟାଙ୍କି ସଫା କରିବା ସହ ଜଳାଶୟ ଗୁଡିକରେ ମଇଳା କିମ୍ବା ବର୍ଜ୍ୟବସ୍ତୁ ନ ପକାଇବା ପାଇଁ ସଚେତନ କରାଯାଇଥିଲା। ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ସମେତ ଅନ୍ୟକର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ସମୂହ ସଫେଇ କାର୍ଯ୍ୟକ୍ରମ

ବୁଗୁଡ଼ା,୨୯।୮(କାଳିଚରଣ ଦାଶ)

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବୁଗୁଡ଼ା ଏନ୍‌ଏସି ପକ୍ଷରୁ ସପ୍ତାହ ବ୍ୟାପୀ ବିଭିନ୍ନ ପ୍ରତିଯୋଗିତା ସହ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ କାର୍ଯ୍ୟକ୍ରମ ଓ ମହିଳା ଗୋଷ୍ଠୀ ଗୁଡ଼ିକୁ ନେଇ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସ୍ୱଚ୍ଛତା ଅଭିଯାନରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା, ଚିତ୍ତରଞ୍ଜନ ଦାଶ, ପବିତ୍ର ନାୟକ, ଅମରେନ୍ଦ୍ର ସେନାପତି, ପ୍ରାକ୍ତନ କାଉନସିଲର ସୁଧାଂଶୁ ଶେଖର ପାଢ଼ୀ ଓ ରମଣ ନାହାକ, ସ୍ୱଚ୍ଛତା କର୍ମଚାରୀ ମୁନା ଗୌଡ଼, ରାଜେନ୍ଦ୍ର ପ୍ରଧାନ, କର୍ମଚାରୀ ନାରାୟଣ ଗୌଡ଼, ଜଗଦିଶ ପଣ୍ଡା, ପୀତବାସ ପ୍ରଧାନ, ରଞ୍ଜନ ପ୍ରଧାନ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ।

## କୋରାପୁଟରେ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୨୯।୮(ସ୍ମୃତି ରଞ୍ଜନ ମହାଲିକ) ଟିପିଏସଓଡିଏଲ ପକ୍ଷରୁ କୋରାପୁଟ ଜିଲାରେ ବିଦ୍ୟୁତ ଭିତ୍ତିଭୂମିର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ବିଶେଷ କରି ପାୱାର ଷ୍ଟେସନ ଗୁଡିକର ଉନ୍ନତିକରଣ କରିବା ଓ ବିତରଣ ନେଟୱର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। ପଟାଙ୍ଗୀ ଓ ଲମତାପୁଟରେ ଥିବା ସବ ଷ୍ଟେସନ ଗୁଡିକୁ ଅତିରିକ୍ତ କ୍ଷମତା ସହ ଉନ୍ନତିକରଣ କରାଯାଇଛି। କୋରାପୁଟର ପୁରୁଣା ସବ ଷ୍ଟେସନର ଟ୍ରାନ୍ସଫର୍ମର କ୍ଷମତାକୁ ୩.୧୫ ଏମଭିଏରୁ ୮ ଏମଭିଏକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ସହରାଚଂଳ ସମେତ ଶିକ୍ଷାନୁଷ୍ଠାନ ଗୁଡିକରେ ବିଜୁଳି ଯୋଗାଣ ସୁନିଶ୍ଚିତ କରାଯାଇପାରିଛି। ଜିଲାରେ ନୂତନ ୩୩ କେଭି ଲାଇନ ତାର ସଂଯୋଗ ହୋଇଛି। ଯାହା ସୁନାବେଡା ପୋଲିସ ଷ୍ଟେସନ କରିଡରରୁ ବେଲାରଗୁଡା, କୁନ୍ଦ୍ରା, କୁସୁମୀ, ନୂଆ ଗାଁ, ପଟାଙ୍ଗୀ, କୁନ୍ଦୁଲି, ନାରାୟଣପାଟଣା ଓ ସୁନା ବେଡାର ସଂଯୋଗୀକରଣକୁ ଅଧିକ ସୁଦୃଢ଼ କରିଛି। ନୂଆ ୧୧ କେଭି ଲାଇନ ତାର ସଂଯୋଗ କାରଣରୁ ଜାନିଗୁଡା, ସେମିଳିଗୁଡା, ରଣ୍ଡାପଲୀ ଓ ଆଖପାଖ ଅଂଚଳରେ ବିଦ୍ୟୁତ ବିତରଣ ବ୍ୟବସ୍ଥାରେ ସୁଧାର ଆସିଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, କୋରାପୁଟ ସାଂସ୍କୃତିକ କ୍ଷେତ୍ରରେ ବହୁ ଉନ୍ନତ ଅଂଚଳ। ଏହା ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର। ଏହି ଅଂଚଳରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରିବା ଗୌରବର ବିଷୟ ବୋଲି ସେ କହିଛନ୍ତି।

## ମହିଳା ସୁରକ୍ଷା ଓ ରୋଜଗାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ




ସମ୍ମିଳନୀରେ ଉପସ୍ଥିତ ନାରୀନେତ୍ରୀମାନେ।

ବ୍ରହ୍ମପୁର,୨୯।୮(ସ୍ମୃତି ରଞ୍ଜନ ମହାଲିକ) ଗଣତାନ୍ତ୍ରିକ ମହିଳା ସମିତିର ନବମ ଜିଲା ସମ୍ମିଳନୀ ଶୁକ୍ରବାର ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସମିତିର ଜାତୀୟ ସଂପାଦିକା ତାପସି ପ୍ରହରାଜ ଯୋଗ ଦେଇ ସାଂପ୍ରତିକ ସ୍ଥିତିରେ ମହିଳାଙ୍କ ଦୁର୍ଦ୍ଦଶା ସଂପର୍କରେ କହିଥିଲେ। ରାଜ୍ୟ ସରକାର ମହିଳା ସଶକ୍ତିକରଣ ସ୍ଲୋଗାନ ଦେଇ କ୍ଷମତାକୁ ଆସିବା ପରେ ନିର୍ଯାତନା ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇଛି। ବିଶେଷ ଭାବେ ଭାଜପା କ୍ଷମତାକୁ ଆସିବା ପରେ ମହିଳା ବିରୋଧୀ ମନୁବାଦୀ ନୀତି ଗ୍ରହଣ କରିବା ଯୋଗୁଁ ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ସାଂଘାତିକ ଭାବେ ବୃଦ୍ଧି ପାଇଛି। ବର୍ତ୍ତମାନ ମହିଳାମାନେ ରାଜନୈତିକ, ସାମାଜିକ ଓ ଆର୍ଥିକ ଭାବେ ଅବହେଳିତ। ଏଣୁ ଏହା ବିରୋଧରେ ମହିଳାମାନେ ସଂଗଠିତ ହୋଇ ସୁରକ୍ଷା ଓ ରୋଜଗାର ପାଇଁ ଲଢ଼େଇ କରିବାକୁ ସଂପାଦିକା ପ୍ରହରାଜ ଆହ୍ୱାନ ଦେଇଥିଲେ। ଜିଲା ସଂପାଦିକା ବିଷ୍ଣୁ ପ୍ରିୟା ସାହୁ ସାଂଗଠନିକ ରିପୋର୍ଟ ଆଗତ କରିଥିଲେ। ଜିଲାର ବିଭିନ୍ନ ଅଂଚଳରୁ ଆସିଥିବା ପ୍ରତିନିଧି ଆଲୋଚନା କରିବା ପରେ ରିପୋର୍ଟ ଗ୍ରହଣ କରାଯାଇଥିଲା। ଏହି ଅବସରରେ ସମ୍ମିଳନୀର ୧୯ ଜଣିଆ ଜିଲା କମିଟି ମନୋନୀତ କରାଯାଇଥିଲା। ସଭାନେତ୍ରୀ ଭାବେ ମିନତୀ ସ୍ୱାଇଁ ଓ ସଂପାଦିକା ଭାବେ ବିଷ୍ଣୁ ପ୍ରିୟା ସାହୁ ମନୋନୀତ ହୋଇଥିଲେ। ସମ୍ମିଳନୀକୁ କୃଷକ ନେତା କୈଳାଶ ଷଡଙ୍ଗୀ ଉଦଘାଟନ କରିଥିଲେ। ଗାୟତ୍ରୀ ନାଥ, ପ୍ରତିଭା ବ୍ରହ୍ମା ଓ ଗାୟତ୍ରୀ ଗୌଡ ସହଯୋଗ କରିଥିଲେ।

## ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଜାତୀୟ କ୍ରୀଡ଼ା ଦିବସ




ବ୍ରହ୍ମପୁର,୨୯।୮(ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଜିଲା କ୍ରୀଡା ବିଭାଗ ପକ୍ଷରୁ ଶୁକ୍ରବାର ମହାତ୍ମାଗାନ୍ଧୀ ଷ୍ଟାଡିୟମ ଠାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ପାଳନ କରାଯିବା ସହ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଡେପୁଟି କମିଶନର ଆର୍ଶୀବାଦ ପରିଡା, ବ୍ରହ୍ମପୁର ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ଏମ୍‌ପି ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ ଯୋଗ ଦେଇଥିଲେ । ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ମିଶ୍ର, ଗଞ୍ଜାମ ଜିଲା କ୍ରୀଡା ସଂସଦ ସମ୍ପାଦକ ଜେ. କାମେଶ୍ୱର ରାଓ, ଷ୍ଟାଡିୟମ ଇନଚାର୍ଜ ସଂଜୀବ କୁମାର ସାହୁ, ବକ୍ସି ଆସୋସିଏସନ ସମ୍ପାଦକ କେ. ପ୍ରଭାକର ରାଓ, ବାସ୍କେଟବଲ କୋଚ କାଜଲ ସାହୁ, ବକ୍ସି କୋଚ ଶିଶିର କୁମାର ପାଢ଼ୀ, ବିଦ୍ୟାଳୟ ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ସୱାଇଁ, ଅବସରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ, ଜିଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ସୁରେଶଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ଜାତୀୟ କ୍ରୀଡା ଦିବସ ଅବସରରେ ଜିଲାର ଦୁଇଟି ସ୍ଥାନରେ ପ୍ରତିଯୋଗିତା ହୋଇଥିଲା। ମହାତ୍ମାଗାନ୍ଧୀ ଷ୍ଟାଡିୟମ ଠାରେ ବାସ୍କେଟ ବଲ, କବାଡି, ହ୍ୟାଣ୍ଡବଲ, ବକ୍ସି ପ୍ରତିଯୋଗିତା ହୋଇଥିବା ବେଳେ ଆସିକା ସ୍ଥିତ ଇନଡୋର ଷ୍ଟାଡିୟମରେ କବାଡି, ବ୍ୟାଡମିଣ୍ଟନ ଓ ଭଲିବଲ ପ୍ରତିଯୋଗିତା ହୋଇଥିଲା । ଉଭୟ ସ୍ଥାନରେ ୪୦୦ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିଲେ ।

# ମୃତ ମତ୍ସ୍ୟଜୀବୀଙ୍କ ପରିବାରକୁ ଭେଟିଲା ବିଜେଡି ଟିମ୍



ଏଙ୍ଗ.କାଳେୟାଙ୍କ ପରିବାର ସଦସ୍ୟଙ୍କୁ ଭେଟୁଛନ୍ତି ବିଜେଡି ଟିମ୍।

ଛତ୍ରପୁର,୨୯।୮(ଦିଲ୍ଲୀପ ସାମଲ) ସମୁଦ୍ରରେ ଡଙ୍ଗା ଓଲଟି ମତ୍ସ୍ୟଜୀବୀ ଏଙ୍ଗ.କାଳେୟା ପ୍ରଥମେ ନିଖୋଜ ରହିବା ଏବଂ ପରେ ଗୁରୁବାର ରାତିରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଶୁକ୍ରବାର ମୃତକଙ୍କ ପରିବାରକୁ ବିଜେଡିର ଏକ ପ୍ରତିନିଧି ଦଳ ଭେଟିଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସଙ୍କ ନେତୃତ୍ୱରେ ବିଜେଡିର ଏହି ପ୍ରତିନିଧି ଦଳ ନୋଳିଆ ନୁଆଗାଁସ୍ଥିତ ଏଙ୍ଗ. କାଳେୟାଙ୍କ ବାସଭବନରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ଭେଟି ସେମାନଙ୍କୁ ସମାବେଦନା ଜଣାଇଥିଲେ। କିପରି ପରିବାର ସଦସ୍ୟଙ୍କୁ ସରକାରୀ ଅଧିକ ସରକାରୀ ସହାୟତା ମିଳିବ ସେନେଇ ସେମାନେ ଜିଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ତାଙ୍କ ପରିବାରକୁ ଆଶ୍ୱସନା ଦେଇଥିଲେ। ପରେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ସହ ବିଭିନ୍ନ ରୋଷେଇ ସାମଗ୍ରୀ ପ୍ରଦାନ କରିଥିଲେ। ବିଜେଡିର ଏହି ଟିମ୍‌ରେ ଜିଲା ପରିଷଦ ସଭ୍ୟ ଏମ୍.ଧନଞ୍ଜୟ ରେଡ୍ଡୀ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ଯୁବ ବିଜେଡି ଜିଲା ସଭାପତି ଭବାନୀକାନ୍ତ ସାହୁ, ଯୁବ ବିଜେଡି ନଗର ସଭାପତି ଟି.ଚନ୍ଦ୍ର ଶେଖର ରାଓ, ପୂର୍ବତନ ସରପଞ୍ଚ ସୋମନାଥ ବେହେରା, ଯୁବନେତା ଅକ୍ଷୟ ସ୍ୱାଇଁ, ଅଭିରାମ ପ୍ରଧାନ, ରାଜେଶ ମହାରଣା, କିଶୋର ବେହେରା, ଛତ୍ରପୁର ଯୁବ ବିଜେଡି ବ୍ଲକ ସଭାପତି କାଳିଆ ନାହାକ ଓ ଟିକିନା ଗୌଡ ପ୍ରମୁଖ ସାମିଲ ହୋଇଥିଲେ ।

# କବାଡ଼ି ପ୍ରତିଯୋଗିତା, ପିପୁଲ୍ଲି କଲେଜ ଚାମ୍ପିୟନ

ବୁଗୁଡ଼ା,୨୯।୮(କାଳିଚରଣ ଦାଶ)

ଜାତୀୟ କ୍ରୀଡା ଦିବସରେ ଶ୍ରୀକର ଭଞ୍ଜ ସ୍ପୋର୍ଟ୍ସ ଆଣ୍ଡ କଲଚୁରାଲ ଆଶୋସିଏଶନ ଆନୁକୂଲ୍ୟରେ ୧୭ ବର୍ଷ ବୟସରୁ କମ ପ୍ରତିଯୋଗୀଙ୍କୁ ନେଇ ବ୍ଲକସ୍ତରୀୟ କବାଡି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏହା ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଖେଳା ଯାଇଥିଲା। ପ୍ରତିଯୋଗିତାକୁ ସଭାପତି ଡ଼.ସୁବାସ ଚନ୍ଦ୍ର ପରିଡ଼ା ଉଦ୍‌ଘାଟନ କରିଥିବା ବେଳେ ସମ୍ପାଦକ ଅନିଲ ପଟ୍ଟନାୟକ, ସହ ସମ୍ପାଦକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଯୋଗ ଦେଇଥିଲେ। ବାଳକ ବିଭାଗରେ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ବୁଗୁଡ଼ା ପିପୁଲ୍ଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳ ତାଳସାକର ହାଇସ୍କୁଲକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ବାଳିକା ବିଭାଗରେ ଅଂଶ ଗ୍ରହଣ କରିଥିବା ୪ଟି ଦଳ ମଧ୍ୟରୁ ଫାଇନାଲରେ ବୁଗୁଡ଼ା ପିପୁଲ୍ଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଳିକା ଦଳ ବାଲିପଦର ଅହଲ୍ୟା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମିଡ଼ିଆ କ୍ଲବ୍ ସଭାପତି ଅନିଲ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ସହ ସମ୍ପାଦକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, କ୍ରୀଡ଼ାବିତ କିଶୋର ଚନ୍ଦ୍ର ପଣ୍ଡା ଯୋଗଦେଇ ଉଭୟ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡା ପ୍ରଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ପରିଚାଳନାରେ ଏହି ଟୁର୍ନାମେଣ୍ଟରେ ରେଫେରୀ ଭାବେ ହରିହର ବିଶ୍ୱାଳ, ରବୀନ୍ଦ୍ର ବେହେରା, ସ୍ୱରାଜ ସାହୁ ଓ ସ୍କୋରର ଭାବେ ଦୀପକ ସାହୁ, ଲାଇନ ମ୍ୟାନ ଅକ୍ଷୟ ନାୟକ, ଅଜୁ ଭୂୟାଁ ଦାୟିତ୍ୱ ତୁଲାଇ ଥିବା ବେଳେ ବାଦଲ ଭୂୟାଁ, ସନ୍ତୋଷ ଖଣ୍ଡେଇ, ଜଗନ୍ନାଥ ମହାନ୍ତି, କେ ଶ୍ରୀନିବାସ ଦୋରା, ଭଞ୍ଜ କିଶୋର ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ପିପୁଲ୍ଲି କଲେଜ ବାଳକ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:.......................................
ଜନ୍ମ ତାରିଖ: ................................



ଅଶୋକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଟି ଅତଡ଼ା ଧସି ଶ୍ରମିକଙ୍କ ମୃତ୍ୟୁ

**ଯୋଡ଼ା,୨୯।୮(ମାନସ ମହାନ୍ତି)**

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହେଁଶାବେଡ଼ାଠାରେ ଥିବା ଏକ ଘରୋଇ କମ୍ପାନୀର ପାଇପ ଲାଇନ କାର୍ଯ୍ୟ ସମୟରେ ଅଘଟଣ ଘଟିଛି। ମାଟି ଅତଡ଼ା ଧସି କର୍ଯ୍ୟକରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଶ୍ରମିକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଥିବା ବାମେବାରି ଥାନା ଆଇଆଇସି ଯଶକେତନ ଭୋଇ କହିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଉକ୍ତ କମ୍ପାନୀର ମାଟି ଖୋଳି ସ୍ଲରି ପାଇପ୍‌ଲାଇନ କାର୍ଯ୍ୟ କରାଯାଉଥିଲା। ପ୍ରାୟ ୭ରୁ ୮ ଫୁଟ ତଳେ ଶ୍ରମିକ ଜଣକ ୱେଲ୍ଡିଂ କାର୍ଯ୍ୟ କରୁଥିବା ବେଳେ ମାଟି ଅତଡ଼ା ଖସି ପଡ଼ିଥିଲା। ଶ୍ରମିକ ଜଣକ ପୋତି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରି ଯୋଡ଼ା ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣା ତଦନ୍ତ ଆରମ୍ଭ କରାଯାଇଥିବା ଆଇଆଇସି ଭୋଇ ସୂଚନା ଦେଇଛନ୍ତି।

# ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ସୌମ୍ୟାଶ୍ରୀଙ୍କ ବାପା

## ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ମାମଲା

■ କଲେଜ ଆଇସିସି ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବାଲେଶ୍ୱର, ୨୯।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ କଲେଜର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ୪ଜଣ ଗିରଫ ହୋଇଛନ୍ତି। ତାଙ୍କ ବାପା ବଳରାମ ବିଶି ଶୁକ୍ରବାର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଭେଟିଛନ୍ତି। ଝିଅ ମୃତ୍ୟୁ ମାମଲାରେ ୪ଜଣ ଗିରଫ ହୋଇଥିଲେ ହେଁ କଲେଜ ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି (ଆଇସିସି) ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିସହ ଯେଉଁମାନେ ଝିଅକୁ ଆତ୍ମାହୁତି ପାଇଁ ଉସ୍‌କାଇଥିଲେ, ମାନସିକ ନିର୍ଯାତନା ଦେଇଥିଲେ ସେମାନଙ୍କ ଉପରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବାପା ବଳରାମ ଜିଲାପାଳ ଓ ଏସ୍‌ପିଙ୍କୁ କହିଥିଲେ। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ତଦନ୍ତ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଓ ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସୌମ୍ୟାଶ୍ରୀଙ୍କ ବାପାଙ୍କ ସହିତ ତାଙ୍କ ସମ୍ପର୍କୀୟ ବୀରେନ୍ଦ୍ର ଦାସ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଛାତ୍ରୀ ସୌମ୍ୟାଶ୍ରୀ ଗତ ଜୁଲାଇ ୧୨ରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ୧୪ ତାରିଖରେ ଭୁବନେଶ୍ୱର ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାପରେ ଗତ ଅଗଷ୍ଟ ୩ରେ କ୍ରାଇମବ୍ରାଞ୍ଚ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୌମ୍ୟାଶ୍ରୀଙ୍କ ବାପା (ଡାହାଣ) ଓ ସମ୍ପର୍କୀୟ।

# Classified Everyday 0674-2580101, 9692975378



## REAL ESTATE
## SALE

2.5 guntha homestead & 11 guntha both are SC land for sale near Hanuman Mandir/ Baikuntha Brahmachari Ashram, Garapur, Kendrapara. Interested SC buyers may contact: 9437013139/ 9861526386. D-1796

ସାକ୍ଷୀଗୋପାଳ ନିକଟ ପଟନାଇକିଆ ଛକରୁ ଦେଢକିଲୋମିଟର ଦୂରରେ ସରକାରୀ ରାସ୍ତାକୁ ଲାଗି ୬ ଏକର ଘରବାଡ଼ି ପ୍ଲଟ୍ ବିକ୍ରୟହେବ। ପ୍ଲଟିଂ, ସ୍କୁଲ, କଲେଜ ପାଇଁ ଉପଯୁକ୍ତ। **No Broker,** ଯୋଗାଯୋଗ– **9438109040, 8144658008.** D-1802

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781





Full body massage experience, good looking therapist @999 (bhubaneswar) 8658088274. D-1791

Newly open health benefits SPA by expert therapist. Contact- 8280961126. D-76935

## AFFIDAVIT

I, MISS PUNAM, D/o- Jagannath Subudhi, Resident of Ward No.- 44, Plot No.- 5020, At- Badagada Jharana Sahi, P.O.- Badagada Brit Colony, P.S.- Badagada, Dist.- Khordha, PIN- 751018, Odisha declare by this affidavit No.- 10AA088036, dtd. 11.06.2010 that now onwards I shall be known as RAJSHRI JENA for all future purposes. D-1795

By virtue of affidavit sworn before Executive Magistrate, Nandapur on Dtd.- 26.08.2025. That my Actual and correct name is Daimati Khemundu. as per my HSCE Certificate having Roll No.- 015DE072issued by Secretary, BSE Odisha, Cuttack, my surename is wrongly mentioned is my Aadhaar Card Bearing UID No.- xxxx xxxx 4571 Umbir in stead of Khemundu. Henceforth, I shall be known as Daimati Khemundu in all purpoes.
Sd./- Daimati Khemundu D-1803

I, Shalini Chhajed, aged about 41 years, D/o- Nagraj, W/o- Ajay Kumar Chhajed, resident At- Nandi Sahi, Choudhury Bazar, P.O.- Buxibazar, P.S.- Purighat, Dist.- Cuttack- 753001, Odisha declare by this affidavit No.- 1970, dtd.- 29.08.2025, that now onwards I shall be known as Shalini Chhajer for all future purposes. D-1801

I, Ajay Chhajed, aged about 40 years, S/o- late Hansaraj Chhajed, resident At- Nandi Sahi, Choudhury Bazar, P.O.- Buxibazar, P.S.- Purighat, Dist.- Cuttack- 753001, Odisha declare by this affidavit No.- 1971, dtd.- 29.08.2025, that now onwards I shall be known as Ajay Kumar Chhajed for all future purposes. D-1800

I, Shaikh Abdul Junaid, S/o- Abdul Hadi Shaikh, Resident of Kajimohalla, P.O./P.S.- Jagatsinghpur, Dist.- Jagatsinghpur, PIN- 754103, Odisha declared by this affidavit No.- 31658, Dtd- 21.07.2025 that now onwards I shall be known as SK Abdul Junaid for all future purposes. D-1794

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM | UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IN THE COURT OF 1ST ADDL. CIVIL JUDGE, SENIOR DIVISION, BHUBANESWAR

C.S. No.- 1066 of 2018

Janardan Patra .....Plaintiff

Versus

Sudarsan Patra & Others .... Defendants

NOTICE UNDER ORDER U/O-V. R.20 OF CPC

To.
The following defendants:
6. Pramila Patra, aged about 72 years, W/o- Damburdhar Parida, At- Mahura, P.S.- Tamando, Dist.- Khurda, 8. Santilata Patra, aged about 50 years, W/o- Babuli Dhaulia, At/P.O.- Ghoradia, P.S.- Delanga, Dist.- Khurda, 10. Pravat Kumar Patra, aged about years, S/o- Laxmidhar Patra, At/P.O.- Panchagon, P.S.- Airfield, Dist.- Khurda, 11. Ashwini Kumar Khuntia, aged about 49 years, S/o- Late Brajabandhu Khuntia, Plot No.- 595, Baramunda, P.S.- Khandagiri, Bhubaneswar, Dist.- Khurda. 12.Smt. Suchitra Khuntia, aged about 42 years, W/o- Ashwini Kumar Khuntia, Plot No.- 595, Baramunda, P.S.- Khandagiri, Bhubaneswar, Dist.- Khurda. 13. Smt. Mamata Sahoo, aged about 42 years, W/o- Bairagi Charan Sahoo, At-Rani Goda, P.O.- Sukleswar, P.S.- Mahanga, Dist.- Khurda, 14. Rajendra Prasad Samal, aged about 51 years, S/o- Late Purusottam Samal, At/P.O.- Balidil, P.S.- Bazi, Dist.- Jaipur, 15.Abhimanyu Rath, aged about 59 years, S/o- Late Krushna Chandra Rath, At-Plot No.- F/482, Sector-6 Markat Nagar, Bidanasi, P.S.- Markat Nagar, Dist.- Cuttack, 16. Trahi Jagannath Construction PVT. Ltd. Represented by its Director, Sushanta Kumar Panda, S/o- Nirakar Panda, Plot No.- 481, Sahidnagar, P.O.-/P.S.- Sahid Nagar, Bhubaneswar, Dist.-Khurda, 17. Pratap Kumar Parida, aged about 40 years, S/o-Bhimasen Parida, At- Chadeya, P.O.- Doria, P.S.- Pattamundai, Dist.- Kendrapada, 18. Bharat Chandra Khatua, aged about 63 years, S/o- Late Gangadhar Khatua of Ramchandrapur, P.O.- Balia, P.S.- Mahakalapada, Dist-Kendrapada, 19.Suprava Mohanty, aged about 45 years, W/o- Siba Prasad Bose, Plot No.- 304, P.O./P.S.- Sahid Nagar, Bhubaneswar-7, Dist.- Khurda, 20. Smt Temlata Bhoi, aged about 53 years, W/o- Nabin Bhoi, At/P.O.- Kapasira, Via-Bhakta, P.S.- Ambabhona, Dist.- Khurda, 26. Aurojyoti Bose, aged about 38 years, S/o- Deba Prasad Bose, Resident of VII M-23, Phase-7 Sailashree Vihar, P.O./P.S.- Chandrasekharpur, Bhubaneswar, Dist.-Khurda, 27.Smt Puspanjali Das, aged about 43 years, W/o- Krushna Chadra Das, Sastri Nagar, 1st Lane Near Utkal Cinema Hall, P.O./P.S.- Barahampur, Dist.- Ganjam, 28.Smt. Mami Barik, aged about 48 years, W/o-Kartik Chandra Barik, Resident of C-3L-75 Chhend Colony, P.S.- Raghunath Palli, Panpose, Rourkela-6, Dist.- Sundargarh, 31.Hemanta Kumar Nayak, aged about 50 years, S/o-Mayadhar Nayak, At- Kurujanga, P.S./Dist.- Kendrapada, 32.Smt. Kanakalata Jena, aged about 47 years, W/o- Rituranjan Jena, At- Bilasuni (part), P.O.- Bilasuni, P.S.- Niali, Dist.-Cuttack, 33. Smt. Bishnupriya Pradhan, aged about 49 years, W/o- Gadadhar Pradhan, At- Paikasahi, P.O.- Sumang, P.S.- Puri Sadar, Dist.- Puri, 34. Smt. Bebina Malu, aged about 43 years, W/o- Ramesh Malu, At/P.O./P.S.- Balugaon, Dist.- Khurda, 35.Smt. Laxmipriya Mohanty, aged about 43 years, W/o- Ashok Kumar Mohanty, At Plot No.- 610, Lane-2, P.O.- Aerodrome Area, P.S.- Airfield, Palashpalli Ananda Nagar, Bhubaneswar, Dist.- Khurda, 36. Santosh Kumar Pradhan aged about 42 years, S/o- Laxman Pradhan, At- Jagannath Prasad, P.O.- Adakata, P.S.- Gania, Dist.- Nayagarh, 37. Umaballava Dakua, aged about 48 years, S/o- Late Matia Dakua, At/P.O.- Rabera, P.S.- Odagaon, Dist.- Nayagarh, 38.Sarita Nayak, aged about 34 years, D/o- Pabitra Nayak, At- Pohal, P.O.- Rohia, P.S.- Naugaon Hata, Dist.- Jagatsinghpur

SCHEDULE OF PROPERTIES

"A" SCHEDULE
Mouza-Sahaspur, Khata No.-17, Plot No.-1239, area Ac0.825 decimals, Plot No.- 1287, area Ac0.240 decimals, Plot No.- 1288, area Ac0.046 decimals, Plot No.- 1284, area Ac0.415 decimals, Plot No.- 1290, area Ac0.865 decimals, Plot No.- 1294, area Ac0.280 decimals, Plot No.- 1280, area Ac0.310 decimals, Plot No.- 1298, area Ac0.235 decimals, Plot No.- 1028, area Ac0.265 decimals, Plot No.- 808, area Ac0.375 decimals, Plot No.- 844, area Ac0.620 decimals,
Total Plots No.-11, area Ac4.495 decimals, Valued at Rs.13,50,000/-

"B" SCHEDULE
Mouza- Panchagaon, Khata No.-11, Plot No.- 1602, area Ac0.485 decimals, Plot No.- 1619, area Ac0.270 decimals, Plot No.- 1782, area Ac0. 455 decimals, Plot No.- 99, area Ac0.030 decimals, Plot No.- 100, area Ac0.090 decimals, Plot No.- 425, area Ac0.275 decimals, Plot No.- 862, area Ac0.370 decimals, Plot No.- 1593, area Ac0.090 decimals, Plot No.- 1088, area Ac0.195 decimals, Plot No.- 1702, area Ac0.505 decimals, Plot No.- 1796, area Ac0.130 decimals, Plot No.- 2168, area Ac0.980 decimals, Plot No.- 2252, area Ac1.030 decimals.
Total Plot Nos.11 Area Ac4.905 decimals.
Valued at Rs.15,00,000/-

"C" SCHEDULE
Mouza- Barakuda, Khata No.-11, Plot No.- 854, area Ac0.860 decimals, Plot No.- 1682, area Ac0.644 decimals, Plot No.- 1889, area Ac0. 295 decimals, Plot No.- 1003, area Ac0.210 decimals, Plot No.- 1984, area Ac0.515 decimals, Plot No.- 1977, area Ac0.355 decimals, Plot No.- 2045, area Ac0.500 decimals.
Total Plots No.- 7, area Ac3.379 decimals.
Valued at Rs.10,50,000/-.

Whereas the above named Plaintiff has instituted a suit for Declaration and Partition and for permanent injunction, in which you are avoiding to receive summons and attend the court. Take notice that the case is posted to Dt.24.11.2025 at about 10.30 AM to appear in person or by pleader duly instructed and able to answer all material questions relating to suit and you are directed to produce on that day all documents upon which you intended to rely support of your defence.

Take notice that in default of your appearance of the day before mentioned, the suit will be heard and determined in you absence.

Given under my hand and the seal of the Court of this. dt. 18.08.2025.

Sd./- 1st Addl. Senior Civil Judge, Bhubaneswar
D-1798

# ଦେଶର ଆର୍ଥିକ ଅଭିବୃଦ୍ଧିରେ କ୍ଷୁଦ୍ରଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି



## ଆଜି ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ

ଭାରତର ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ଏବଂ ଉଦ୍ୟୋଗରେ କ୍ଷୁଦ୍ର ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଚାଲିଛି। ଏହି ଶିଳ୍ପ ଅନେକ ଲକ୍ଷ ଲୋକଙ୍କୁ ଜୀବିକା ପ୍ରଦାନ କରୁଥିବାବେଳେ ଏହାର ଗୁରୁତ୍ୱକୁ ସ୍ମରଣ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ୩୦ରେ ପାଳିତ ହୋଇଆସୁଛି ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ। ୨୦୦୦ ମସିହାରେ କେନ୍ଦ୍ର ସରକାର ଦେଶରେ କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ୟାକେଜ ଘୋଷଣା ସହ ସେହିବର୍ଷ ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ ପାଳନ ଲାଗି ଘୋଷଣା କରିଥିଲେ। ତଦନୁସାରେ ୨୦୦୧ ଅଗଷ୍ଟ ୩୦ରେ ଏହି ଦିବସ ପାଳିତ ହୋଇଆସୁଛି। ତେବେ କ୍ଷୁଦ୍ରଶିଳ୍ପର ଗୁରୁତ୍ୱକୁ ଉପଲବ୍ଧିକରି କେନ୍ଦ୍ର ସରକାର ୯ ମେ' ୨୦୦୭ରେ କ୍ଷୁଦ୍ରଶିଳ୍ପ ମନ୍ତ୍ରଣାଳୟ ଏବଂ କୃଷି ଓ ଗ୍ରାମୀଣ ଶିଳ୍ପ ମନ୍ତ୍ରଣାଳୟକୁ ମିଶ୍ରଣକରି ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ (ଏମ୍‌ଏସ୍‌ଏମ୍‌ଇ) ଗଠନ କରିଥିଲେ। ତେବେ ଉକ୍ତ ଦିବସ ସମ୍ପୃକ୍ତ ଶିଳ୍ପକ୍ଷେତ୍ରକୁ ସକ୍ଷମ କରିବା ପାଇଁ ସରକାରଙ୍କ ଜାରି ସମର୍ଥନ ଏବଂ ନୀତି ଉପରେ ଗୁରୁତ୍ୱାରୋପ କରେ। ଏହାଦ୍ୱାରା ଉଦ୍ୟୋଗୀମାନଙ୍କୁ ସଶକ୍ତ କରାଯାଇପାରିବ। ଏଥିସହ ଏକ ସ୍ଥିର ଏବଂ ଆତ୍ମନିର୍ଭରଶୀଳ ଅର୍ଥନୀତି ଦିଗରେ ଅନ୍ତର୍ଭୁକ୍ତ ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ଗୋଲକ ବିହାରୀ ସାହୁ**
(ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ)
ରାଧାଗୋବିନ୍ଦପୁର, (ରାଜବାଟୀ ନଗର) ଆଠଗଡ଼, କଟକ
ଆବିର୍ଭାବ: ୨୩।୧୦।୧୯୩୭
ତିରୋଧାନ: ୧୦।୦୯।୨୦୨୪

ଚାହୁଁ ଚାହୁଁ ଏକବର୍ଷ ବିତିଯାଇଛି, ଆପଣଙ୍କ ଅବର୍ତ୍ତମାନ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଏକ ଆଲୋକବର୍ତ୍ତିକା ସଦୃଶ ଆମ୍ଭମାନଙ୍କର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଆତ୍ମା ପରମାତ୍ମାଙ୍କ ସାନ୍ନିଧ ଲାଭକରୁ, ଏତିକି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:– ପତ୍ନୀ, ପୁତ୍ର– ପୁତ୍ରବଧୂ, କନ୍ୟା– ଜାମାତା, ନାତି ,ନାତୁଣୀ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ।
ଧ–୧୭୯୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ସନ୍ଦିପ ମହାନ୍ତି (ଟୁନଟୁନ)**
(ଭୁବନେଶ୍ୱର)
ଆବିର୍ଭାବ : ୨୬/୧୧/୧୯୮୪ | ତିରୋଧାନ : ୩୦/୦୮/୨୦୦୭

୧୮ବର୍ଷ ବିତିଗଲାଣି କିନ୍ତୁ ଆଜି ପରି ଲାଗୁଛି। ସେହିଦିନ ୨୦୦୭ ମସିହା ଅଗଷ୍ଟ ୩୦ ତାରିଖ ଯେଉଁ ଦିନ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ତୋର ଅଭୁଲା ସ୍ମୃତିକୁ ଆମେ ମନେ ପକାଇ ବଞ୍ଚୁଛୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା, ତୁ ଯେଉଁଠି ଥା ଭାଲରେ ରହ....

ଶୋକସନ୍ତପ୍ତ : ତୋର ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲ, ଖୁଡି, ଦେଈ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ–୭୬୮୫୦

## କାମଧେନୁ ହିତାଧିକାରୀଙ୍କୁ ଆକ୍ରମଣ, ଗାଡି ଭଙ୍ଗାରୁଜା

# ୩ ଗୋରକ୍ଷକ କର୍ମୀ ଗିରଫ

ଭୁବନେଶ୍ୱର,୨୯।୮(ସତ୍ୟଜିତ୍ ରାଉତ)



ଗିରଫ ୩ ଅଭିଯୁକ୍ତ।

■ ଗୋଟାଲାଣ ଅଭିଯୋଗ କରି ଆତଙ୍କରାଜ ଚଳାଇଥିଲେ

■ ବହୁ ଅଭିଯୁକ୍ତ ଫେରାର, କ୍ଷତି ସହିଲେ ଚାଷୀ

କାମଧେନୁ ଯୋଜନାର ହିତାଧିକାରୀମାନେ ଆନ୍ଧ୍ରପ୍ରଦେଶରୁ ଗାଈ କିଣି ଘରକୁ ଆଣୁଥିବାବେଳେ ଭୁବନେଶ୍ୱର ବରମୁଣ୍ଡା ଓଭରବ୍ରିଜ୍ ଉପରେ ଗୋରକ୍ଷକ ଦଳ ସେମାନଙ୍କୁ ଅଟକାଇ ଆକ୍ରମଣ ଓ ଗାଡି ଭଙ୍ଗାରୁଜା କରିବା ଘଟଣାରେ ଖଣ୍ଡଗିରି ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଏଥିରେ ସମ୍ପୃକ୍ତ ଥିବା ୩ଜଣ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗଳାଯୋଡ଼ି ଗ୍ରାମର ବିଟୁଲ ସାହୁ (୨୩), ଶହୀଦନଗର ଥାନା ଅନ୍ତର୍ଗତ ବାୟାବାବା ବସ୍ତିର ରବି ସଠୁଆ (୧୮) ଓ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଅଡ଼ଶପୁରର ମଣ୍ଟୁ ମଲ୍ଲିକ (୧୯)। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି। ଏହି ଘଟଣା ପାଇଁ ଚାଷୀମାନେ ବହୁ କ୍ଷତି ସହିଛନ୍ତି।

ଘଟଣା ଅନୁଯାୟୀ, ଭଦ୍ରକର ଚାଷୀ ଦାମୋଦର ଦାସ ଗୁରୁବାର ମଧ୍ୟାହ୍ନରେ ଅନ୍ୟ କେତେଜଣ ଚାଷୀଙ୍କ ସହ କାମଧେନୁ ଯୋଜନାରେ ମିଳିଥିବା ଋଣ ଜରିଆରେ ଆନ୍ଧ୍ରପ୍ରଦେଶରୁ ଗାଈ ଓ ବାଛୁରୀ କିଣି ପିକଅପ୍ ଡାଲାରେ ଆଣୁଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ୩୦ରୁ ୩୫ ଜଣ ଗୋରକ୍ଷକ କର୍ମୀ ସେମାନଙ୍କୁ ପିଛା କରି ସନ୍ଧ୍ୟାରେ ବରମୁଣ୍ଡା ଓଭର ବ୍ରିଜ ଉପରେ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ତେବେ ହିତାଧିକାରୀଙ୍କ ପାଖରେ ଗାଈ କ୍ରୟ ସମ୍ବନ୍ଧୀୟ ବୈଧ କାଗଜପତ୍ର ଥିବା ସତ୍ତ୍ୱେ ଅଭିଯୁକ୍ତମାନେ ସେମାନଙ୍କ କଥାକୁ ଶୁଣି ନ ଥିଲେ। ଏପରିକି ଭ୍ୟାନ୍‌ରେ କାମଧେନୁ ଯୋଜନା ବ୍ୟାନର ଲାଗିଥିବା ପୋଷ୍ଟରକୁ କାଢିଦେଇଥିଲେ। ଗୋଟାଲାଣ ହେଉଥିବା ଅଭିଯୋଗ ଆଣି ସେମାନେ ଆତଙ୍କରାଜ ଘଟାଇଥିଲେ। ନିର୍ଦ୍ଦିଷ୍ଟ ନାରାବାଜି ଦେବା ସହ ଗାଡି ଉପରେ ଚଢ଼ି ହୋହଲ୍ଲା କରିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରେ ୪ଟି ପିକଅପ୍ ଭ୍ୟାନକୁ ଭଙ୍ଗାରୁଜା କରିବା ସହ ହିତାଧିକାରୀମାନଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ଆକ୍ରମଣରେ ଦାମୋଦରଙ୍କ ସମେତ କେତେକ ଚାଷୀ ଓ ଡ୍ରାଇଭର ଆହତ ହୋଇଥିଲେ। ଏଥିପାଇଁ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଖୋର୍ଦ୍ଧାରୁ କଟକ ୧୬ ନଂ ଜାତୀୟ ରାଜପଥ ଜାମ୍ ହୋଇଥିଲା। ଏନେଇ ଦାମୋଦରଙ୍କ ଏତଲାକ୍ରମେ ଖଣ୍ଡଗିରି ଥାନା ପୋଲିସ ମାମଲା (ନଂ.୬୨୦/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ

## ଅର୍ଥ ଆତ୍ମସାତ୍ ମାମଲା

କେନ୍ଦୁଝର,୨୯।୮(ଦୀପକ ମିଶ୍ର/ ନରେଶ ପଟ୍ଟନାୟକ)

କେନ୍ଦୁଝରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ଅର୍ଥ ଆତ୍ମସାତ ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ମାମଲାର ବିଚାର କରି ପୂର୍ବତନ ଚମ୍ପୁଆ ସହକାରୀ ଯନ୍ତ୍ରୀ ଗୌରହରି ସାହୁଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୯ ସେପ୍ଟେମ୍ବର ୨୦୧୩ରେ ଏକ ଅର୍ଥ ଆତ୍ମସାତ ନେଇ ଅଭିଯୋଗ ଭିଜିଲାନ୍ସରେ ହୋଇଥିଲା। ଅଭିଯୋଗ ଆଧାରରେ ଚମ୍ପୁଆ ବ୍ଲକ୍‌ର ସହକାରୀ ଯନ୍ତ୍ରୀ ଗୌରହରି ସାହୁ, ଚମ୍ପୁଆ ବ୍ଲକ୍ ଷଡ଼ଙ୍ଗୀ ପଞ୍ଚାୟତ ସରପଞ୍ଚ ସଦାନନ୍ଦ ନାଏକ, ଠିକାଦାର ଚତୁର୍ଭୁଜ ମହାନ୍ତ, ଗ୍ରାମ ସଂଯୋଜକ ଶ୍ରୀପଦ ନାଏକ ଓ ସୁନାରାମ ମହାନ୍ତଙ୍କ ନାମରେ ମାମଲା (ନଂ. ୪୪/୨୦୧୩) ରୁଜୁ ହୋଇଥିଲା। ପରେ ଭିଜିଲାନ୍ସ ପକ୍ଷରୁ ଏକ ଟେକ୍ନିକାଲ ଟିମ୍ ୨୦୦୯-୧୦ ମସିହାରେ ଷଡ଼ଙ୍ଗୀ ପଞ୍ଚାୟତର ଜମ୍ବେଇନାଳଠାରୁ ଷଡଙ୍ଗୀ ଗ୍ରାମ ପର୍ଯ୍ୟନ୍ତ ଡିପାର୍ଟମେଣ୍ଟାଲରେ ୫ ଲକ୍ଷ ଟଙ୍କାର ମାଟି ଓ ମୋରମ କାମର ଯାଞ୍ଚ କରିଥିଲା। ୨୦୧୧-୧୨ରେ ସେହି ରାସ୍ତାକୁ ଦେଖାଇ ଆଉ ୫ ଲକ୍ଷ ଟଙ୍କାର କାମ ହୋଇଥିଲା। ପ୍ରଥମ କାମରେ କମ୍ କାମ କରି ଅଧିକ ଟଙ୍କାର ବିଲ୍ ଉଠାଇଥିବାବେଳେ ଦ୍ୱିତୀୟଥର କାମ ନ କରି ବିଲ୍ ଉଠାଯାଇଥିଲା। ୨ଟିଯାକ କାମରେ ମୋଟ ୩ ଲକ୍ଷ ୬୬ ହଜାର ୩୨୦ ଟଙ୍କା ଆତ୍ମସାତ ହୋଇଥିବା ଭିଜିଲାନ୍ସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ସହକାରୀ ଯନ୍ତ୍ରୀ ଏହି ୨ଟି କାମରେ ଚେକ୍ ମେଜରମେଣ୍ଟ କରିଥିଲେ। ୩୧ ଜଣ ସାକ୍ଷୀ ଏବଂ ତଦନ୍ତ ରିପୋର୍ଟ ଆଧାରରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବଦତ୍ତ ବିଶ୍ୱାଳ ସୂଚନା ନେଇଛନ୍ତି। ମାମଲାରେ ୨୨ ଡିସେମ୍ବର ୨୦୨୩ରେ ଚମ୍ପୁଆ ବ୍ଲକ୍ ଷଡ଼ଙ୍ଗୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ସଦାନନ୍ଦ ନାଏକ, ଠିକାଦାର ଚତୁର୍ଭୁଜ ମହାନ୍ତ, ଗ୍ରାମ ସଂଯୋଜକ ଶ୍ରୀପଦ ନାଏକ ଓ ସୁନାରାମ ମହାନ୍ତଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ ହୋଇଥିଲା। ସେହି ସମୟରେ ସହକାରୀ ଯନ୍ତ୍ରୀ ଗୌରହରି ସାହୁ ଫେରାର୍ ଥିବାରୁ ମାମଲାର ବିଚାର ହୋଇପାରି ନ ଥିଲା। ପରେ ତାଙ୍କ ନାମରେ ୱାରେଣ୍ଟ କରାଯାଇଥିଲା।

# ରୋହନ ହତ୍ୟାକାଣ୍ଡର ସିନ୍ ରିକ୍ରିଏଟ୍

## ୪ ଅଭିଯୁକ୍ତ ଗିରଫ, ୨ ନାବାଳକ ଗଲେ ବାଳସୁଧାର ଗୃହ

ରାୟଗଡ଼ା,୨୯।୮(ଆଶିଷ ରଞ୍ଜନ ପଣ୍ଡା)



ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ ହତ୍ୟାର ସିନ୍ ରିକ୍ରିଏଶନ କରୁଛି।

ରାୟଗଡ଼ା ସହରର ଅଗ୍ନିଶମ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ରହିଥିବା ପଡ଼ିଆରେ ବୁଧବାର ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ହତ୍ୟାକାଣ୍ଡର ସିନ୍ ରିକ୍ରିଏଟ୍ କରିଛି ଟାଉନ ଥାନା ପୋଲିସ। ଶୁକ୍ରବାର ଘଟଣାସ୍ଥଳରେ ହତ୍ୟାକାରୀମାନେ ପହଞ୍ଚି କିଭଳି ରୋହନଙ୍କୁ ହତ୍ୟାକରାଯାଇଥିଲା ବର୍ଣ୍ଣନା କରିଥିଲେ। ଏଥିସହ ଘଟଣାସ୍ଥଳ ନିକଟରେ ଫୋପାଡ଼ିଥିବା ମାରଣାସ୍ତ୍ରକୁ ପୋଲିସ ଜବତ କରିଥିଲା। ଏହି ମାମଲାରେ ପୋଲିସ ତଦନ୍ତ କରି ୪ଜଣ ଯୁବକଙ୍କୁ ଗିରଫ ସହ ୨ଜଣ ଅଟକ ରଖିଛି। ପରେ ୨ଜଣ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଯାଇଥିବା ନେଇ ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି। ଗିରଫ ୪ ଅଭିଯୁକ୍ତ ହେଲେ ମହେଶ ନାଏକ, ରିଶାନ୍ତ ଗାଣ୍ଡା, ନୂତନ ନାଏକ ଓ ବାବୁଲା ନାଏକ। ମାରଣାସ୍ତ୍ର ଭାବେ ବ୍ୟବହୃତ ହୋଇଥିବା ଲୁହାରଡ୍ ଓ ପାଇପ୍‌କୁ ପୋଲିସ ଜବତ କରିଛି।

ପ୍ରକାଶ ଥାଉକି, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ଅପରାହ୍ନରେ ଉକ୍ତ ୬ଜଣ ସଂଘବଦ୍ଧ ଭାବେ ରୋହିତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ରୋହିତଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ପୂର୍ବକ ସାହିବାସିନ୍ଦା ଗୁରୁବାର ରାୟଗଡ଼ା ଟାଉନ ଥାନା ଘେରାଉ କରିବା ସହ ତହସିଲ ଅଫିସ ଛକ ନିକଟରେ ୩୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସର ଏହି ସିନ୍ ରିକ୍ରିଏଟ୍ ବେଳେ ଏସ୍‌ଡିପିଓ ସାହୁ ଓ ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୧୭ ଗ୍ରାମ ହେରୋଇନ ଜବତ, ଜଣେ ଗିରଫ

ଭଦ୍ରକ/ତିହିଡି,୨୯।୮ (ସନାତନ ରାଉତ/ସଞ୍ଜିତ ବଳ)

ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ୧୭ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ତିହିଡ଼ି ଥାନା ମିର୍ଜାପୁର ଗ୍ରାମର ଜନାର୍ଦ୍ଦନ ପତି(୪୧)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଜିଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗର ଏକ ଟିମ୍ ତିହିଡ଼ି ହାଇସ୍କୁଲ ପାଖ ମାଛ ମାର୍କେଟ୍ ନିକଟରେ ଚଢ଼ାଉ କରି ଏହି ହେରୋଇନ ଜବତ କରିଥିଲା। ଚଢ଼ାଉରେ ତିହିଡ଼ି ଅବକାରୀ, ଭଦ୍ରକ ଅବକାରୀ ଓ ମୋବାଇଲ ସ୍କ୍ୱାଡ୍ ସମେତ ମଡେଲ ଏକ୍ସାଇଜ ଧାମନଗର ଟିମ୍ ସାମିଲ ହୋଇଥିଲେ। ଭଦ୍ରକ ଅବକାରୀ ଇନ୍ସପେକ୍ଟର ଶ୍ରୀକାନ୍ତ ମୁର୍ମୁ, ତିହିଡ଼ି ଅବକାରୀ ଓଆଇସି ସୁମିତ୍ରା ହେମ୍ବ୍ରମ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଏ ନେଇ ତିହିଡ଼ି ଅବକାରୀ ଥାନାରେ ମାମଲା (ନଂ. ୩୬/୨୫) ରୁଜୁ ହୋଇଛି।

# ଦମ୍ପତିଙ୍କ ନିକଟରୁ ଅଳଙ୍କାର, ୨ଲକ୍ଷ ଲୁଟ୍

## ସିସିଟିଭି ଫୁଟେଜ ଆଧାରରେ ପୋଲିସର ତନାଘନା




ସିସିଟିଭି ଫୁଟେଜରେ ୨ ଲୁଟେରା।

ଖଇରା, ୨୯।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବଇଞ୍ଚଖୁଣ୍ଟା ଗ୍ରାମର ବରେନ୍ଦ୍ର ପରିଡା ଓ ତାଙ୍କ ସ୍ତ୍ରୀ ଖଇରା ବଜାରସ୍ଥିତ ୟୁକୋ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଇ ଘରକୁ ଯାଉଥିବା ବେଳେ ଲୁଟ୍‌ର ଶିକାର ହୋଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ୟୁକୋ ବ୍ୟାଙ୍କ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରସ୍ତୁତି ଚଳାଇଛି। ବରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଶୁକ୍ରବାର ପୂର୍ବାହ୍ନରେ ଟଙ୍କା ଉଠାଇ ବଜାରରୁ ସଉଦା ସାରି ଘରକୁ ଫେରୁଥିବା ବେଳେ କଡମିଆଁ ଛକ ହନୁମାନ ମନ୍ଦିର ନିକଟରେ ୨ଜଣ ଯୁବକ ବାଇକରେ ଆସି ଟଙ୍କା ଥିବା ବ୍ୟାଗକୁ ଛଡାଇ ନେଇଥିଲେ। ସେଥିରେ ସୁନା ଅଳଙ୍କାର ସହ ୨ ଲକ୍ଷ ଟଙ୍କା ଥିବା ଅଭିଯୋଗରେ ଦର୍ଶାଯାଇଛି।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ: ଥାନାରେ ସ୍ୱାମୀ ଅଟକ

ନିଶ୍ଚିନ୍ତକୋଇଲି,୨୯।୮ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ଭଦ୍ରେଶ୍ୱର ଥାନା ହଳଦିଆ ପଞ୍ଚାୟତ ଅନ୍ତହଳଦିଆ ଗ୍ରାମରେ ଶୁକ୍ରବାର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ସୁବାସ କାଣ୍ଡି(୨୩)ଙ୍କ ସ୍ତ୍ରୀ ମଧୁସ୍ମିତା ଦାସ(୨୭)। ଏନେଇ ମଧୁସ୍ମିତାଙ୍କ ବାପା ଓ ଭାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ମଧୁସ୍ମିତାଙ୍କୁ ହତ୍ୟା କରାଯାଇଛି ବୋଲି ଭଦ୍ରେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଜରିଆରେ ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଅପରପକ୍ଷେ ସ୍ୱାମୀ ସୁବାସଙ୍କୁ ପୋଲିସ ଉଠାଇ ନେଇ ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୬ ମାସ ତଳେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଶୀଖର ଗ୍ରାମର ଅନିରୁଦ୍ଧ ଦାସଙ୍କ ଝିଅ ମଧୁସ୍ମିତାଙ୍କୁ ସୁବାସ ପ୍ରେମବିବାହ କରିଥିଲେ।

## Business

# ଏଆଇ ଭିତ୍ତିଭୂମି ଉପରେ ରିଲାଏନ୍ସର ଗୁରୁତ୍ୱ

## ରିଲାଏନ୍ସର ୪୮ତମ ଏଜିଏମ୍

ଭୁବନେଶ୍ୱର,୨୯।୮ (ଅଭୟ ଦାଶ)



ମୁକେଶ ଅମ୍ବାନୀ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଶୁକ୍ରବାର ଏକ ନୂତନ ସହାୟକ କମ୍ପାନୀ 'ରିଲାଏନ୍ସ ଇଣ୍ଟେଲିଜେନ୍ସ'ର ଗଠନ ସମ୍ପର୍କରେ ଘୋଷଣା କରିଛନ୍ତି। ଯେଉଁଥିରେ ବ୍ୟାପକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭିତ୍ତିଭୂମି ରହିବ। ଏଥିସହ ବିଶ୍ୱର ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ମେଟା ଏବଂ ଗୁଗଲ ସହ କମ୍ପାନୀ ନୂତନ ସହଭାଗିତା ସମ୍ପର୍କରେ ମଧ୍ୟ ଅମ୍ବାନୀ ସୂଚନା ଦେଇଛନ୍ତି। ବିଶେଷକରି ସବୁଠାରେ ଏବଂ ସଭିଙ୍କ ପାଇଁ ଏଆଇର ଦୃଷ୍ଟିକୋଣକୁ କମ୍ପାନୀ ଆଗକୁ ବଢାଉଥିବା ବିଷୟରେ ରିଲାଏନ୍ସର ୪୮ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ରେ ମୁକେଶ ଏହା କହିଛନ୍ତି। ରିଲାଏନ୍ସ ଇଣ୍ଟେଲିଜେନ୍ସ ଗିଗାୱାଟ୍-ସ୍କେଲ, ଏଆଇ-ରେଡି ଡାଟା ସେଣ୍ଟର ନିର୍ମାଣ କରିବ। ଏହା ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେବ ବୋଲି ଅମ୍ବାନୀ କମ୍ପାନୀର ଏଜିଏମ୍‌ରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ରିଲାଏନ୍ସ ଏଜିଏମ୍‌ରେ ଅମ୍ବାନୀ ମଧ୍ୟ ମେଟା ଏବଂ ଗୁଗଲ ସହିତ ନୂତନ ସହଭାଗିତା ସ୍ଥାପନ ନେଇ ଘୋଷଣା କରିଛନ୍ତି। ଏହି ସହଭାଗିତା ସମ୍ପର୍କରେ ମେଟାର ପ୍ରତିଷ୍ଠାତା ତଥା ସିଇଓ ମାର୍କ ଜୁକରବର୍ଗ ଏବଂ ଆଲ୍‌ଫାବେଟ୍ ଓ ଗୁଗଲର ସିଇଓ ସୁନ୍ଦର ପିଚାଇ ମଧ୍ୟ ରିଲାଏନ୍ସ ଏଜିଏମ୍‌ରେ ଏ ନେଇ ସମ୍ବୋଧିତ କରିଥିଲେ। ସେହିଭଳି ଏକ ଦଶନ୍ଧି ପୂର୍ବରୁ ଡିଜିଟାଲ ସେବା ରିଲାଏନ୍ସ ପାଇଁ ଏକ ନୂତନ ଅଭିବୃଦ୍ଧି ଇଞ୍ଜିନ ହୋଇଥିଲା। ବର୍ତ୍ତମାନ ଏଆଇ ସହିତ ଆମ ସାମ୍ନାରେ ସମାନ ଧରଣର ସୁଯୋଗ ରହିଛି। ଜିଓ ସବୁଠି ଏବଂ ସବୁ ଭାରତୀୟଙ୍କ ପାଇଁ ଡିଜିଟାଲ ସେବା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲା ଏବଂ ପୂରଣ ମଧ୍ୟ କରିଛି। ରିଲାଏନ୍ସ ଇଣ୍ଟେଲିଜେନ୍ସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସବୁସ୍ଥାନରେ ଏଆଇ ପ୍ରଦାନ କରିବାର ପ୍ରତିଶ୍ରୁତି ନେଇ ଆସିଥିବା ଅମ୍ବାନୀ କହିଛନ୍ତି। ଏଥିସହ ସେ କହିଛନ୍ତି, ରିଲାଏନ୍ସ ଇଣ୍ଟେଲିଜେନ୍ସ ୪ଟି ସ୍ପଷ୍ଟ ଲକ୍ଷ୍ୟ ସହ ପରିକଳ୍ପିତ ହୋଇଛି। ରିଲାଏନ୍ସ ଇଣ୍ଟେଲିଜେନ୍ସ ଗ୍ରାହକ, ଛୋଟ ବ୍ୟବସାୟ ଏବଂ ଉଦ୍ୟୋଗଗୁଡିକ ପାଇଁ ବିଶ୍ୱସ୍ତ, ବ୍ୟବହାର କରିବାକୁ ସହଜ ଏଆଇ ସେବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ କୃଷି ଭଳି ଜାତୀୟ ଗୁରୁତ୍ୱ ବହନ କରୁଥିବା କ୍ଷେତ୍ର ପାଇଁ ସହଜଲବ୍ଧ ସମାଧାନ ପ୍ରଦାନ କରିବ ଏବଂ ଏହାର ସମସ୍ତ ସେବାଗୁଡ଼ିକ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ବିଭିନ୍ନ ସ୍ତରରେ ନିର୍ଭରଯୋଗ୍ୟ ଏବଂ ସୁଲଭ ହେବ। ରିଲାଏନ୍ସ ଓ ମେଟା ସହଭାଗିତାରେ ହେବାକୁ ଥିବା ଭାରତ-କେନ୍ଦ୍ରିତ ଏଆଇ ମିଳିତ ଉଦ୍ୟମ ଭାରତରେ ଉଦ୍ୟୋଗ ଏବଂ ଚୟନିତ ଅନ୍ତର୍ଜାତୀୟ ବଜାର ପାଇଁ ଏଆଇ ସମାଧାନ ନିର୍ମାଣ ଏବଂ ସମ୍ପ୍ରସାରଣ କରିବ। ଏହି ମିଳିତ ସହଭାଗିତା ରାଜିନାମା ଅନୁଯାୟୀ ରିଲାଏନ୍ସ ଏବଂ ମେଟା ମିଳିତ ଭାବେ ୮୫୫ କୋଟି ଟଙ୍କା (ପ୍ରାୟ ୧୦୦ ନିୟୁତ ଡଲାର) ର ପ୍ରାରମ୍ଭିକ ନିବେଶ କରିବେ। ଏହା ୭୦% ଏବଂ ୩୦% ଅନୁପାତରେ ରହିବ।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୯।୮

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୭୧ (୨୭୦.୯୨) ପଏଣ୍ଟ ହ୍ରାସ ଘଟି ୭୯,୮୧୦ (୭୯,୮୦୯.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭୪ (୭୪.୦୫) ପଏଣ୍ଟ କମି ୨୪,୪୨୭ (୨୪,୪୨୬.୮୫)ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଏଚ୍‌ଡିଏଫ୍‌ସି ଲାଇଫ ସହ ଏଏଫ୍‌ଏସ୍‌ର ବୁଝାମଣା




ଭୁବନେଶ୍ୱର,୨୯।୮

ଦେଶର ପ୍ରମୁଖ ଜୀବନ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଲାଇଫ ଏବଂ ଆଭାନ୍ସ ଫାଇନାନ୍ସିଆଲ ସର୍ଭିସେସ (ଏଏଫ୍‌ଏସ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଆଭାନ୍ସ ଏଚ୍‌ଡିଏଫ୍‌ସି ଲାଇଫଠାରୁ ରିଟେଲ ଓ ଗ୍ରୁପ କ୍ରେଡିଟ ଲାଇଫ ଇନ୍‌ସ୍ୟୁରାନ୍ସ ସଲ୍ୟୁଶନ ମାଧ୍ୟମରେ ଶିକ୍ଷାନୁଷ୍ଠାନ ଋଣ ଗ୍ରାହକଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ରଣନୈତିକ ସହଭାଗିତା କରିଛି। ଆଭାନ୍ସ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ଋଣକୁ ବାଧାମୁକ୍ତ ଓ ସୁଲଭ କରିବା ପାଇଁ ଲକ୍ଷ୍ୟ ରଖିଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଏହା ୨୦୦୦ରୁ ଅଧିକ ଶିକ୍ଷାନୁଷ୍ଠାନକୁ ଋଣ ପ୍ରଦାନ କରିଛି। ଏହାର ଶିକ୍ଷାନୁଷ୍ଠାନ ଋଣ ସମାଧାନଗୁଡ଼ିକୁ ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକର ବିକାଶ ଓ ପୁଞ୍ଜି ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏ ସମ୍ପର୍କରେ ଏଏଫ୍‌ଏସ୍‌ର ଏମ୍‌ଡି ତଥା ସିଇଓ ଅମିତ ଗଇନ୍ଦା କହିଛନ୍ତି, ଆମେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ଋଣକୁ ପହଞ୍ଚଯୋଗ୍ୟ ଓ ସୁଲଭ କରିବା ଏବଂ ଭାରତୀୟ ଶିକ୍ଷା ବିତରଣ ପ୍ରଣାଳୀର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାକୁ ପ୍ରୟାସ କରୁଛୁ। ଏଚ୍‌ଡିଏଫ୍‌ସି ଲାଇଫ ସହ ବୁଝାମଣା (ସହଭାଗିତା) ଆମର ଗ୍ରାହକ ପ୍ରଥମ ଆଭିମୁଖ୍ୟ ସହ ସମନ୍ୱିତ ରହିଛି ଏବଂ ଏହା ଆମର ଶିକ୍ଷାନୁଷ୍ଠାନ ଋଣ ଗ୍ରାହକଙ୍କ ପାଇଁ ଆର୍ଥିକ ସୁରକ୍ଷା ଢାଞ୍ଚାକୁ ମଜଭୁତ କରିବ। ଏଚ୍‌ଡିଏଫ୍‌ସି ଲାଇଫର ଏମ୍‌ଡି ତଥା ସିଇଓ ବିଭା ପାଡଲକର କହିଛନ୍ତି, ଆମେ ଆଭାନ୍ସ ଫାଇନାନ୍ସିଆଲ ସର୍ଭିସେସ ସହ ଆମର ସହଭାଗିତା ସମ୍ପର୍କରେ ଘୋଷଣା କରି ଆନନ୍ଦିତ ଅଛୁ। ଏହା ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ସୁରକ୍ଷା ଢାଲ ପ୍ରଦାନ କରି ସମସ୍ତଙ୍କ ପାଇଁ ଆର୍ଥିକ ସୁରକ୍ଷା ପ୍ରତି ଆମର ଲକ୍ଷ୍ୟକୁ ଆହୁରି ପ୍ରୋତ୍ସାହିତ କରିବ। ଋଣ କ୍ଷେତ୍ରରେ ସେମାନଙ୍କର ବିଶେଷଜ୍ଞତା ଓ ଭାରତବ୍ୟାପୀ ମଜଭୁତ ଉପସ୍ଥିତି ଆମର ପହଞ୍ଚକୁ ଆହୁରି ସୁଦୃଢ଼ କରିବ।

## ଅସ୍ଥିରତା ମଧ୍ୟରେ ପୁଞ୍ଜି ବଜାରର ସ୍ଥିରତା ଜାରି

ଭୁବନେଶ୍ୱର,୨୯।୮

କ୍ରମାଗତ ଭାବେ ଭାରତୀୟ ପୁଞ୍ଜି ବଜାର ଉଭୟ ନିବେଶକ ଓ ପଞ୍ଜୀକୃତ ସଦସ୍ୟଙ୍କ ବିଶ୍ୱାସଭାଜନ ସହ ଉଲ୍ଲେଖନୀୟ ପ୍ରଦର୍ଶନ ଓ ସ୍ଥିରତା ଜାରି ରଖିଛି। ଏ ନେଇ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ଏମ୍‌ଡି ତଥା ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି, ବିଶ୍ୱରେ ଜାରି ରହିଥିବା ଅସ୍ଥିରତା ମଧ୍ୟରେ ଭାରତର ପୁଞ୍ଜି ବଜାର ପୁଣିଥରେ ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶିତ କରିଛି। ବିକଶିତ ଭାରତ ୨୦୪୭ ପାଇଁ ନିଜର ଦୃଷ୍ଟିକୋଣ ବ୍ୟକ୍ତ କରିବା ସମୟରେ ଚୌହାନ କହିଛନ୍ତି, ଭାରତର ଅଭିବୃଦ୍ଧି କାହାଣୀ ମଜଭୁତ ମୌଳିକତା, ଢାଞ୍ଚାଗତ ସୁଧାର, ଡିଜିଟାଲୀକରଣ ଓ ଘରୋଇ ଚାହିଦାରେ ବୃଦ୍ଧି ଦ୍ୱାରା ପରିଚାଳିତ ହେଉଛି। ସେହିଭଳି ଭାରତ ଏକ ଗ୍ଲୋବାଲ ଫାଇନାନ୍ସିଆଲ ପାୱାରହାଉସ ଭାବେ ଆଗକୁ ବଢ଼ିବା ଜାରି ରଖିଛି। ଗମ୍ଭୀର ଭୂ-ରାଜନୈତିକ ଅନିଶ୍ଚିତତା, ବିଶ୍ୱବ୍ୟାପୀ ଜଟିଳ ମୁଦ୍ରାନୀତି ଚକ୍ର ଓ ଅସ୍ଥିର ସାମଗ୍ରୀ ମୂଲ୍ୟ ସତ୍ତ୍ୱେ ଭାରତୀୟ ଷ୍ଟକ ବଜାରଗୁଡ଼ିକରେ ସ୍ଥିରତା ବଜାୟ ରହିଛି। ଏହି ସ୍ଥିରତା ସ୍ଥାୟୀ ଉଚ୍ଚ ଆର୍ଥିକ ଅଭିବୃଦ୍ଧି ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ୍ ସଞ୍ଚୟ କ୍ଷେତ୍ର ଏବଂ ଦୃଢ଼ ଓ ଉତ୍ତମ ବ୍ୟାଙ୍କିଙ୍ଗ ବାଲାନ୍ସ ଶିଟ୍‌ରୁ ଆସିଛି।

ସେହିପରି ଚୌହାନ ଉଲ୍ଲେଖ କରିଛନ୍ତି, ଗତ ୩ ଦଶନ୍ଧି ମଧ୍ୟରେ ଭାରତ ଅନେକ ଗମ୍ଭୀର ଅନ୍ତର୍ଜାତୀୟ ଝଟ୍‌କାର ସମ୍ମୁଖୀନ ହୋଇଛି ଓ ସଫଳ ଭାବେ ଅତିକ୍ରମ ମଧ୍ୟ କରିଛି। ବିଶେଷ କରି ୧୯୯୦ରେ ଏସିଆର ଆର୍ଥିକ ସଙ୍କଟ, ୯/୧୧ ପରବର୍ତ୍ତୀ ସ୍ଥିତି, ୨୦୦୮ର ଅନ୍ତର୍ଜାତୀୟ ଆର୍ଥିକ ସଙ୍କଟ ଏବଂ କୋଭିଡ୍-୧୯ ମହାମାରୀର ଅପ୍ରତ୍ୟାଶିତ ବ୍ୟାଘାତ ଆଦି ସାମିଲ ରହିଛି। ପ୍ରତ୍ୟେକ ଥର ଭାରତ କେବଳ ଏହି ସଙ୍କଟର ମୁକାବିଲା କରିନାହିଁ ବରଂ ଗଭୀର ବଜାର ସଂଶୋଧନ, ମଜଭୁତ ଅନୁଷ୍ଠାନ ଓ ଉନ୍ନତ ନିବେଶକ ବିଶ୍ୱାସ ସହ ଆହୁରି ଦୃଢ଼ତାର ସହ ପ୍ରତ୍ୟାବର୍ତ୍ତନ କରିଛି। ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଓ ବୈଷୟିକ ଉଦ୍ଭାବନ ଶିଳ୍ପଗୁଡ଼ିକୁ ନୂଆ ଆକାର ଦେଉଥିବାରୁ, ଭାରତୀୟ ବଜାରଗୁଡ଼ିକୁ ଅନ୍ତର୍ଜାତୀୟ ଅସ୍ଥିରତାର ମୁକାବିଲା କରିବା ପାଇଁ ଭଲ ସ୍ଥିତିରେ ଅଛନ୍ତି।

# ନରାକାସ୍‌ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ




ଭୁବନେଶ୍ୱର,୨୯।୮

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବା ନରାକାସ୍ (ବ୍ୟାଙ୍କ ଓ ବୀମା) ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ ନିକଟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ/ଏସ୍‌ବିଆଇ)ର ଭୁବନେଶ୍ୱର ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଭାରତୀୟ ରିଜର୍ଭ ବ୍ୟାଙ୍କ (ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ/ଆର୍‌ବିଆଇ)ର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ପୌରୋହିତ୍ୟରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏହିଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ (କାର୍ଯ୍ୟକାରୀ) ଡ. ବିଚିତ୍ରସେନ ଗୁପ୍ତାଙ୍କ ସମେତ ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର, ନାବାର୍ଡର ମହାପ୍ରବନ୍ଧକ ଆୟୁଷ ଶେଓପୁରୀ ଏବଂ ଏସ୍‌ବିଆଇର ସିଡିଓ ସାମଦେନ ଦୋର୍ଜି ଲାମା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ନରାକାସ୍ (ବ୍ୟାଙ୍କ)ର ଉପସଭାପତି ସାମଦେନ୍ ଦୋର୍ଜି ଲାମା ସ୍ୱାଗତ ଅଭିଭାଷଣରେ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ପାଇଁ ପ୍ରଶଂସା ସହ ସମସ୍ତ ସଦସ୍ୟ କାର୍ଯ୍ୟାଳୟକୁ ଶ୍ରେୟ ପ୍ରଦାନ ସହ ନରାକାସ୍ ରାଜଭାଷା ସମ୍ମାନ ପାଇଁ ନାରକାସ୍ ସଦସ୍ୟମାନଙ୍କର ପ୍ରଶଂସା କରିଥିଲେ। ଏପରିକି ଗତ ୬ବର୍ଷ ମଧ୍ୟରେ ନରାକାସ୍ ସଦସ୍ୟ ବ୍ୟାଙ୍କଗୁଡ଼ିକରେ ସରକାରୀ ଭାଷାର ପ୍ରଚାରପ୍ରସାର ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଡ. ବିଚିତ୍ରସେନ ଗୁପ୍ତା ତାଙ୍କ ସମୀକ୍ଷା ଅବସରରେ ଭୁବନେଶ୍ୱରସ୍ଥିତ ନରାକାସ୍ (ବ୍ୟାଙ୍କ) ର ପ୍ରଦର୍ଶନକୁ ପ୍ରଶଂସାକରିବା ସହ ଏହି କମିଟି ଦେଶର ଅନ୍ୟତମ ଶ୍ରେଷ୍ଠ କମିଟି ବୋଲି କହିଥିଲେ।

## ସେପ୍ଟେମ୍ବର ୩୦ରେ ସରିବ ଦିଗଜ୍ୟୋତି ଶିକ୍ଷାବୃତ୍ତି ଆବେଦନ

ଭୁବନେଶ୍ୱର,୨୯।୮

ଦିଗଜ୍ୟୋତି ଚାରିଟେବଲ୍ ଏଜୁକେଶନାଲ ଟ୍ରଷ୍ଟର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଦିଗଜ୍ୟୋତି ବାର୍ଷିକ ଶିକ୍ଷାବୃତ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଯୋଗ୍ୟ ବିବେଚିତ ମେଧାବୀ, ଅନାଥ, ଗରିବ ଓ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଏହି ବାର୍ଷିକ ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ଅପରପକ୍ଷରେ ଟ୍ରଷ୍ଟର ୱେବ୍‌ସାଇଟ (www.digjyoti.org)ରେ ଉପଲବ୍ଧ ଘୋଷଣାନାମାରେ ସୂଚିତ ଏବଂ ଯୋଗ୍ୟତା ଭିତ୍ତିରେ ଭିନ୍ନ ଭିନ୍ନ ବୃତ୍ତି ପାଇଁ ଏକ ଉଦ୍ଦିଷ୍ଟ ଫର୍ମରେ ଆଶାୟୀ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ୨୦୨୫ ସେପ୍ଟେମ୍ବର ୩୦ ପୂର୍ବରୁ ଟ୍ରଷ୍ଟ ଠିକଣାରେ ଆଶାୟୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ଶିକ୍ଷାବର୍ଷ ନିମନ୍ତେ ଯୁକ୍ତ ୨, ଯୁକ୍ତ ୩ ଅଥବା ସ୍ନାତକୋତ୍ତର ନିର୍ଦ୍ଦିଷ୍ଟ ବିଭାଗର ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ଦିଗଜ୍ୟୋତି ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ଟ୍ରଷ୍ଟର ୱେବ୍‌ସାଇଟ (www.digjyoti.org)ରେ ଆଶାୟୀମାନେ ଆବେଦନ ଏବଂ ପଞ୍ଜୀକରଣ କରିପାରିବେ।

# ଭାରତକୁ କ୍ରୀଡ଼ା ଉତ୍କର୍ଷର ବତିଘର କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମତିଥି ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର ରାଜ୍ୟର ସର୍ବଶ୍ରେଷ୍ଠ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ ସାହସିକତା ପୁରସ୍କାର ପ୍ରଦାନ ଉତ୍ସବ ସୂଚନା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। "ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କର କୀର୍ତ୍ତି ଓ କୃତି ଦ୍ୱାରା ଅନୁପ୍ରାଣିତ ହୋଇ ଶୃଙ୍ଖଳା, ଦଳଗତ ଉଦ୍ୟମ, ସାହସ ଓ ନମ୍ରତାର ମୂଲ୍ୟବୋଧକୁ ପାଥେୟ କରି ଓଡ଼ିଶା ଏବଂ ଭାରତକୁ ବିଶ୍ୱ ପାଇଁ କ୍ରୀଡ଼ା ଉତ୍କର୍ଷତାର ଉଜ୍ଜ୍ୱଳ ବତିଘର କରିବା ନିମନ୍ତେ ପ୍ରୟାସ କରିବାକୁ ମୁଖ୍ୟ ଅତିଥି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଆହୁରି କହିଛନ୍ତି, ଯେଉଁ ପିଲାମାନେ କ୍ରୀଡ଼ା କ୍ଷେତ୍ରକୁ ଆସୁଛନ୍ତି ସେମାନଙ୍କଠାରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ ସମ୍ଭାବନାକୁ ପୋଷଣ କରି ସେମାନଙ୍କୁ ଉତ୍କର୍ଷତା ପ୍ରତିପାଦନ ଦିଗରେ ଉତ୍ସାହିତ କରିବା ଆମର କର୍ତ୍ତବ୍ୟ। ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନରେ ସମ୍ମାନିତ କୃତୀ କ୍ରୀଡ଼ାବିତମାନଙ୍କ ସଫଳତା କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ ବରଂ ଆମ ରାଜ୍ୟ ଓ ଦେଶ ପାଇଁ ଏକ ସାମୂହିକ ଗର୍ବ। ସେମାନେ ଓଡ଼ିଶାର କ୍ରୀଡ଼ା ମନୋଭାବର ମଶାଲ ବାହକ ଏବଂ ଆଗାମୀ ପିଢ଼ି ପାଇଁ ଆଦର୍ଶ। ଏହି ଅବସରରେ ରାଜ୍ୟପାଳ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଧାୟକ ବାବୁ ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ବହୁବିଧ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଭାଷଣ ଦେଇଥିବାବେଳେ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ କୁମାର ଶତପଥୀଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରିଛନ୍ତି। ପୁରସ୍କାର ଆକାରରେ ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଅସୁସ୍ଥତା ଯୋଗୁ ସେ ଅନୁପସ୍ଥିତ ରହିବାରୁ ତାଙ୍କ ପୁଅ ସୋମନାଥ ଶତପଥୀ ପୁରସ୍କାର ଗ୍ରହଣ କରିଛନ୍ତି। ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡଧାରୀ ସ୍ପ୍ରିଣ୍ଟର ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଛନ୍ତି। ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୩ ଲକ୍ଷ ଟଙ୍କା ଦିଆଯାଇଛି। ସେହିପରି ଅନ୍ତର୍ଜାତୀୟ ହ୍ୱିଲ ଚେୟାର ଫେନ୍‌ସିଂ ତାରକା ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍, ସୁଷମା ନନ୍ଦ (ଭଲିବଲ) ଶ୍ରେଷ୍ଠ କୋଚ୍, କ୍ରୀଡ଼ା ଖବରଦାତା ବିମଳ କୁମାର ରାଉଳ, ଉଦୀୟମାନ ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି। ଡାକ୍ତର ସୁଦୀପ ଶତପଥୀଙ୍କୁ ବୈଷୟିକ କ୍ରୀଡ଼ା ଅଧିକାରୀ ପୁରସ୍କାର ଦିଆଯାଇଥିବାବେଳେ ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏ ସମସ୍ତଙ୍କୁ ଟ୍ରଫି ଓ ମାନପତ୍ର ସହ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ଜୀବନ କୁମାର ବେହେରା ଓ ଚିତ୍ତରଞ୍ଜନ ପ୍ରଧାନଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି। ଉଭୟଙ୍କୁ ପଦକ ସହ ୨ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି।



ରାଜ୍ୟପାଳ ହରିବାବୁ କମ୍ଭମପାଟି, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିଙ୍କ ସହ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ବ୍ୟକ୍ତିବୃନ୍ଦ। (ଫଟୋ: ବିକାଶ ନାୟକ)

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ

## ପୁରସ୍କାର ତାଲିକା

- ଲାଇଫ୍ ଟାଇମ୍ ଆଚିଭମେଣ୍ଟ: ବିଜୟ କୁମାର ଶତପଥୀ
- ଶ୍ରେଷ୍ଠ କ୍ରୀଡ଼ାବିତ୍: ଅନିମେଶ କୁଜୁର
- ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍: ରାଖାଲ କୁମାର ସେଠୀ
- ଶ୍ରେଷ୍ଠ କୋଚ୍: ସୁଷମା ନନ୍ଦ (ଭଲିବଲ)
- ଶ୍ରେଷ୍ଠ କ୍ରୀଡ଼ା ଖବରଦାତା: ବିମଳ କୁମାର ରାଉଳ
- ଶ୍ରେଷ୍ଠ ଉଦୀୟମାନ ଖେଳାଳି: ସାତ୍ତ୍ୱିକ ସ୍ୱାଇଁ
- ବୈଷୟିକ କ୍ରୀଡ଼ା ଅଧିକାରୀ: ଡାକ୍ତର ସୁଦୀପ ଶତପଥୀ
- ସ୍ପୋର୍ଟ୍ସ ପ୍ରମୋଶନ: ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର
- ସାହସିକତା ପୁରସ୍କାର: ଜୀବନ କୁମାର ବେହେରା ଓ ଚିତ୍ତରଞ୍ଜନ ପ୍ରଧାନ

# ହୃଦାନନ୍ଦଙ୍କୁ ରୌପ୍ୟ ପଦକ

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଶୁକ୍ରବାର ଅନୁଷ୍ଠିତ ୮୮ କେଜି ଜୁନିୟର ବାଳକ ବର୍ଗରେ ହୃଦାନନ୍ଦ ଦାସ ମୋଟ ୩୧୭ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୩୯ ଏବଂ କ୍ଲିନ ଆଣ୍ଡ ଜର୍କରେ ୧୭୮ କେଜି ଭାର ଉଠାଇଥିଲେ। ହୃଦାନନ୍ଦ ଢେଙ୍କାନାଳରେ ଥିବା ଟେନ୍‌ଭିକ୍ ସ୍ପୋର୍ଟ୍ସ ପରିଚାଳିତ ଓଡ଼ିଶା ଏଚ୍‌ପିସି ସବ୍-ସେଣ୍ଟରରେ କୋଚ୍ ଗୋପାଳ କୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ। ଏହି ପ୍ରଦର୍ଶନ ପାଇଁ ହୃଦାନନ୍ଦଙ୍କୁ ପଟିଆଲାସ୍ଥିତ ଜାତୀୟ କ୍ୟାମ୍ପରେ ଅଭ୍ୟାସ ପାଇଁ ମନୋନୀତ କରାଯାଇଛି।


ହୃଦାନନ୍ଦ ଦାସ

# ନିରପେକ୍ଷ ଭେନ୍ୟୁରେ ଭାରତ-ପାକିସ୍ତାନ ମ୍ୟାଚ୍

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

**ନୂଆଦିଲ୍ଲୀ, ୨୯।୮ (ପି.ଟି.)**

ଆଗାମୀ ପୁରୁଷ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ୭ମ ସଂସ୍କରଣରେ ପାକିସ୍ତାନ ହକି ଦଳ ଅଂଶଗ୍ରହଣ କରିବ। ଏହି ଟୁର୍ନାମେଣ୍ଟ ହୋମ୍ ଓ ଆୱେ ଫର୍ମାଟରେ ଖେଳାଯାଇଥାଏ। ଟୁର୍ନାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚ ନିରପେକ୍ଷ ଭେନ୍ୟୁରେ ଖେଳାଯିବା ସମ୍ଭାବନା ରହିଛି। ଆଗାମୀ ସିଜନରେ ଭାରତ ଓ ପାକିସ୍ତାନ ବ୍ୟତୀତ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲଜିୟମ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡ୍ସ ଓ ସ୍ପେନ ଦଳ ଏଥିରେ ଭାଗନେବେ। ପାକିସ୍ତାନ ଚଳିତବର୍ଷ ପ୍ରାରମ୍ଭରେ ମାଲେସିଆରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ହକି ନେଶନ୍ସ କପ୍ ଜରିଆରେ ପ୍ରୋ-ଲିଗ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହି ଇଭେଣ୍ଟରେ ପାକିସ୍ତାନକୁ ହରାଇ ନ୍ୟୁଜିଲାଣ୍ଡ ଚାମ୍ପିୟନ ହୋଇଥିଲା। ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି (ଏଫ୍‌ଆଇଏଚ୍) ପାକିସ୍ତାନକୁ ରନରଅପ୍ ଦଳ ଭାବେ ପ୍ରୋ-ଲିଗ୍‌ରେ ଖେଳିବା ଲାଗି ଆମନ୍ତ୍ରଣ କରିଥିଲା। ଏପ୍ରିଲରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ପରେ ସୀମା ଉତ୍ତେଜନାକୁ ନେଇ ଭାରତ ସରକାର ପଡ଼ୋଶୀ ପାକିସ୍ତାନ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଖେଳକୁ ବାରଣ କରାଯାଇଛି। ଭାରତକୁ ଆସିବା ଲାଗି ପାକିସ୍ତାନ ଦଳକୁ ଅନୁମତି ମିଳିବ ନାହିଁ କିମ୍ବା ଭାରତୀୟ ଦଳ ସେ ଦେଶକୁ ଯିବ ନାହିଁ। ତେବେ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ପାକିସ୍ତାନ ବିପକ୍ଷରେ ନିରପେକ୍ଷ ଭେନ୍ୟୁରେ ଖେଳିପାରିବ। ଶୁକ୍ରବାରଠାରୁ ବିହାରର ରାଜଗିରିଠାରେ ଏସିଆ କପ୍ ହକି ଟୁର୍ନାମେଣ୍ଟ ଆରମ୍ଭ ହୋଇଛି, ଯାହା କି ବିଶ୍ୱକପ୍‌ର ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି। ଏହି ମହାଦେଶୀୟ ଟୁର୍ନାମେଣ୍ଟରେ ଖେଳିବାକୁ ଭାରତ ସରକାର ଭିଜା ପ୍ରଦାନ କରିବା ଲାଗି ସ୍ଥିର କରିଥିଲେ ହେଁ ପାକିସ୍ତାନ ଦଳ ଭାରତ ନ ଆସିବା ଲାଗି ନିଷ୍ପତ୍ତି ନେଇଥିଲା। ପ୍ରୋ-ଲିଗ୍‌ର ଗତ ସିଜନରେ ଭାରତ ଏହାର ହୋମ୍ ମ୍ୟାଚ୍‌ଗୁଡ଼ିକ ଭୁବନେଶ୍ୱରରେ ଖେଳିଥିଲା ଏବଂ ଆୱେ ଗେମ୍‌ଗୁଡ଼ିକ ଖେଳିବା ଲାଗି ୟୁରୋପ ଗସ୍ତ କରିଥିଲା। ଏଫ୍‌ଆଇଏଚ୍ କାର୍ଯ୍ୟସୂଚୀ ଘୋଷଣା କରିବା ବେଳେ ଏଥିରେ ପାକିସ୍ତାନ ପାଇଁ କ'ଣ ଯୋଜନା ରଖିଛି ତାହାକୁ ଅପେକ୍ଷା କରାଯାଇଛି। ଗତ ସିଜନରେ ପ୍ରୋ-ଲିଗ୍ ଦୁଇଟି ପର୍ଯ୍ୟାୟରେ ଖେଳାଯାଇଥିଲା। ଗୋଟିଏ ଭାରତ ଓ ଅନ୍ୟଟି ୟୁରୋପ ପର୍ଯ୍ୟାୟ। ୟୁରୋପର ସମସ୍ତ ଅଂଶଗ୍ରହଣକାରୀ ଦଳ ଭାରତ ଆସି ନ ଥିଲେ। କେତୋଟି ଦଳ ୟୁରୋପରେ ଖେଳିଥିଲେ। ସେଥିପାଇଁ ଆମେ ସେଠାକୁ ଯିବାକୁ ପଡ଼ିଥିଲା। ଚଳିତବର୍ଷ ମଧ୍ୟ ତାହା ହେବ। ତେବେ ଏପର୍ଯ୍ୟନ୍ତ ଭେନ୍ୟୁ ସ୍ଥିର ହୋଇ ନ ଥିବା ହକି ଇଣ୍ଡିଆ ସୂତ୍ରରୁ ପ୍ରକାଶ।

# ପୂର୍ବାଞ୍ଚଳ ୨୩୦ ଅଲ୍‌ଆଉଟ

**ବେଙ୍ଗାଲୁରୁ, ୨୯।୮:** ଏଠାରେ ଚାଲିଥିବା ଉତ୍ତରାଞ୍ଚଳ ବିପକ୍ଷ ଦୁଲିପ୍ ଟ୍ରଫି କ୍ରିକେଟ ମ୍ୟାଚରେ ପୂର୍ବାଞ୍ଚଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୨୩୦ରେ ଅଲ୍‌ଆଉଟ ହୋଇଛି। ଉତ୍ତରାଞ୍ଚଳ ଏହାର ପ୍ରଥମ ଇନିଂସରେ ୪୦୫ ରନ କରିଥିବାରୁ ୧୭୫ ରନରେ ଅଗ୍ରଣୀଲାଭ କରିଛି। ଦଳ ପକ୍ଷରୁ ବିରାଟ ସିଂ ସର୍ବାଧିକ ୬୯, ଅଧିନାୟକ ରିୟାନ ପରାଗ ୩୯ରନ କରିବାକୁ ସକ୍ଷମ ହୋଇଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଆକ୍ୱିବ ନବି ମାତ୍ର ୨୮ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ।


ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବରେ ଉପସ୍ଥିତ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଚେସ୍ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶ୍ରୁ ସତପ୍ରଜ୍ଞ ଓ ଅଲିମ୍ପିଆନ ଭାରୋତ୍ତୋଳକ କେ. ରବିକୁମାର।

## ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍

# ରାଜକନୱାର, ଅଙ୍କୁରଙ୍କୁ ସ୍ୱର୍ଣ୍ଣ ପଦକ

**ଶିମ୍‌କେଣ୍ଟ, ୨୯।୮ (ପି.ଟି.):** ଯୁବ ପିସ୍ତଲ ମାର୍କସମ୍ୟାନ ରାଜକନୱାର ସିଂ ସାନ୍ଧୁ ଏଠାରେ ଚାଲିଥିବା ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍ ୨୫ ମିଟର ସେଣ୍ଟର ଫାୟାର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ପୂର୍ବତନ ବିଶ୍ୱ ଚାମ୍ପିୟନ ଅଙ୍କୁର ମିତ୍ତଲ ଡବଲ ଟ୍ରାପ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ମହିଳା ଡବଲ ଟ୍ରାପ୍‌ରେ ଭାରତ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ଅନୁଷ୍କା ଭଟି (୯୩), ପ୍ରାନିଲ ଇଙ୍ଗଲ (୮୯) ଓ ହାଫିଜ୍ କଣ୍ଟ୍ରାକ୍ଟର (୮୭) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଏହି ତ୍ରୟ ୨୬୯ ସ୍କୋର ସହ ଟିମ୍ ଇଭେଣ୍ଟ ସ୍ୱର୍ଣ୍ଣ ହାସଲ କରିଛନ୍ତି। ଗତ ଅଗଷ୍ଟ ୧୩ରେ ୨୩ ବର୍ଷ ବୟସରେ ପଦାର୍ପଣ କରିଥିବା ସାନ୍ଧୁ ଦେଶର ଭେଟେରାନ ସାଥୀ ଶୁଟର ଗୁରପ୍ରୀତ୍ ସିଂ, ଜଣେ କୋରିଆର ଏବଂ ଜଣେ ଇରାନୀ ଶୁଟରଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ। ସେ ୫୮୩ (ପ୍ରିସିସନ ୨୮୯, ରାପିଡ୍ ୨୯୪) ସ୍କୋର ସହ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ସିନିୟର ବିଭାଗରେ ଏହା ହେଉଛି ତାଙ୍କର ପ୍ରଥମ ପଦକ।

# ଓଡ଼ିଶାରୁ ଭାଗନେବେ ୩୭ ପ୍ରତିଯୋଗୀ

## ଜାତୀୟ ଜୁନିୟର, ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ୨୪ଶ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ୩୭ ପ୍ରତିଯୋଗୀ ଗ୍ୱାଲିୟର ଯାତ୍ରା କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ନିକଟରେ ଅନୁଷ୍ଠିତ ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ଦଳର କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦଳ ସହ କୋଚ୍ ଦେବମୃତ ସାହୁ, ହାଇପରଫର୍ମାନ୍ସ କୋଚ୍ ଅଜୟ ବର୍ଦ୍ଧନ ଗୁଟୁଲା, ମ୍ୟାନେଜର ଉଦିତ ହରପାଲ, ସପୋର୍ଟ ଷ୍ଟାଫ୍ ସୌମ୍ୟଶ୍ରୀ ମିଶ୍ର, ଲିପ୍ସା, ମିଶ୍ର ଓ ପୂଜା ବେହେରା ପ୍ରମୁଖ ଯାତ୍ରା କରିଛନ୍ତି। ପ୍ରଥମ ଥରପାଇଁ ଓଡ଼ିଶା ଏକ ବୃହତ୍ ଦଳ ପଠାଇଥିବାବେଳେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି କମଳା କାନ୍ତ ରଥ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜାତୀୟ କ୍ରୀଡ଼ା ଦିବସ: ୪୧ ପୋଲିସ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ


ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ସହ ସମ୍ବର୍ଦ୍ଧିତ ଓଡ଼ିଶା ପୋଲିସର ୪୧ ଶ୍ରେଷ୍ଠ କ୍ରୀଡ଼ାବିତ।

**କଟକ, ୨୯।୮ (କାର୍ତ୍ତିକ ସାହୁ)**

ହକିକିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୂର ଖୁରାନିଆ ଓଡ଼ିଶା ପୋଲିସର ୪୧ଜଣ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କଟକ ପୋଲିସ ମୁଖ୍ୟାଳୟ ପରିସରସ୍ଥିତ ଆଇପିଏସ୍ ମେସ୍‌ର ଆର.କେ. ପାଢ଼ୀ ମେମୋରିଆଲ ହଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଜିପି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ପୋଲିସର କୃତୀ କ୍ରୀଡ଼ାବିତ୍‌ଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ସେ ଭୂୟସୀ ପ୍ରଶଂସା କରିଥିଲେ।

ଆମେରିକାର ବର୍ମିଂହାମଠାରେ ନିକଟରେ ସମ୍ପନ୍ନ ହୋଇଥିବା ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓ ପୋଲିସର ୭ଜଣ କ୍ରୀଡ଼ାବିତ୍‌ଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ। ସେମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶା ପୋଲିସକୁ ଗୌରବମଣ୍ଡିତ କରିଛନ୍ତି। ଡିଜିପି ୪୧ଜଣ କ୍ରୀଡ଼ାବିତଙ୍କୁ ଉତ୍ତରୀୟ, ଆର୍ଥିକ ପୁରସ୍କାର ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ନକ୍ସଲ ବିରୋଧୀ ଅପରେସନ) ସଞ୍ଜୀବ ପଣ୍ଡା, ନିର୍ଦ୍ଦେଶକ (ଏସ୍‌ଏଫ୍‌ଏସ୍‌ଏଲ୍) ସନ୍ତୋଷ ବାଲା, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି, ସତୀଶ ଗଜଭିୟେ, ଆଇଜିପି ପ୍ରବୀଣ କୁମାର, ଡିଆଇଜିପି(କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି, (କାର୍ମିକ) ଯୁଗଳ କିଶୋର କୁମାର ବନଥ, ଡିଆଇଜିପି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଗଣ ଉପସ୍ଥିତ ଥିଲେ। ଏଆଇଜି (ଆଇନ ଓ ଶୃଙ୍ଖଳା) ପ୍ରଭାଶଙ୍କର ନାୟକ ଧନ୍ୟବାଦ ପ୍ରଦାନ ଦେଇଥିଲେ। ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନିମେଶ କୁଜୁର ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର କଟକଠାରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ) ଓ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ (ଓଏଏ) ପକ୍ଷରୁ ସ୍ପ୍ରିଣ୍ଟର ଅନିମେଶ କୁଜୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଥମ ଭାରତୀୟ ପୁରୁଷ ଆଥ୍‌ଲେଟଭାବେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନିମେଶଙ୍କୁ ଉଭୟ ଆସୋସିଏଶନ ପକ୍ଷରୁ ୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। କ୍ରୀଡ଼ା କ୍ଷେତ୍ରକୁ ଅବଦାନ ପାଇଁ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳି ଗୀତାଞ୍ଜଳି ଖୁଣ୍ଟିଆ ଓ ଗାୟତ୍ରୀ ମଳିକ, ପୂର୍ବତନ ଭାରତୀୟ ମହିଳା ଫୁଟବଲ ଦଳର କୋଚ୍ ମହମ୍ମଦ ଶାହିଦ ଜବାର ଏବଂ ଭେଟେରାନ ମାରାଥନ ରନର ବିବେକାନନ୍ଦ ତ୍ରିପାଠୀଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ଉପସଭାପତି ପ୍ରତାପ ଶତପଥୀ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଚେୟାରମ୍ୟାନ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ତଥା ଆଥ୍‌ଲେଟିକ୍ ଆସୋସିଏଶନ କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ, ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।



ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଓ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଅନିମେଶ କୁଜୁରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ଜାତୀୟ ସିନିୟର ଟାଏକୋଣ୍ଡୋରେ ୧୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର୍ ଓ ସିନିୟର୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍ (ପୁମ୍ସେ ଏବଂ କ୍ୟୋରୁଗୀ) ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୧୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ଭିତ୍ତିଭୂମି ପରିଦର୍ଶନ ପାଇଁ ଆସିଥିବା ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମଙ୍ଗ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅତିଥିଭାବେ ଯୋଗ ଦେଇଥିଲେ। ତାଙ୍କ ସ୍ତ୍ରୀ କ୍ରିଷ୍ଣା କୁମାରୀ ରାଇଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଦସ୍ୟ ପ୍ରସନ୍ନ କୁମାର ରାଉତ, ରାଜ୍ୟ ଟାଏକୋଣ୍ଡୋ ସମ୍ପାଦକ ଚିନ୍ମୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରତିଯୋଗୀଙ୍କୁ ଆଗାମୀ ବିଶ୍ୱ ଟାଏକୋଣ୍ଡୋ ପ୍ରତିଯୋଗିତା ଏବଂ ଏସିଆନ ଗେମ୍ସ ପାଇଁ ହେବାକୁଥିବା ଚୟନ ପ୍ରକ୍ରିୟାରେ ସାମିଲ କରାଯିବ।



ପ୍ରତିଯୋଗୀଙ୍କ ସହ ପରିଚିତ ହେଉଛନ୍ତି ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମଙ୍ଗ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦

# ବିଧିବଦ୍ଧ ବିଡ୍ ଦାଖଲ କଲା ଭାରତ

**ଲଣ୍ଡନ, ୨୯।୮ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୩ର ଆୟୋଜନ ଅଧିକାର ହାସଲ ପାଇଁ ଭାରତ ଶୁକ୍ରବାର ବିଦ୍ଧିବଧ ବିଡ୍ ଦାଖଲ କରିଛି। ଭାରତ ଦୁଇ ଦଶନ୍ଧି ପୂର୍ବେ ଏହି ମଲ୍‌ଟି-ସ୍ପୋର୍ଟ୍ସ ଇଭେଣ୍ଟକୁ ସଫଳତାର ସହିତ ଆୟୋଜନ କରିଥିଲା। କମନୱେଲ୍‌ଥ ଗେମ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ ଏବଂ ଗୁଜରାଟ ସରକାରଙ୍କର ଏକ ପ୍ରତିନିଧି ଦଳ କମନୱେଲ୍‌ଥ ସ୍ପୋର୍ଟ (କମନୱେଲ୍‌ଥ ଗେମ୍ସ ଫେଡେରେଶନ) ନିକଟରେ ବିଡ୍ ଦାଖଲ କରିଛନ୍ତି। ଏଥିରେ ଅହମ୍ମଦାବାଦକୁ ଆୟୋଜକ ସହର ଭାବେ ପ୍ରସ୍ତାବ ଦିଆଯାଇଛି।

# ତିନି ମାଙ୍କଡ଼ କଥା



**ଗଳ୍ପ**

**ପ୍ରତାପ ବିଶ୍ୱାଳ**

ଏବେ ସେ ସବୁକଥା ଶୁଣା କଥା ହୋଇଯାଇଛି। କହିବାକୁ ଗଲେ କିଛି ଗୁରୁତ୍ୱ ନାହିଁ ସେ କଥାର। କେବେକାଳେ ସେଠି ରାଜାଙ୍କ ଦରବାର ବସୁଥିଲା। ପ୍ରଜାମାନଙ୍କ ବିଚାର ହୋଇ ନ୍ୟାୟ ପ୍ରଦାନ ପୂର୍ବକ ଦୋଷୀକୁ ଦଣ୍ଡବିଧାନ କରାଯାଉଥିଲା। ରାଜରାଜୁଡ଼ା ଶାସନର ଅନ୍ତ ପରେ ରାଜା ଆଉ ସେଠି ଗାଦିନସୀନ ହେଲେ। ସପରିବାର ଯାଇ କଲିକତାରେ ରହିଲେ। କେଜାଣି କେମିତି ପାଞ୍ଚ ମାଣ ପ୍ରାୟ ସେଇ ଜମି ଉପରେ ଦଣ୍ଡାୟମାନ ଆଗକାଳର କାଠ ବରଗାର ଟାଇଲବିଛା ଦୁଇ ମହଲା ଅଟ୍ଟାଳିକାକୁ ଦାନସୂତ୍ରେ ହେଉ କି ଟଙ୍କା ନେଇ ହେଉ ରାଜା ଦେଇଯାଇଥିଲେ ସରକାରଙ୍କୁ।

ଏବେ ସିଏ ଜିଲାପାଳ ଅଫିସ ରୂପେ ପରିଚିତ। ସହରରୁ ସାମାନ୍ୟ ଦୂର ହେଲେ ବି ସେଠାକାର ଯିବାଆସିବା ରାସ୍ତା ଖୁବ୍ ପ୍ରଶସ୍ତ। ପ୍ରବେଶ ଦ୍ୱାରରେ ଏକ ସୁଦୃଶ୍ୟ ଫାଟକ। ବେଶ୍ ଚଉଡ଼ା ଓ ଉଚ୍ଚା ବି। ଏ ଫାଟକ ବି କାଳେ ସେଇ ରାଜାଙ୍କ ସମୟର ନିର୍ମାଣ। ଚାଳିଶ ଇଞ୍ଚ ଚଉଡ଼ା ଇଟାରେ ଗଢ଼ା ଦୁଇଟି ସ୍ତମ୍ଭ। ଦୁଇଟି ସ୍ତମ୍ଭର ବ୍ୟବଧାନ ବୋଧେ ସତର ଫୁଟ ସରିକି। ତା' ଉପର ଅର୍ଦ୍ଧଚନ୍ଦ୍ରାକାର। ଉପରେ ବସିଛନ୍ତି ଗାନ୍ଧୀ ଦର୍ଶନର ତିନିଟି ମାଙ୍କଡ଼। ସ୍ତମ୍ଭର ଦୁଇପାଖରେ ଦୁଇଟି ଓ ମଝିରେ ଗୋଟିଏ। ଜଣେ ଆଖି ବନ୍ଦ କରିଛି। ଜଣେ କାନ ବନ୍ଦ କରିଛି। ମଝିରେ ବସିଥିବା ମାଙ୍କଡ଼ଟି ବନ୍ଦ କରିଛି ତା' ପାଟି। ସ୍ତମ୍ଭର ଦୁଇପାଖକୁ ଲାଗି ଦୁଇଟି ବଉଳ ଗଛ। ସେ ସମୟରୁ ଲଗାହୋଇଥିଲା ବୋଧେ। ଏବେ ତାହା ଦୁଇଟି ଛତାର ଭ୍ରମ ସୃଷ୍ଟି କରୁଛି। ଅନେକ ସମୟରେ ଦେଖାଯାଏ କିଏ କାହାର ଅପେକ୍ଷାରେ ଥିଲେ କିମ୍ବା ଘଡ଼ିଏ ବିଶ୍ରାମ ନେବାକୁ ଚାହିଁଲେ ସେ ଗଛମୂଳରେ ଆସି ଛିଡ଼ା ହୋଇଯାଆନ୍ତି। ତା'ର ଦଶ କୋଡ଼ିଏ ହାତ ଦୂର ରାସ୍ତା ସଂଲଗ୍ନରେ ଅଛି ଦୁଇଟି ଚା ପାନ ଦୋକାନ। ଆଜବେଷ୍ଟ ଛାଉଣିର ଗୋଟିଏ ଛୋଟିଆ ହୋଟେଲ। ଜିଲାପାଳ ଅଫିସର କିଛି ଚାକିରିଆ, ଅଫିସକୁ ଆସୁଥିବା କିଛି ଲୋକଙ୍କର ଏହା ଆପ୍ୟାୟନ ସ୍ଥଳ।

ଥରେ ଏମିତି କଥା ପ୍ରସଙ୍ଗରେ ଜଣେ କହିଲେ- ଦେଖିଲେ ସେ ସମୟରେ ଗାନ୍ଧିଜୀଙ୍କୁ କେତେ ମାନୁଥିଲେ ସେମାନେ। ତାଙ୍କ ଚିନ୍ତାଧାରାକୁ ସମ୍ମାନ ଜଣାଇ ଫାଟକ ଉପରେ ତିନି ମାଙ୍କଡ଼ ସେମାନେ ରଖିଥିଲେ। ରାଜା ହେଲେ ବି ତାଙ୍କ ଦୃଷ୍ଟିଭଙ୍ଗୀକୁ ମାନିବାକୁ ପଡ଼ିବ। କିନ୍ତୁ ଏହା ସହ ତାଙ୍କ ମୂର୍ତ୍ତିଟାଏ ଯଦି ଏଠି କିମ୍ବା ଭିତରେ କେଉଁଠି ରଖିଥାନ୍ତେ ଆହୁରି ସୁନ୍ଦର ହୋଇଥାନ୍ତା।

ଅନ୍ୟଜଣେ କହିଲେ- ଗାନ୍ଧୀଙ୍କ ମୂର୍ତ୍ତି ରଖିବା କ'ଣ ଆବଶ୍ୟକ। ସେ ତ ତୁମ ମନରେ, ତୁମ ରକ୍ତରେ ଚଳପ୍ରଚଳ କରୁଛନ୍ତି। ତାଙ୍କ ପାଇଁ ଯେତେସବୁ ଧାଁଦଉଡ଼। ତାଙ୍କୁ ନେଇ, ତାଙ୍କ ପାଇଁ ଯେତେସବୁ ଘଟଣା ଦୁର୍ଘଟଣା। ସେ ଏବେ ସବୁ ଦେଖି, ସବୁ ଶୁଣି ନୀରବ। ସେଥିପାଇଁ ବୋଧେ ଏ ଫାଟକ ଉପରେ ଏମିତି ତିନି ମାଙ୍କଡ଼ଙ୍କ ମୂର୍ତ୍ତି ରଖାଯାଇଛି।

ପ୍ରଥମ ବ୍ୟକ୍ତିଟି ଆଶ୍ଚର୍ଯ୍ୟ ହୋଇ ସେ ବ୍ୟକ୍ତିଙ୍କୁ ଚାହିଁ କହିଲେ- ଆପଣ କ'ଣ କହିବାକୁ ଚାହୁଁଛନ୍ତି ମୁଁ ବୁଝିପାରୁନି।

ଦ୍ୱିତୀୟ ବ୍ୟକ୍ତିଟି ତାଙ୍କ ଉତ୍ତରରେ କହିଲେ- ଏଥିରେ ବୁଝି ନ ପାରିବାର କ'ଣ ଅଛି। ଗାନ୍ଧୀ ପରା ଏବେ ଆମ ସମସ୍ତଙ୍କ ପକେଟରେ। ସେ ପକେଟରେ ନ ଥିଲେ ସବୁ ଅନ୍ଧାର। ଆଉ ଫାଟକ ପାଖରେ କି ଭିତରେ କ'ଣ ପାଇଁ ରଖାଯାଇଥାନ୍ତା। ଖାଲି ମୂର୍ତ୍ତିଟିଏ ହୋଇଛି ସିନା ଅଟକାଇ ପାରିଥାନ୍ତେ କ'ଣ ଏଇ ଟଙ୍କା ପାଗଳ ଦୁନିଆକୁ। ଯେଉଁଠି ଟଙ୍କା ନାହିଁ ସେଠି ଉପଦେଶର କିଛି ମୂଲ୍ୟ ନାହିଁ। ଯାହା ପାଖରେ ଟଙ୍କା ନାହିଁ ବଞ୍ଚିବା ବି ତା' ପାଇଁ ମୂଲ୍ୟହୀନ। ସମୟ ଥିଲା ସେ କହୁଥିଲେ କୁଟି ଖାଅ କାଟି ପିନ୍ଧ। ଏବେ ତାହା ପାଲଟିଯାଇଛି ଲୁଟି ଖାଅ। ଏବେ ଲାଗୁଛି ଗାନ୍ଧିଜୀଙ୍କର ଏହା ଥିଲା ଭାବପ୍ରବଣତା। ସମସ୍ତେ ଗାନ୍ଧୀଙ୍କୁ ପକେଟରେ ପାଇବାକୁ ବ୍ୟସ୍ତ, ବ୍ୟାକୁଳ; ତାଙ୍କ ଆଦର୍ଶକୁ ନୁହେଁ। ସେଥିପାଇଁ ତ ସମାଜରେ ଏତେ ହତ୍ୟା, ରାହାଜାନି ଆଦି ଅସତ୍ ପଥର ଅବଲମ୍ବନ କରି ଅନ୍ୟାୟକୁ ପ୍ରଶ୍ରୟ ଦେବା, ଲାଞ୍ଚ ମିଛକୁ ଆପଣେଇ ନେବାକୁ ଟିକିଏ ବି ଆମେ କେହି ପଶ୍ଚାତ୍ତାପ କରୁନେ।

ଗାନ୍ଧୀଙ୍କ ଗଣତନ୍ତ୍ରର ସ୍ୱପ୍ନ ଏବେ ଅନ୍ଧାରରେ। ସେ ସମୟରେ ତିନି ମାଙ୍କଡ଼ ଯେଉଁ ଚିନ୍ତାଧାରା ନେଇ ଗଢ଼ା ହୋଇଥିଲେ ଆଖି ବୁଜିଥିବା ମାଙ୍କଡ଼ କହୁଥିଲା ଖରାପ କଥା ଦେଖିବ ନାହିଁ। ଏବେ କ୍ଲବ୍, ଯାତ୍ରା, ସିନେମା ଏପରିକି ମୋବାଇଲରେ ଆମର ମାଳ ମାଳ ନଗ୍ନ ଦୃଶ୍ୟ। ପର୍ନ ଭିଡିଓ। ପାଟି ବନ୍ଦ କରିଥିବା ମାଙ୍କଡ଼ର ଅର୍ଥ ଥିଲା ଖରାପ କଥା କହିବ ନାହିଁ। ଏବେ ପୁଅ ମା'କୁ ବି ଅତି କଦର୍ଯ୍ୟ ଭାବେ ଗାଳିଦେଉଛି। ଭାଇ ଭାଇ, ସାଇ ସାଇ, ଗାଁ ସହର ସବୁଠି ସୌଜନ୍ୟରହିତ ଭାଷା। କାହାକୁ କହିବେ! କିଏ ଶୁଣିବ! ଗାନ୍ଧିଜୀଙ୍କ ମୂଳ ମନ୍ତ୍ର ଥିଲା ଅହିଂସା। ସେଥିରୁ ଅ କଟିଯାଇ ଏବେ ସବୁଠି ହିଂସାର ରାଜୁତି। ଜାତି ଧର୍ମ ପାଇଁ ଦେଶ ଦେଶ ଭିତରେ ଯୁଦ୍ଧର ତାଣ୍ଡବ। ଚାଖଣ୍ଡେ ଭୂଇଁ ପାଇଁ ହାଣକାଟ। ସ୍ନେହ ସୌହାର୍ଦ୍ଦ୍ୟ ନାହିଁ। ସବୁଠି ଟଙ୍କା ଟଙ୍କା। ପ୍ରବଞ୍ଚନା। ତୃତୀୟ ମାଙ୍କଡ଼, ଯିଏ କାନ ବନ୍ଦ କରିଛି ଗଣତନ୍ତ୍ରରେ, ଏବେ ନେତାଙ୍କ ଭଲ ଦିନ ଆସିବ ଶୁଣି ଶୁଣି ବିରକ୍ତିରେ ଆଉ ଶୁଣିବନି କହି କାନ ବନ୍ଦ କରିଛି। ସମୟଥିଲା କିଏ ଅନଶନରେ ବସିଲେ ବିଧି, ବିଧାନ, ସମ୍ବିଧାନ ଦୋହଲି ଯାଉଥିଲା। ଏବେ କିନ୍ତୁ ଓଲଟା। ପୋଲିସ ଦ୍ୱାରା ତଡ଼ାଖାଉଛି। ମିଛ କେସ୍‌ରେ ଜେଲଯାଉଛି।

ଏହି ସମୟରେ ଜଣେ କିଏ ଗେଟ୍ ପାଖ ବଉଳ ଗଛ ପାଖକୁ ଆସୁଥିଲା। ତା' ପଛେ ପଛେ ଆଉ ଜଣେ ତାକୁ ଅନୁସରଣ କରୁଥିଲା। ଦୁଇଜଣଙ୍କ ପରିପାଟୀ କହୁଥିଲା ଭଦ୍ର ବୋଲି। ଜଣେ ସେ ବଉଳ ଗଛ ତଳେ ଆସି ଛିଡ଼ାହେଲା। ପ୍ରଶସ୍ତ ସ୍ତମ୍ଭଟା ଆଢୁଆଳ କରୁଥିଲା ତାକୁ। ଚାରିଆଡ଼କୁ ଥରେ ସତର୍କ ଦୃଷ୍ଟିରେ ଚାହିଁଲା। ଅନ୍ୟ ଜଣେ ତା' ପାଖକୁ ଦ୍ରୁତ ବେଗରେ ଆସି ପକେଟ୍‌ରୁ ବିଡ଼ାଟିଏ ବାହାର କରି ବଢ଼ାଇ ଦେଲା ତା' ହାତକୁ। ଲୋକଟା ପକେଟରେ ପୂରାଇଲା ବେଳେ ପୂର୍ବ ଦୁଇଜଣ କଥା ହେଉଥିବା ଭିତରୁ ଦ୍ୱିତୀୟ ଜଣଙ୍କ କହିଲେ- ଥରେ ଚାହାଁନ୍ତୁ ସେ ବଉଳ ଗଛ ତଳକୁ, ଦେଖନ୍ତୁ ଆମ ଗଣତନ୍ତ୍ରର ପ୍ରକୃତ ସ୍ୱରୂପକୁ। ପ୍ରଥମ ବ୍ୟକ୍ତି ସେ ଆଡ଼କୁ ଚାହିଁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- କ'ଣ ସେ ପକେଟରେ ପୂରାଇଲେ?

ଗାନ୍ଧୀ ମୁଣ୍ଡକୁ। ମାଙ୍କଡ଼ ତିନୋଟି ତ ଗେଟ୍ ଉପରେ ରାସ୍ତାକୁ ଚାହିଁ ବସିଛନ୍ତି। ସହଜେ ତ ସେମାନେ ଅନ୍ଧ, ମୂକ, ବଧିର। ଏଇ ଆମର ବର୍ତ୍ତମାନର ଗଣତନ୍ତ୍ର। ଅନ୍ଧ, ମୂକ, ବଧିର ହୋଇଯାଇଛି। ଏଇ ତିନି ମାଙ୍କଡ଼ଙ୍କ ପରି ବର୍ତ୍ତମାନର ଗଣତନ୍ତ୍ର। ଆମ ଗଣତନ୍ତ୍ରର ଆଖି ଅଛି, ପାଟି କାନ ଅଛି, କିନ୍ତୁ ସେ ସବୁ ବନ୍ଦ। ଅଫିସରେ କ୍ୟାମେରା ଲାଗିଥାଉ, କ୍ୟାମେରା ତା' ବାଟରେ, ଦୁର୍ନୀତି ତା' ବାଟରେ। ଆମେ ପଢ଼ିଥିବା ଗଣତନ୍ତ୍ର "ଫର୍ ଦ ପିପୁଲ, ଅଫ୍ ଦ ପିପୁଲ, ବାୟ ଦ ପିପୁଲ" ଖାଲି ବହିରେ ଲେଖା। ବୁଝିଲେ ଆଜ୍ଞା ଗାନ୍ଧୀ ଥିଲେ, ଅଛନ୍ତି, ରହିବେ। ତାଙ୍କ ତିନି ମାଙ୍କଡ଼ ବି ଥିଲେ, ଅଛନ୍ତି ରହିବେ, କିନ୍ତୁ ଚଷମାର ଫ୍ରେମ୍ ଥାଇ କାଚର ପାୱାର ବଦଳାଇଲା ପରି ଆମେ ଗଣତନ୍ତ୍ରର ପରିଭାଷାର କାଚକୁ ବଦଳାଇ ଚାଲିଛେ। ଏ ତିନି ମାଙ୍କଡ଼ ଆଉ କହୁନାହାନ୍ତି- "ଖରାପ କଥା ଦେଖିବା ନାହିଁ, ଖରାପ କଥା ଶୁଣିବା ନାହିଁ, ଖରାପ କଥା କହିବା ନାହିଁ" ବରଂ କହୁଛନ୍ତି ଖରାପ କଥା ଦେଖି ଆଖି ବନ୍ଦ କରି ଦେଖି ନ ଦେଖିଲା ପରି, ଶୁଣି ନ ଶୁଣିଲା ପରି ବାଟ ଭାଙ୍ଗି ଚାଲିଯିବା। ଯଦି ତୁମେ ପ୍ରତିବାଦ କଲ, କିଏ ଯଦି ତୁମ ପକେଟରେ ଗାନ୍ଧୀ ମୁଣ୍ଡ କେତେଟା ପୂରାଇଦେଲା, ତା'ହେଲେ ତାକୁ ତୁମେ ନିଃସଙ୍କୋଚରେ ଗ୍ରହଣ କରିନେବ। କାରଣ ଏ ଗାନ୍ଧୀ ମୁଣ୍ଡ ସବୁକିଛି କରିପାରେ। ସବୁ ବଦଳାଇ ଦେଇପାରେ। ଏପରିକି ମିଛ ସାକ୍ଷୀ ଦେଇ ନ୍ୟାୟକୁ ବି।

ବ୍ୟକ୍ତି ଜଣଙ୍କ ଛିଡ଼ା ହୋଇ ଗେଟ୍ ଉପରେ ଥିବା ସେ ତିନି ମାଙ୍କଡ଼ଙ୍କୁ ଚାହିଁଥିଲେ। ପଦେ ବି କଥା ବାହାରୁ ନଥିଲା ତାଙ୍କ ପାଟିରୁ।

ମୋ: ୯୪୩୭୭୪୫୯୮୩

## ପୁସ୍ତକ ପରିଚୟ


### କବିତା ଧାଡ଼ି ବାହାରେ




**କବି:** ଅମରେନ୍ଦ୍ର ମାଧବ ଦାଶ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର-୩
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୫/-

ଅମରେନ୍ଦ୍ର ମାଧବ ଦାଶ ଏଇ ସମୟର ହୋଇ ବି ସବୁ ସମୟରେ ଲେଖାଯାଉଥିବା ନୂଆ କବିତାର ଜଣେ ସମର୍ଥ କବି। ଆଲୋଚ୍ୟ କବିତାଗ୍ରନ୍ଥଟି ତାଙ୍କର ସପ୍ତମ କବିତା ସଂକଳନ। ୨୦୦୬ରୁ ୨୦୨୪- ଦୁଇ ଦଶକ ଧରି ତାଙ୍କର ନିରବଚ୍ଛିନ୍ନ ଯାତ୍ରା କବିତାରେ ଓ ପ୍ରତ୍ୟେକଟି ବହି ପୂର୍ବବର୍ତ୍ତୀ ବହିଠାରୁ ଉତ୍ତରଣର ଏକ ଏକ ପାହାଚ। ମୋଟ ୫୨ଟି କବିତା ଗ୍ରନ୍ଥରେ ସ୍ଥାନିତ। ନିତି ପ୍ରତି ପ୍ରତ୍ୟକ୍ଷ କରୁଥିବା ଦୈନନ୍ଦିନତାର ଲହୁ ଲୁହରେ ଅମରେନ୍ଦ୍ର ଲେଖନ୍ତି କବିତା। ଆକସ୍ମିକ କିଛି ଗୋଟାଏ ବଦଳାଇଦେବାର ଯେଉଁ ଅହଂକାର ବେଳେବେଳେ କବିତା ରଖିଥାଏ, ସେ ପଙ୍‌କ୍ତିରେ ସେ ନ ଥା'ନ୍ତି; କିନ୍ତୁ ବଂଚିତର ଅସହାୟତାକୁ ଶବ୍ଦେ ଶବ୍ଦେ ତୋଳିଧରି ସେ ତାଙ୍କର ସାରସ୍ୱତ ଯାତ୍ରା ଜାହିର୍ ରଖନ୍ତି। ସେ କହନ୍ତି: ୧. "ତମକୁ ଲେଖିବାକୁ ହେବ/ ସେଇ ସବୁ କଥା/ ସେଇ ସବୁ ବ୍ୟଥା/ ଯାହା ଲେଖା ହେଲାନି ଆଜିଯାଏଁ,/ ତୁଣ୍ଡ ଖୋଲି ଉଚ୍ଚାରିବାକୁ ହେବ/ ସେଇ ସବୁ ଶବ୍ଦ/ ସେଇ ସବୁ ସ୍ତୋତ୍ର/ ଯାହା ଆଜିଯାଏ ରହିଲେ ଅନୁଚ୍ଚାରିତ।" ('ତୁମକୁ ଲେଖିବାକୁ ହେବ', ପୃ:୨୫), ୨. "କଟାହାତ କବିତା ଲେଖେନି/ କବିତା ହେଇଯାଏ/ ତମ ଟିପାଖାତାର.../ .... ... /ତମ ଅନ୍ଧ, ମୂକ ଓ ବଧିର/ ସର୍କାରକୁ ଫୁଁ କରୁଥିବା/ ସେଇ କଟାହାତ ମୁଁ.../ ଅନୁଗ୍ରହ କି ଅନୁକମ୍ପା/ ଲୋଡ଼ା ନାହିଁ ମୋର.../ ଅନୁଶୋଚନା କି ଅବସୋସ ବି ନାହିଁ/ ଏ କଟାହାତକୁ ନେଇ..." ('କଟାହାତର କବିତା', ପୃ:୬୩)। ବହିର କବିତାଗୁଡ଼ିକୁ ପଢ଼ିଲେ ମନେହୁଏ, ମାନବିକତା ଓ ସମ୍ବେଦନଶୀଳତାର ଜାଗରୂକତା ପାଇଁ କବିଙ୍କର ପ୍ରାୟ କବିତା ନିରବ ବିପ୍ଳବର ଏକ ଏକ ଦୀପ୍ତ ଦୀପଶିଖା। ଭାଷାର ନୂଆ ନିର୍ମାଣ ଗ୍ରନ୍ଥସ୍ଥ କବିତାଗୁଡ଼ିକୁ ସ୍ପନ୍ଦିତ କରି ରଖେ ପ୍ରତିନିୟତ। ଗ୍ରନ୍ଥାରମ୍ଭରେ ଥିବା 'ଗଦ୍ୟଲେଖ'ରେ ସେ ସ୍ପଷ୍ଟ କରନ୍ତି ମାଟି, ମଣିଷ ଓ ମାତୃଭାଷା ପ୍ରତି ତାଙ୍କର ପ୍ରତିବଦ୍ଧତା- "ସେମାନଙ୍କୁ ଯେଉଁଠି ଯେମିତି ଭେଟିଛି ସେଇମିତି ତାଙ୍କ କଥା କହିଛି। ମୁଣ୍ଡ ସାଉଁଳେଇବା ପାଇଁ ନୁହେଁ, ସେମାନଙ୍କ ନ୍ୟାଯ୍ୟ ପାଇଁ ଦଣ୍ଡେ ଠିଆ ହୋଇଛି।" ଆଜିର ଓଡ଼ିଆ କବିତା, ଏପରିକି ଭାରତୀୟ କବିତାରେ ବହିଟି ଏକ ଉଲ୍ଲେଖନୀୟ ସଂଯୋଜନ।

### ସ୍ୱର୍ଣ୍ଣାଭ ଦିଗନ୍ତ




**ଲେଖକ:** ସୂର୍ଯ୍ୟମଣି ଖୁଣ୍ଟିଆ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଭ୍ରମଣ କାହାଣୀ ପୁସ୍ତକଟି ଭାରତ ଭ୍ରମଣର କିୟତ୍ ଅନୁଭୂତିକୁ ନେଇ ଲେଖକଙ୍କର ସ୍ମୃତି-ଚାରଣ। ଭ୍ରମଣ ଅନୁଭୂତିକୁ ନେଇ 'ବର୍ଣ୍ଣାଭ ଦିଗନ୍ତ' ପରେ 'ସ୍ୱର୍ଣ୍ଣାଭ ଦିଗନ୍ତ' ହେଉଛି ଓଡ଼ିଶା ଭ୍ରମଣ ସାହିତ୍ୟକୁ ଲେଖକଙ୍କର ଦ୍ୱିତୀୟ ଅବଦାନ। ବହିଟିରେ ରହିଛି ଦୁଇଟି ପର୍ବ। ପ୍ରଥମ ପର୍ବରେ ସ୍ଥାନିତ ଉଜ୍ଜୟିନୀ, ଅହମଦାବାଦ, ସୋମନାଥ ଓ ଦ୍ୱାରକା ଭ୍ରମଣର ଅନୁଭୂତି ଏବଂ ଦ୍ୱିତୀୟ ପର୍ବରେ ରହିଛି ହିମାଳୟ ଭ୍ରମଣ ବୃତ୍ତାନ୍ତ। ଶିପ୍ରାତଟର ଉଜ୍ଜୟିନୀ ଜ୍ୟୋତିର୍ଲିଙ୍ଗ ଶ୍ରୀମହାକାଳଙ୍କ ପୀଠ। ମହାକାଳେଶ୍ୱରଙ୍କ ପଶ୍ଚିମରେ ପୁରାଣ ପ୍ରସିଦ୍ଧ ରୁଦ୍ରସାଗରରେ ହରସିଦ୍ଧିଙ୍କ ମନ୍ଦିର ବିଦ୍ୟମାନ। ଉଜ୍ଜୟିନୀର ଉପାନ୍ତରେ ମହର୍ଷି ସାନ୍ଦୀପନିଙ୍କ ଆଶ୍ରମ। ଗୁଜରାଟର ଅହମଦାବାଦରେ ଅକ୍ଷରଧାମ ମନ୍ଦିର। ସାବରମତୀ ନଦୀକୂଳରେ ଗାନ୍ଧିଜୀଙ୍କର ଆଶ୍ରମ ଓ ଆବାସକୁଟୀର 'ହୃଦୟକୁଞ୍ଜ'। ୧୯୧୮ରୁ ୧୯୩୦ଯାଏ ଗାନ୍ଧୀ ଏଇ ଆଶ୍ରମରେ ଅବସ୍ଥାନ କରୁଥିଲେ। ସୋମନାଥ ମନ୍ଦିର ଓ ପ୍ରଭାସ ତୀର୍ଥ ଶାସ୍ତ୍ରପ୍ରସିଦ୍ଧ। ଗୁଜରାଟୀ ସାହିତ୍ୟରେ ପ୍ରଭାସକୁ ଦେବପାଟଣ, ପ୍ରାଚୀପାଟଣ ଆଦି ନାମରେ ଅଭିହିତ କରାଯାଇଛି। ଆରବସାଗର ତୀରରେ ପୁଣି ଦ୍ୱାରକା ଧାମ। ଏସବୁ ପୁଣ୍ୟ ସ୍ଥାନର ଦର୍ଶନାନୁଭୂତିକୁ ଲେଖକ ଅତି ସାବଲୀଳ ଭାଷାରେ ବର୍ଣ୍ଣନା କରିଛନ୍ତି। ଦ୍ୱିତୀୟ ପର୍ବରେ ହିମାଳୟ ଭ୍ରମଣ। ବଦ୍ରିନାଥ, ଦେବପ୍ରୟାଗ, ନନ୍ଦପ୍ରୟାଗ, ରୁଦ୍ରପ୍ରୟାଗ, ବିଷ୍ଣୁପ୍ରୟାଗ ଆଦିର ବର୍ଣ୍ଣନା ସାଙ୍ଗକୁ ଋଷିକେଶ ଓ ହରିଦ୍ୱାର ଭ୍ରମଣ ପରେ ଲେଖକ ସସ୍ତ୍ରୀକ ଉତ୍ତରାଖଣ୍ଡକୁ ବିଦାୟ ଜଣାଇଛନ୍ତି। ଶ୍ରୀବୈଷ୍ଣୋଦେବୀ ଦର୍ଶନ ଓ ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିର ଦର୍ଶନାନୁଭୂତି ମଧ୍ୟ ଆଲୋଚ୍ୟ ଗ୍ରନ୍ଥରେ ସ୍ଥାନିତ। ଆଶା, ପୁସ୍ତକଟି ପାଠିକାପାଠକଙ୍କ ଦ୍ୱାରା ବହୁଳ ଭାବେ ଆଦୃତ ହେବ।

## କବିତା

### ସେମାନଙ୍କ ପାଇଁ ପଦେ

**ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

ଏଠି, ଯେଉଁମାନେ କଥା କହି
ପାରନ୍ତିନି ସେମାନଙ୍କ ପାଇଁ
କବି ଅଛି ଚିରଦିନ ସେମାନଙ୍କ ସଙ୍ଗରେ
କବିକୁ ଛାଡ଼ିଦେଲେ ଏମିତି ଆପଣାର
ମଣିଷଟିଏ ଆଉ କିଏ ଥାଇପାରେ!

ସେମାନଙ୍କ ପାଇଁ, କବି ହିଁ
ପଥରରେ ଗୋଲାପ ଫୁଟାଇପାରେ
ଶୁଷ୍କ ମରୁଭୂମିରେ ନଦୀକୁ ଦେଖିପାରେ
ଟାଙ୍ଗରା ପାହାଡ଼ରେ
ଝରଣାର କୁଳୁକୁଳୁ ଶବ୍ଦ
ଶୁଣିପାରେ ଏକାକୀ।

ହେ ଈଶ୍ୱର! ତୁମେ ଅଛ ବୋଲି ତ
ଏମାନେ ଅଛନ୍ତି
ଏମାନେ ଅଛନ୍ତି ବୋଲି ତ କବି ବଞ୍ଚିଛି
ସୁନ୍ଦରତାର ମଧୁ ଚାଖୁଛି
କବିତା ମଧ୍ୟରେ ହଜିଯାଉଛି
ନିଜକୁ ଦ୍ୱିତୀୟ ଈଶ୍ୱର କହୁଛି।

ହେ ସ୍ରଷ୍ଟା! ତୁମରି ସୃଷ୍ଟି ପାଇଁ
ଆମର କବିତା
ଆମର କବିତା ଗାଉଥାଉ ଚିରଦିନ
ତୁମ ସୃଷ୍ଟିର ନୂତନ ବାରତା।

ପୁରୁଣା ସହର, ନୟାଗଡ଼
ମୋ: ୯୯୩୮୩ ୧୯୬୫୨

### ତୁମ ସହରର ବର୍ଷା

**ଧରଣୀଧର ତ୍ରିପାଠୀ**

ଭଲ ଲାଗୁଥିଲା ବିନ୍ଦୁବିନ୍ଦୁ ବର୍ଷା
ମୁଠାଇ ନେବାକୁ ମୁଠାରେ,
ମୋ ହାତ ମୁଠାରୁ ଖସି
ପଡୁଥିଲା ଯାଇ ଶୁଖିଲା ପତ୍ରରେ।

ବେଳେବେଳେ ନିଶୀଥ ଆକାଶେ
ଦେଖିଚି ତାରା ପଙ୍‌କ୍ତି ଯେବେ,
ଭାବିଛି ପ୍ରଦୀପ ମାଳା ଜଳାଇଛ ମୋ' ପାଇଁ ତୁମେ!
ଲିଭିଛି ସେ ପ୍ରଦୀପ ସବୁ ସକାଳ ସୂର୍ଯ୍ୟାଲୋକେ,
ମୁଁ ବି ଘୂରି ବୁଲିଛି ସାରା ଜୀବନ
ନିଜ ଛାଇ ଚାରିପାଖେ।

ଇଚ୍ଛା ହେଲା ଥରେ ଭିଜିଯିବାକୁ
ତୁମ ସହରର ବର୍ଷାରେ,
ସେଦିନ ଯେମିତି ଭିଜି ଯାଉଥିଲି
ଜାଣିଶୁଣି ନିଜ ଇଚ୍ଛାରେ।
ଆଜି ଆସି ଦେଖେ ମାୟାବିନୀ ତୁମ ସହରର ବର୍ଷା,
ଧୋଇ ଦେଇଛି ସବୁ ସ୍ମୃତି ଚିହ୍ନ
ଯାହା ଥିଲା ହୃଦୟେ ମୋ ଅଙ୍କା।

କାହିଁଗଲା ସେ କୃଷ୍ଣଚୂଡ଼ା କାହିଁ ସେ ବକୁଳ ବନ,
ଯାହା ତଳେ ବସି ବିତାଉଥିଲି ମୋ' ଅଳସ ଅପରାହ୍ନ!
ଦିଶୁନି ବି ସେ ଗଙ୍ଗଶିଉଳି
ଛିଡ଼ା ହୋଇଥିଲ ସେଦିନ ଯାହା ଛାଇ ତଳେ
ଝରି ପଡୁଥିଲା ଫୁଲ, ତୁମ ଅଙ୍ଗେ ଅଙ୍ଗେ!

ସାରା ଜୀବନର ଗ୍ଲାନି ଚାହୁଁଥିଲା ଆଜି ଝରିଯିବାକୁ,
କେମିତି ରୋକିବି କୁହ ପୂରା ସାଗରକୁ?

ନୂଆଦିଲ୍ଲୀ, ମୋ: ୯୮୧୯୫୫୦୨୭୯

### ବଂଜର ବହି

**ନିରାକାର ଦାସ**

ଶୌଯ ଖୋଜୁଥିବା ସାହିତ୍ୟ
ପ୍ରାଚୁର୍ଯ୍ୟରେ ପୋଷା ପଦ୍ୟ
ସଂଶୟରେ ସୁପ୍ତ ଶବ୍ଦ
କ'ଣ ଉଠେଇପାରିବ
ମୁହଁମାଡ଼ି ପଡ଼ିଥିବା ସଭ୍ୟତାର ଶୌର୍ଯ୍ୟ?

ବିଶ୍ୱାସରେ ବଞ୍ଚୁଥିବା ବିଜ୍ଞାନ
ନିଃଶ୍ୱାସରେ ଦୋହଲୁଥିବା ସଂଗ୍ରାମ
ଅନ୍ଧାରରେ ଅନୁରଣିତ ଆହ୍ୱାନ
କ'ଣ ସଳଖି ପାରିବ
ଅଣ୍ଟା ଭାଙ୍ଗି ଶୋଇଥିବା ପ୍ରଜ୍ଞାର ପର୍ବତ?

କରୁଣାହୀନ କାଳିରେ ଚାଲୁଥିବା କଲମ
ବାସନାରେ ବୋଝେଇ ବାକ୍ୟ
ବଣିକର କୁହୁକରେ କିଣା କାଗଜ
କ'ଣ ବୋହିପାରିବ
ମରି ଝଡ଼ିପଡ଼ୁଥିବା ସଂସ୍କୃତିର ଶବ?

ଜମା ନୁହେଁ!
ଏମିତି ଏମିତି ଶବ୍ଦର, ବାକ୍ୟର
ବଂଜର ବହିସବୁ
ଡିଆରେ ବଧଜୀବ, କବନ୍ଧ ସମାଜ।

ଭିଲ୍ଲା-୧, ଫେଜ୍-୨, ଏସ୍‌ବିଟି ଇଣ୍ଡସ୍ ଭ୍ୟାଲି, ରଘୁନାଥପୁର, ଭୁବନେଶ୍ୱର
ମୋ: ୯୪୩୭୦୧୩୧୩୯

### ଗୀତି-କବିତା

### ଡାକ ନାହିଁ

**ମଞ୍ଜୁଲତା ସିଂହ**

କ୍ଳାନ୍ତ ମୁଁ ଆଜି ତନ୍ଦ୍ରା ବିଭୋରେ
ଆଖିପତା ଆସେ ନଇଁ
ଶୋଇବାକୁ ଦିଅ ନିରବରେ କେହି
ଡାକ ନାହିଁ ଡାକ ନାହିଁ।

ଲିଭିଛି ଯେବେ ଏ ସହରର ବତି
ସହର ଯାଇଛି ଶୋଇ
ନିଜ କାହାଣୀକୁ ନିଜେ ମୁଁ ପଢ଼ିଛି
ସାରା ରାତି ଚେଇଁ ରହି...
ନିଜ ସାଥେ କରି ନିରବ ଆଳାପ
ରାତି ଯେ ଯାଇଛି ପାହି
ଶୋଇବାକୁ ଦିଅ ନିରବରେ କେହି
ଡାକ ନାହିଁ ଡାକ ନାହିଁ।

ଘନ ଅନ୍ଧାର ଭେଦି କାହା ସୁର
ଦୂର ଝାଉଁବଣ ଡେଇଁ
ପବନରେ ଆସି ହଜିଲା ସେ ସୁର
ଯାଇଛି କେତେ ଯେ ଛୁଇଁ
କଥା ଥିଲା ସିନା ଫେରିବାକୁ କା'ର
ଫେରିନାହିଁ ଫେରିନାହିଁ...
ଶୋଇବାକୁ ଦିଅ ନିରବରେ କେହି
ଡାକ ନାହିଁ ଡାକ ନାହିଁ।

ମୋ: ୮୮୪୭୮୫୨୯୧୭

## କାଳକାଳକୁ

**"ପୁରୁଷ ଏଯାଏଁ ନାରୀ ସହ ଶୋଇବା ଶିଖିଛି, ଚେଇଁ ରହିବା ଶିଖିନାହିଁ।"**
**- ଅମ୍ରିତା ପ୍ରୀତମ୍**



**ଅମ୍ରିତା ପ୍ରୀତମ୍‌ଙ୍କ** ଜନ୍ମ ୩୧ ଅଗଷ୍ଟ ୧୯୧୯ରେ ପଞ୍ଜାବର ଗୁଜରାନ୍‌ୱାଲା (ଏବେ ପାକିସ୍ତାନ)ରେ ଏବଂ ପରଲୋକ ୩୧ ଅକ୍ଟୋବର ୨୦୦୫ରେ, ନୂଆଦିଲ୍ଲୀରେ। କବିତା, ଉପନ୍ୟାସ, ପ୍ରବନ୍ଧ ଓ ଆତ୍ମଜୀବନୀ ରଚନାରେ ସମଭାବେ ଦକ୍ଷ ଏହି ଲେଖିକା ବିଂଶ ଶତାବ୍ଦୀର ଭାରତୀୟ ସାହିତ୍ୟରେ ଜଣେ ଶିଖରଚୁମ୍ବୀ ପ୍ରତିଭା, ଯାହାଙ୍କର ଶତାଧିକ ପୁସ୍ତକ ପଞ୍ଜାବୀ, ହିନ୍ଦୀ ଓ ଇଂଲିଶ୍ ଭାଷାରେ ପ୍ରକାଶିତ। ତାଙ୍କର ସର୍ବାଧିକ ଅନୂଦିତ ତଥା ଲୋକପ୍ରିୟ ଗ୍ରନ୍ଥ ହେଉଛି ୧୯୭୯ରେ ରଚିତ ଆତ୍ମଜୀବନୀ 'ରସିଦି ଟିକେଟ୍'। ଭାରତୀୟ ସାହିତ୍ୟକୁ ବିଶିଷ୍ଟ ଅବଦାନ ପାଇଁ ୧୯୫୯ରେ 'ସାହିତ୍ୟ ଏକାଡେମୀ ପୁରସ୍କାର', ୧୯୬୯ରେ ପଦ୍ମଶ୍ରୀ, ୧୯୮୧ରେ ଜ୍ଞାନପୀଠ ଓ ୨୦୦୪ରେ ପଦ୍ମଭୂଷଣ ସମ୍ମାନରେ ସେ ସମ୍ମାନିତା। ଏକାଡେମୀର ସର୍ବୋଚ୍ଚ ସମ୍ମାନ ଫେଲୋଶିପ୍‌ରେ ମଧ୍ୟ ସେ ସମ୍ମାନିତା ଓ ୧୯୮୬ରୁ ୧୯୯୨ ଯାଏଁ ରାଜ୍ୟ ସଭାର ମନୋନୀତ ସଦସ୍ୟା। ସେ କହନ୍ତି: "ଯିଏ ଭଲ ଲାଗନ୍ତି, ତାଙ୍କ ପାଖରେ ନିଜକୁ ସଅଁପିଦେବା ବି ଭଲ ଲାଗେ।"

# ଖଳିକାଟି

**ସନ୍ତୋଷ ମିଶ୍ର**

**ଲଘୁଗଳ୍ପ**

ବାପାଙ୍କ ଅନ୍ତେ ମାଆ ଇନ୍ଦିରା ଗାଁରେ ଏକା ରହୁଥିଲେ। ସମସ୍ତେ ତାଙ୍କୁ ଶ୍ରଦ୍ଧାରେ ଗାନ୍ଧୀ ବୁଢ଼ୀ ବୋଲି ଡାକୁଥିଲେ। ଦିନେ ପଡ଼ୋଶୀ ତୁମା ଆସି କହିଲା- ଗାନ୍ଧୀ ବୁଢ଼ୀ! ବାଲେଶ୍ୱର ଯାଇଥିଲି। ଦୈବାତ୍ ବିକ୍ରାନ୍ତ ସହିତ ଦେଖା ହେଇଗଲା। ସେ କହିଲା - କକା! ଏଇ ଚିଠିଟା ନେଇ ମାଆକୁ ଦେବ। ବହୁତ ଜରୁରୀ ଚିଠି। ମା' ଆବେଗରେ ତୁମା ହାତରୁ ଚିଠିଟି ନେଇ ପଢ଼ିଲା। ଲେଖାଥିଲା - ମା' ଜାଣିବ। ଆଉ ସପ୍ତାହେ ପରେ ତୁମ ବଡ଼ ନାତି ରାକେଶର ବାହାଘର। କାଳବିଳମ୍ବ ନ କରି ଦୁଇଦିନ ମଧ୍ୟରେ ବାଲେଶ୍ୱରରେ ଯେମିତି ହେଲେ ପହଞ୍ଚିବ। ଅନ୍ୟାନ୍ୟ ସବୁ ସାକ୍ଷାତରେ। ତୁମର ପୁଅ ବିକ୍ରାନ୍ତ। ଚିଠିର ବିଷୟବସ୍ତୁ ଜାଣି ଉଲ୍ଲସିତ ହୋଇ ଉଠିଲେ ମା'। ଥରଥର କଣ୍ଠରେ କହିଲେ - ଶୁଭ ଖବର। ଡେରି କାହିଁକି। ଆସନ୍ତା କାଲି ପ୍ରଥମ ବସ୍‌ରେ ହିଁ ମୁଁ ବାଲେଶ୍ୱର ଯିବି।

ଗାନ୍ଧୀ ବୁଢ଼ୀର ନାତି ବାହାଘର ଖୁବ୍ ଧୁମ୍‌ଧାମ୍‌ରେ ସରିଲା। ବନ୍ଧୁବର୍ଗ, ସାହି ପଡ଼ିଶା, ଭୋଜିଭାତରେ ଆପ୍ୟାୟିତ ହେଲେ। ଚତୁର୍ଥୀ ପରେ ବନ୍ଧୁବର୍ଗ ଯେ ଯାହା ଘରକୁ ଯିବାପାଇଁ ବାହାରିଲେ। ଗାନ୍ଧୀ ବୁଢ଼ୀ ମଧ୍ୟ ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିଲେ। ତାହା ଦେଖି ପୁଅବୋହୂ ବାରଣ କରି ଅଷ୍ଟମଙ୍ଗଳା ପରେ ଯିବାକୁ କହିଲେ। ପୁଅବୋହୂ କାଳେ ମନ କଷ୍ଟ କରିବେ ଭାବି ସେ ରହିବା ପାଇଁ ରାଜି ହେଲେ। ବୋହୂ ଅଭିମାନ କରି କହିଲା - ମା' ନାତୁଣୀ ବୋହୂର ହାତରନ୍ଧା ନ ଖାଇ ଆପଣ କେମିତି ଯିବାକୁ ବାହାରିଥିଲେ। ଆହ୍ଲାଦିତ ହୋଇ ଶାଶୁ କହିଲେ - ହଉ ହେଲା। ତୁ ଆଉ ମନ ଦୁଃଖ କରନା! ଏଠାରେ କିଛି ଦିନ ରହି ବୋହୂ ରାନ୍ଧଣା ଖାଇବା ବୋଧେ ମୋ' ଭାଗ୍ୟରେ ଲେଖାଅଛି।

ନାତୁଣୀବୋହୂ ଦେଖିବାକୁ ଖୁବ୍ ସୁନ୍ଦର। କେତେ କାଳ ଧରି ବିହି ତାକୁ ଗଢ଼ିଥିଲା କେଜାଣି! କଥାବାର୍ତ୍ତା ବ୍ୟବହାର ଯେମିତି ମଧୁର, ପରଷୁଥିବା ହାତରନ୍ଧା ତତୋଽଧିକ ମଧୁର। ଭାବବିହ୍ୱଳିତ ହୋଇ ମା' କହିଲେ - ଭାଗ୍ୟରେ ଥିଲେ ଏମିତି ବୋହୂ ମିଳେ। ସଂସ୍କାରୀ ଘର ଝିଅ। ଧନ୍ୟ କହିବ ତା' ମାଆବାପାଙ୍କୁ!

କାହିଁକି କେଜାଣି ନାତୁଣୀବୋହୂ ପ୍ରତି ମାୟା ଜାଗିଲା ତାଙ୍କ ମନରେ। ଘରକୁ ନ ଯାଇ ଆଉ କିଛିଦିନ ରହିଯିବା ପାଇଁ ଇଚ୍ଛା ହେଉଥିଲା। ହେଲେ ଯିବାକୁ ତ ହେବ। ଜିନିଷପତ୍ର ସଜାଡୁଥିବା ସମୟରେ ଥାକରେ ଥିବା ଷ୍ଟିଲନିର୍ମିତ ଖିଲିକାତି ଉପରେ ତାଙ୍କର ନଜର ପଡ଼ିଲା। ବାହାଘର ଦିନ ନାତି ଟୋକା ନଡ଼ିଆ ସହିତ ଖିଲିକାତି ଧରି ବାହାହେବାକୁ ଯାଇଥିଲା। ଯଦିଓ ସେତେ ଦାମିକା ନୁହଁ, ଦେଖିବାକୁ ଚକ୍‌ଚକ୍ ସୁନ୍ଦର। ଠିକ୍ ନାତୁଣୀବୋହୂ ପରି। ମା' ନିୟମିତ ଭାବେ ପାନ ଖାଆନ୍ତି। ଭାବିଲେ ତାଙ୍କ ପାନ ଥାଳିରେ ଖିଲିକାତିଟି ଶୋଭାପାଇବ। ଖିଲିକାତିରେ ଗୁଆ କାଟୁଥିଲାବେଳେ ନାତୁଣୀବୋହୂ କଥା ମନେପଡ଼ିବ। ଅସହାୟତାର ଭାରିପଣ ଆପେ ଆପେ ଦୂରେଇ ଯିବ। ଲାଗିବ ଯେମିତି ନାତୁଣୀବୋହୂ କହୁଚି - ଜେଜେମା'! ମୁଁ ପରା ତମ ପାଖରେ ଅଛି, ମନ ଉଣା କାହିଁକି। ନିମିଷକେ ସବୁ ଅନ୍ଧାର ଦୂରେଇ ଯାଆନ୍ତା! ପୁଅ, ବୋହୂ କିମ୍ବା ଅନ୍ୟ କେହି ଏଠି ତ ପାନ ଖାଆନ୍ତି ନାହିଁ। ସେମାନଙ୍କର କି କାମରେ ବା ଆସିବ ଖିଲିକାତି। କାହାକୁ କିଛି ନ କହି ସେ ଖିଲିକାତି ତାଙ୍କ ପାନଥଳିରେ ପ୍ୟାକ୍ କରି ଘରକୁ ଯିବା ପାଇଁ ଉଦ୍ଦିଷ୍ଟ ବ୍ୟାଗ୍‌ରେ ରଖିଦେଲେ। ଅପରାହ୍ନ ତିନିଟାରେ ଘରକୁ ଯିବାପାଇଁ ବସ୍। ଶୀଘ୍ର ମଧ୍ୟାହ୍ନ ଭୋଜନ ସାରି ଘରକୁ ବାହାରିଲେ।



ମା' କିନ୍ତୁ ଜାଣି ନଥିଲେ ସେ ଖାଉଥିବା ସମୟରେ ସନ୍ଦେହୀ ବୋହୂ ତାଙ୍କ ବ୍ୟାଗ୍ ଯାଞ୍ଚ କରୁଥିଲା। ଶାଶୁ ଖିଲିକାତି ଚୋରାଇ ନେଇଥିବା କଥାଟା ବିକ୍ରାନ୍ତ କାନରେ ଫୋଡ଼ି ନାଟକ ଦେଖିବା ପାଇଁ ବେଶ୍ ଉତ୍ସୁକତାର ସହିତ ସେ ଅପେକ୍ଷା କରିଥିଲା।

ମା' ଘରକୁ ବାହାରୁଥିବା ସମୟରେ ବିକ୍ରାନ୍ତ ବ୍ୟାଗ୍ ଭିତରୁ ଖିଲକାତିଟି ବାହାର କରି ଆଣି କହିଲା - ମା' ତୁ ଏମିତି ଚୋରଣୀ ବୋଲି ମୁଁ ଜାଣି ନ ଥିଲି। ସବୁ ଚୋରି କରି ନେଇଯିବା ପାଇଁ ତୋର ଇଚ୍ଛା। ଛିଃ! ଲଜ୍ଜା ଲାଗୁନି। ମା'ଙ୍କ ମୁଣ୍ଡରେ ଯେମିତି ବଜ୍ର ପଡ଼ିଲା। କାନ୍ଦିକାନ୍ଦି ସେ କହିଲେ - କେତେ ବଡ଼ କଥା ନ କହିଲୁରେ ପୁଅ। ମୁଁ ତୋ ମା'। ତୋତେ ଅନ୍ତଫାଡ଼ି ଜନ୍ମ ଦେଇଛି। ସାମାନ୍ୟ ଗୋଟେ ଖିଲକାତି ନେବାର ଅଧିକାର କ'ଣ ମୋର ନାହିଁ। ସେଥିପାଇଁ ଅନୁମତି ନେବାକୁ ପଡ଼ିବ।

ପୁଅ ଚିତ୍କାର କରି କହିଲା - ହଁ, ଅନୁମତି ନେବାକୁ ପଡ଼ିବ। କାରଣ ଏଇଟା ମୋ' ଘର। ତୋ' ଘର ନୁହେଁ। ଏଠାରୁ କୌଣସି ଜିନିଷ ନେବାର ଅଧିକାର ତୋର ନାହିଁ।


ମା' କାନ୍ଥରେ ମୁଣ୍ଡ ବାଡ଼େଇ କାନ୍ଦିକାନ୍ଦି କହିଲେ - ଧନ୍ୟରେ ପୁଅ! ନଖାଇ, ନପିଇ, ଜମିବାଡ଼ି ବିକି, ଘର ବନ୍ଧାପକାଇ ତୋତେ ପାଠ ପଢ଼ାଇ ଡାକ୍ତର କରିଥିଲି। ଭଲ ପ୍ରତିଦାନ ଦେଲୁ! ଶେଷରେ ମା'କୁ ଚୋରଣୀ ସଜାଇ ଦେଲୁ!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦


ଯୋଗାଯୋଗ: E-mail:dharitrisahityayana@gmail.com

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩୦/୨୦୨୫ Bhubaneswar, Saturday, August 30/ 2025

# ବିଜୟ ସହ ଭାରତର ଅଭିଯାନ



ପେନାଲ୍ଟି କର୍ନରରୁ ଗୋଲ ଦେଉଛନ୍ତି ହରମନପ୍ରୀତ ସିଂ।

**ରାଜଗିରି, ୨୯।୮ (ପି.ଟି.)**

ଭାରତ ବିଜୟ ସହ ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ପୁଲ୍ 'ଏ'ର ଏକ ମ୍ୟାଚରେ ଦଳ ଚାଇନାକୁ ୪-୩ ଗୋଲ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ହରମନପ୍ରୀତ ୨୦ତମ, ୩୩ତମ ଓ ୪୭ତମ ମିନିଟ୍‌ରେ

## ଏସିଆ କପ୍ ହକି

୩ଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିବା ବେଳେ ଅନ୍ୟ ଗୋଲ୍‌ଟିକୁ ଯୁଗରାଜ ସିଂ ଖେଳର ୧୮ତମ ମିନିଟ୍‌ରେ ଦେଇଥିଲେ। ଚାଇନା ତରଫରୁ ଗୋଲ୍ ସ୍କୋରର ଥିଲେ ଡୁ ଶିହାଓ (୧୨ତମ), ଚେନ୍ ବେହାଇ (୩୫ତମ) ଓ ଗାଓ ଜିଶେଙ୍ଗ୍ (୪୨ତମ)। ମ୍ୟାଚର ପ୍ରଥମ କ୍ୱାର୍ଟରରେ ୦-୧ ଗୋଲ୍‌ରେ ପଛୁଆ ଥିବା ଭାରତ ଦୁଇ ମିନିଟରେ ଦୁଇଟି ଗୋଲ୍ ସ୍କୋର କରି ପ୍ରଥମାର୍ଦ୍ଧ ସୁଦ୍ଧା ୨-୧ରେ ଆଗୁଆ ରହିଥିଲା। ଶୁକ୍ରବାର ଖେଳାଯାଇଥିବା ପୁଲ୍ 'ଏ'ର ପ୍ରଥମ ମ୍ୟାଚରେ ଜାପାନ ୭-୦ ଗୋଲ୍‌ରେ କାଜାଖସ୍ତାନକୁ ପରାସ୍ତ କରିଛି। ଭାରତ-ଚାଇନା ମ୍ୟାଚ ଆରମ୍ଭ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉପସ୍ଥିତ ରହି ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ମେଜର ଧ୍ୟାନଚାନ୍ଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ରବିବାର ଜାପାନ ବିପକ୍ଷରେ ଖେଳିବ। ସେହିପରି ବାଂଲାଦେଶ ବିପକ୍ଷ ମ୍ୟାଚରେ ମାଲେସିଆ ୪-୧ ଗୋଲ୍‌ରେ ବିଜୟୀ ହୋଇଛି। ପୁଲ୍ 'ବି'ରେ ଗତଥରର ଚାମ୍ପିୟନ କୋରିଆ ୭-୦ ଗୋଲ୍‌ରେ ଚାଇନିଜ ତାଇପେକୁ ପରାସ୍ତ କରିଛି।

# ଓସାକା ତୃତୀୟ ରାଉଣ୍ଡରେ



ମ୍ୟାଚ ବିଜୟ ପରେ ନାଓମି ଓସାକା।

**ନ୍ୟୁୟର୍କ, ୨୯।୮ (ଏପି)**

ନାଓମି ଓସାକା ୨୦୨୧ ପରେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୩ତମ ସିଡ୍ ଜାପାନର ଓସାକା ଦ୍ୱିତୀୟ ରାଉଣ୍ଡରେ ହେଲି ବାପ୍ଟିଷ୍ଟଙ୍କୁ ୬-୩, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଓସାକା ଏପର୍ଯ୍ୟନ୍ତ ସୁଦ୍ଧା ତାଙ୍କର ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟ୍ରଫି ହାର୍ଡକୋର୍ଟରେ ହାସଲ କରିଛନ୍ତି। ତନ୍ମଧ୍ୟରୁ ଦୁଇଟି ୟୁଏସ୍ ଓପନ ଏବଂ ଅନ୍ୟ ଦୁଇଟି ଅଷ୍ଟ୍ରେଲିଆନ ଓପନରେ। ନ୍ୟୁୟର୍କରେ ୨୦୨୦ରେ ଟାଇଟଲ ବିଜୟୀ ହେବାପରେ ୨୦୨୧ରେ ତୃତୀୟ ରାଉଣ୍ଡ ଏବଂ ୨୦୨୨ରେ ପ୍ରଥମ ରାଉଣ୍ଡ ଏବଂ ଗତବର୍ଷ ଦ୍ୱିତୀୟ ରାଉଣ୍ଡରେ ପରାଜିତ ହୋଇଛନ୍ତି। ଗତମାସରେ ୱିମ୍ବଲଡନ ତୃତୀୟ ରାଉଣ୍ଡରୁ ବିଦାୟ ନେବା ପରେ ଓସାକା ତାଙ୍କ କୋଚ୍ ପ୍ୟାଟ୍ରିକ୍ ମୋରାଟୋଗ୍ଲୋଙ୍କଠାରୁ ଦୂରେଇ ଯାଇଥିଲେ। ତାଙ୍କ ସ୍ଥାନରେ ଟୋମାଜ ୱିକ୍‌ଟେରୋସ୍କିଙ୍କୁ ତାଙ୍କର ନୂଆ କୋଚ୍ କରିଛନ୍ତି। ୱିକ୍‌ଟେରୋସ୍କି ଇଗା ସ୍ୱିଟେକ୍‌ଙ୍କ କୋଚ୍ ଭାବେ କାର୍ଯ୍ୟ କରୁଥିଲେ।

## ମହିଳା ଡବଲ୍ସରେ ଭେନସଙ୍କ ବିଜୟ

ଭେନସ ୱିଲିୟମ୍ସ ୟୁଏସ୍ ଓପନ ମହିଳା ଡବଲ୍ସରେ ତାଙ୍କ ମ୍ୟାଚ ଜିତିଛନ୍ତି। ୨୦୧୪ ପରେ ଏଠାରେ ସେ ପ୍ରଥମ ବିଜୟ ହାସଲ କରିଛନ୍ତି। ସେତେବେଳେ ତାଙ୍କ ପାର୍ଟନର ଥିଲେ ସାନ ଭଉଣୀ ସେରେନା। ଏଥର କିନ୍ତୁ ତାଙ୍କର ପାର୍ଟନର ଅଛନ୍ତି ଲେଲା ଫର୍ନାଣ୍ଡିଜ। ୪୫ ବର୍ଷୀୟା ୱିଲିୟମ୍ସ ୧୬ ମାସ ଅନୁପସ୍ଥିତି ପରେ ଟୁର୍‌କୁ ଫେରିଛନ୍ତି। ସେ ଓ ଫର୍ନାଣ୍ଡିଜ ୬ଷ୍ଠ ସିଡ୍ ଯୋଡ଼ି ଲ୍ୟୁଦମିଲା କିଚେନକ୍ ଓ ଏଲେନ ପେରେଜଙ୍କୁ ୭-୬ (୪), ୬-୩ରେ ହରାଇ ଦେଇଛି। ଗୁରୁବାର ଉଭୟ ଇଗା ସ୍ୱିଟେକ ଓ ଜାନିକ ସିନର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛି। ସ୍ୱିଟେକ୍ ୬୬ ର୍‍ୟାଙ୍କିଙ୍ଗପ୍ରାପ୍ତ ଡଚ୍ ଖେଳାଳି ସୁଜାନ ଲାମେନ୍ସଙ୍କ ବିପକ୍ଷରେ ୬-୧, ୪-୬, ୬-୪ ସେଟ୍‌ରେ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ସିନର ୬-୩, ୬-୨, ୬-୨ରେ ଆଲେକ୍ସି ପପିରିନ୍‌ଙ୍କୁ ହରାଇ ଦେଇଛନ୍ତି, ଯିଏ କି ଗତବର୍ଷ ୟୁଏସ୍ ଓପନରେ ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରିଥିଲେ। ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ କୋକୋ ଗଫ୍ ୭-୬ (୫), ୬-୨ରେ ଡୋନା ଭେକିକ୍‌ଙ୍କୁ ପରାଜିତ କରିଛନ୍ତି। ଆମେରିକାର ଅନ୍ୟ ଜଣେ ଖେଳାଳି ଆମାଣ୍ଡା ଆନିସିମୋଭା ୭-୬ (୨), ୬-୨ରେ ମାୟା ଜଏଣ୍ଟଙ୍କୁ ପରାସ୍ତ କରିଛନ୍ତି।

# ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍: ସିନ୍ଧୁ, ଧ୍ରୁବ-ତନିଶା ଯୋଡ଼ିଙ୍କ ବିଦାୟ

**ପ୍ୟାରିସ, ୨୯।୮ (ପି.ଟି.)**

ବ୍ୟାଡମିଣ୍ଟ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଚାମ୍ପିୟନଶିପ୍‌ରେ ଭାରତର ଦୁଇଥର ଅଲିମ୍ପିକ ଦକ ବିଜେତା ପି. ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନ ତଥା ଇଭେଣ୍ଟରେ ୫ ଥର ପଦକ ବିଜେତା ସିନ୍ଧୁ ଏଠାରେ ରେକର୍ଡ ପୋଡିୟମ ଫିନିଶ ଲକ୍ଷ୍ୟରେ ଥିଲେ। ମାତ୍ର ସେ ୯ମ ସିଡ୍ ଇଣ୍ଡୋନେସିଆର ପୂର୍ତ୍ତି କୁସୁମା ୱାର୍ଦ୍ଧାନୀଙ୍କଠାରୁ ୧୪-୨୧, ୨୧-୧୩, ୧୬-୨୧ରେ ପରାଜିତ ହୋଇଯାଇଛନ୍ତି। ଏହା ପୂର୍ବରୁ ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ଧ୍ରୁବ କାପିଲା ଓ ତନିଶା କ୍ରାଷ୍ଟୋ ବିଶ୍ୱର ୪ ନମ୍ବର ତଥା ମାଲେସୀୟ ଯୋଡ଼ି ଚେନ୍ ତାଙ୍ଗ୍ ଜି ଓ ତୋ ଇ ୱି ଯୋଡ଼ିଙ୍କଠାରୁ ୧୫-୨୧, ୧୩-୨୧ରେ ହାରିଯାଇଛନ୍ତି। ଫଳତଃ ମିକ୍ସଡ ଡବଲ୍ସରେ ପ୍ରଥମ ପଦକ ହାସଲ କରିବା ଲାଗି ଭାରତ ଯେଉଁ ଆଶା ରଖିଥିଲା ତାହା ଧୂଳିସାତ୍ ହୋଇଯାଇଛି। ସୂଚନାଯୋଗ୍ୟ, ହାଇଦ୍ରାବାଦର ୩୦ ବର୍ଷୀୟା ସିନ୍ଧୁ ୨୦୧୩ରେ ତାଙ୍କର ପ୍ରଥମ ପଦକ ଗୁଆଙ୍ଗଝୋଠାରେ ହାସଲ କରିଥିଲେ। ଏହାର ବର୍ଷକ ପରେ ସେ ଆଉ ଏକ ବ୍ରୋଞ୍ଜ ପଦକ କୋପେନହାଗେନଠାରେ ଜିତିଥିଲେ। ଗ୍ଲାସ୍‌ଗୋ (୨୦୧୭) ଓ ନାନ୍‌ଜିଙ୍ଗଠାରେ ସେ ରନରଅପ୍ ହୋଇଥିବା ବେଳେ ୨୦୧୯ରେ ବାସେଲଠାରେ ସ୍ୱର୍ଣ୍ଣ ଜିତି ସେ ଇତିହାସ ସୃଷ୍ଟି କରିଥିଲେ। ଦୁଇଟି କ୍ରମାଗତ ଅଲିମ୍ପିକ୍ସରେ ପଦକ ଜିତିବାରେ ସିନ୍ଧୁ ହେଉଛନ୍ତି ଏକ ମାତ୍ର ଭାରତୀୟ। ୨୦୧୬ ରିଓରେ ସେ ଏକ ରୌପ୍ୟ ଏବଂ ୨୦୨୦ ଟୋକିଓରେ ସେ ବ୍ରୋଞ୍ଜ ଜିତିଥିଲେ। ଏହାଛଡ଼ା ସେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଏବଂ ସେହିବର୍ଷ ସିଙ୍ଗାପୁର ଓପନ ଟାଇଟଲ ଜିତିଥିଲେ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ